ବର୍ଷ-୨୬, ସଂଖ୍ୟା-୫୪
ଭୁବନେଶ୍ୱର
୨୪, ଫେବୃଆରୀ, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 54
Bhubaneswar
24 February, 2026 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat



ଚିନ୍ତାରେ ଟିମ୍ ଇଣ୍ଡିଆ

# ବିଜେଡି ଓ କଂଗ୍ରେସ ବିଧାୟକଙ୍କ ହଟ୍ଟଗୋଳ

## ଚାଲି ପାରିଲା ନାହିଁ ପ୍ରଶ୍ନକାଳ

ଭୁବନେଶ୍ୱର,,୨୩।୦୨(ମହାଭାରତ): ଓଡିଶା ବିଧାନସଭାର ଷଷ୍ଠ ଦିନରେ ମଧ୍ୟ ବିରୋଧୀ ଦଳର ବିଧାୟକ ମାନଙ୍କର ହଟ୍ଟଗୋଳ କାରଣରୁ ପ୍ରଶ୍ନକାଳ କାର୍ଯ୍ୟକ୍ରମ ଚାଲି ପାରି ନାହିଁ । ବିଜେଡି ବିଧାୟକ ମାନେ ଚାଷୀ ମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ହଟ୍ଟଗୋଳ କରିଥିଲେ । ସେହିପରି କଂଗ୍ରେସ ବିଧାୟକମାନେ ମଧ୍ୟ



ଅନ୍ୟଏକ ପ୍ରସଙ୍ଗକୁ ନେଇ ଗୃହରେ ହଟ୍ଟଗୋଳ କରିଥିଲେ। ଏହି କାରଣରୁ ବଜେଟ ଅଧିବେଶନର ଷଷ୍ଠ ଦିବସର ପ୍ରଥମାର୍ଧରେ ପ୍ରଶ୍ନକାଳ କାର୍ଯ୍ୟକ୍ରମ ହୋଇ ପାରି ନାହିଁ। ବାଚସ୍ପତି ଗୃହକୁ ପ୍ରଥମେ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ସେହିପରି ଶୂନ୍ୟକାଳରେ ମଧ୍ୟ ହଟ୍ଟଗୋଳ ହେବା କାରଣରୁ ବାଚସ୍ପତି ଗୃହକୁ ମୁଲତବୀ ରହିଲା ବୋଲି ଘୋଷଣା କରିବା ସହ ସର୍ବଦଳୀୟ ବୈଠକ ଡାକିଛନ୍ତି ।

ଚଳିତ ବିଧାନସଭାର ଷଷ୍ଠ ଦିନରେ ଶନିବାର ନିର୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସକାଳ ୧୦.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ବାଚସ୍ପତି ସୁରମା ପାଢୀ ପ୍ରଶ୍ନକାଳ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ । ମାତ୍ର ବିରୋଧୀଙ୍କ ପକ୍ଷରୁ ପ୍ରବଳ ହଟ୍ଟଗୋଳ କରାଯାଇଥିଲା । ଧାନମଣ୍ଡି ସମସ୍ୟା, ଧାନକିଣାରେ ଅନିୟମିତତା ଓ ଚାଷୀ ମାନଙ୍କର ଅନ୍ୟ ସମସ୍ୟାକୁ ନେଇ ନେଇ ବିଜେଡି ବିଧାୟକ ମାନେ ହଟ୍ଟଗୋଳ କରିଥିଲେ । ବାଚସ୍ପତି ସୁରମା ପାଢୀ ହଟ୍ଟଗୋଳ କରୁଥିବା ବିଧାୟକ ମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ । ହେଲେ ଏହାର କୌଣସି ପ୍ରକାର ପ୍ରଭାବ ବିରୋଧୀ ବିଧାୟକଙ୍କ ଉପରେ ପଡି ନ ଥିଲା । ଏହା ଫଳରେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ୧୦.୩୬ ମିନିଟରେ ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

୧୧.୩୦ରେ ଗୃହ କାର୍ଯ୍ୟ ପୁଣି ଥରେ ଆରମ୍ଭ ହେଲା ମାତ୍ରେ ଶୂନ୍ୟକାଳରେ ବିରୋଧୀ ବିଜେଡି ଓ କଂଗ୍ରେସ ଦଳର ବିଧାୟକ ମାନେ । ହଟ୍ଟଗୋଳ କରିଥିଲେ । ଏହି ସମୟରେ ସରକାରୀ ଦଳ ଓ ବିରୋଧୀ ଦଳର ବିଧାୟକ ମାନଙ୍କ ମଧ୍ୟରେ କଥା କଟାକଟି ହେବା ଦେଖିବାକୁ ମିଳିଥିଲା । ହଟ୍ଟଗୋଳ ଜାରି ରହିଥିବା କାରଣରୁ ବାଚସ୍ପତି ଗୃହକୁ ମୁଲତବୀ ରହିଲା ବୋଲି ଘୋଷଣା କରିବା ସହ ସର୍ବଦଳୀୟ ବୈଠକ ଡାକିଥିଲେ ।

# ରାଜ୍ୟରେ ସକ୍ରିୟ ଅଛନ୍ତି ୪୦ ମାଓବାଦୀ

## ଟଙ୍କା ଖିଆ ଅଧିକାରୀଙ୍କ ତାଲିକା ରଖିଲେ ମୁଖ୍ୟମନ୍ତ୍ରୀ, ୩୧୦ ଗିରଫ, ୨୨ଜଣଙ୍କ ସମ୍ପତ୍ତି ବାଜ୍ୟାପ୍ତି

ଭୁବନେଶ୍ୱର,୨୩।୦୨(ମହାଭାରତ): ରାଜ୍ୟରେ ସକ୍ରିୟ ଅଛନ୍ତି ୪୦ ଜଣ ମାଓବାଦୀ। କଳାହାଣ୍ଡି, ରାୟଗଡା, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର ଏବଂ ବରଗଡ ଜିଲ୍ଲାର କିଛି ଅଞ୍ଚଳରେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ବିଧାନସଭାରେ ଉତ୍ତର ରଖିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ମାଓବାଦୀ ସମସ୍ୟା ଜନିତ ସ୍ଥିତିରେ କ୍ରମାଗତ ଭାବରେ ଉନ୍ନତି ପରିଲକ୍ଷିତ ହୋଇଛି। ସାଂପ୍ରତିକ ସ୍ଥିତିରେ କେନ୍ଦ୍ର ସରକାରଙ୍କ ସୁରକ୍ଷା ସମ୍ବନ୍ଧୀୟ ଖର୍ଚ୍ଚ ଯୋଜନା ଅନୁଯାୟୀ କେବଳ କନ୍ଧମାଳ ଜିଲ୍ଲାକୁ ବାମପନ୍ଥୀ ଉଗ୍ରବାଦୀ ପ୍ରଭାବିତ ଜିଲ୍ଲା ବର୍ଗରେ ରଖାଯାଇଛି। ଅନ୍ୟ ୮ଟି ଜିଲ୍ଲା ଯଥା :- ମାଲକାନଗିରି, କୋରାପୁଟ, ନୂଆପଡା, ନବରଙ୍ଗପୁର, କଳାହାଣ୍ଡି, ରାୟଗଡା, ବୌଦ୍ଧ ଏବଂ ବଲାଙ୍ଗିର ଜିଲ୍ଲାକୁ ଲିଗାସୀ ଏବଂ ଥ୍ରଷ୍ଟ ଜିଲ୍ଲା ବର୍ଗରେ ରଖାଯାଇଛି। ଏବେ ରାଜ୍ୟରେ ପ୍ରାୟ ୪୦ଜଣ ସକ୍ରିୟ ମାଓବାଦୀ କଳାହାଣ୍ଡି, ରାୟଗଡା, କନ୍ଧମାଳ, ବୌଦ୍ଧ, ବଲାଙ୍ଗିର ଏବଂ ବରଗଡ ଜିଲ୍ଲାର କିଛି ଅଞ୍ଚଳରେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ କାର୍ଯ୍ୟ କରୁଛନ୍ତି ।ରାଜ୍ୟରେ ସକ୍ରିୟ ଅଛନ୍ତି ୪୦ ଜଣ ମାଓବାଦୀ। କଳାହାଣ୍ଡି, ରାୟଗଡା, କନ୍ଧମାଳ,



ବୌଦ୍ଧ, ବଲାଙ୍ଗୀର ଏବଂ ବରଗଡ ଜିଲ୍ଲାର କିଛି ଅଞ୍ଚଳରେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ବିଧାନସଭାରେ ଉତ୍ତର ରଖିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ମାଓବାଦୀ ସମସ୍ୟା ଜନିତ ସ୍ଥିତିରେ କ୍ରମାଗତ ଭାବରେ ଉନ୍ନତି ପରିଲକ୍ଷିତ ହୋଇଛି। ସାଂପ୍ରତିକ ସ୍ଥିତିରେ କେନ୍ଦ୍ର ସରକାରଙ୍କ ସୁରକ୍ଷା ସମ୍ବନ୍ଧୀୟ ଖର୍ଚ୍ଚ ଯୋଜନା ଅନୁଯାୟୀ କେବଳ କନ୍ଧମାଳ ଜିଲ୍ଲାକୁ ବାମପନ୍ଥୀ ଉଗ୍ରବାଦୀ ପ୍ରଭାବିତ ଜିଲ୍ଲା ବର୍ଗରେ ରଖାଯାଇଛି। ଅନ୍ୟ ୮ଟି ଜିଲ୍ଲା ଯଥା :- ମାଲକାନଗିରି, କୋରାପୁଟ, ନୂଆପଡା, ନବରଙ୍ଗପୁର, କଳାହାଣ୍ଡି, ରାୟଗଡା, ବୌଦ୍ଧ ଏବଂ ବଲାଙ୍ଗିର ଜିଲ୍ଲାକୁ ଲିଗାସୀ ଏବଂ ଥ୍ରଷ୍ଟ ଜିଲ୍ଲା ବର୍ଗରେ ରଖାଯାଇଛି। ଏବେ ରାଜ୍ୟରେ ପ୍ରାୟ ୪୦ଜଣ ସକ୍ରିୟ ମାଓବାଦୀ କଳାହାଣ୍ଡି, ରାୟଗଡା, କନ୍ଧମାଳ, ବୌଦ୍ଧ, ବଲାଙ୍ଗିର ଏବଂ ବରଗଡ ଜିଲ୍ଲାର କିଛି ଅଞ୍ଚଳରେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ କାର୍ଯ୍ୟ କରୁଛନ୍ତି।

ଅଧିକାରୀଙ୍କ ଶିରା ଶିରାରେ ଦୁର୍ନୀତି, ଆକ୍ସନ ମୋଡରେ ଭିଜିଲାନ୍ସ ବିଭାଗ । ବିଗତ ୫ବର୍ଷ ଠାରୁ ବର୍ତ୍ତମାନ ୩୧୦ଜଣ ସରକାରୀ କର୍ମଚାରୀ ଓ ଅଧିକାରୀ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଏବଂ ଆର୍ଥିକ କାରବାରରେ ଅନିୟମିତତା ସମ୍ପୃକ୍ତରେ ଗିରଫ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୨୨ଜଣ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହାଛଡ଼ା ସେମାନଙ୍କ ଠାରୁ ୪୦ କୋଟି ୮୪ ଲକ୍ଷ ୬୭ ହଜାର ୬୬୭ ଟଙ୍କା ଜବତ ହୋଇଛି । ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଏମିତି ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ସେ କହିଛନ୍ତି, ଦୁର୍ନୀତି ନିବାରଣ ବିଭାଗ ଗତ ତିନି ବର୍ଷ ଅର୍ଥାତ୍ ଜାନୁଆରୀ ୨୦୨୩ ଠାରୁ ଡିସେମ୍ବର ୨୦୨୫ ମଧ୍ୟରେ ୬୮୩ଟି ଦୁର୍ନୀତି ମାମଲା ରୁଜୁ କରିଛି । ଏଥିରୁ ୩୩୭ଟି ମାମଲାରେ ଦଣ୍ଡ ବିଧାନ ହୋଇଛି । ୬ଜଣ ଦୁର୍ନୀତିଖୋର ଅଧିକାରୀଙ୍କ ସମ୍ପତ୍ତି ସରକାର ବ୍ୟାଜ୍ୟାପ୍ତି କରିଛନ୍ତି । ଏହି ସମ୍ପତ୍ତିକୁ ଅନ୍ୟତ୍ରେ ବିନିଯୋଗ କରାଯାଇଛି । ଏଥିରେ ଗୋଟିଏ ସରକାରୀ ଉଦ୍ୟାନ କୃଷି ନର୍ସରୀ, ଗୋଟିଏ ସାର୍ବଜନୀନ ହୋମିଓପାଥିକ୍ ଡିସ୍ପେନସାରୀ, ତିନୋଟି ଅଙ୍ଗନୱାଡି କେନ୍ଦ୍ର, ଗୋଟିଏ କାର୍ଯ୍ୟରତ ମହିଳା ଛାତ୍ରାବାସ, ଗୋଟିଏ ଉପ ଡାକଘର ତିଆରି ହୋଇଛି । ଏହାଛଡ଼ା ୩୨,୫୦, ୮୪୪ ଟଙ୍କା ରାଜ୍ୟ କୋଷାଗାରରେ ଜମା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ବିଭାନସଭାରେ ଉତ୍ତର ରଖିଛନ୍ତି ।

### ଆଇଆରଏସ ଅଫିସରଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଘଟଣା

## ସହିଦ ନଗର ଥାନାରେ ପହଂଚିଲା ଜିଏସଟି ଆଣ୍ଡ ସେଂଟ୍ରାଲ ଏକ୍ସାଇଜ ଟିମ

ଭୁବନେଶ୍ୱର, ୨୩।୨(ମହାଭାରତ): ଆଇଆରଏସ ଅଫିସରଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଘଟଣା । ଘଟଣା ପଛରେ ସତ୍ୟାସତ୍ୟ ଜାଣିବା ପାଇଁ ସହିଦ ନଗର ଥାନାରେ ପହଁଚିଲା ଜିଏସଟି ଆଣ୍ଡ ସେଣ୍ଟ୍ରାଲ ଏକ୍ସାଇଜ ଟିମ । ସହିଦନଗର ଥାନା ଅଧିକାରୀଙ୍କ ସହ ଆଲୋଚନା କରିଛି ଟିମ୍ । ସେପଟେ ମହିଳା ନେତ୍ରୀ ମାନେ ବି ଡିସିପିଙ୍କୁ ଭେଟିବେ ।

# ମାର୍ଚ୍ଚ ୩୧ ସୁଦ୍ଧା ସମ୍ପତ୍ତି ତାଲିକା

ଭୁବନେଶ୍ୱର, ୨୩।୨(ମହାଭାରତ): ଯେଉଁ ସରକାରୀ ଚାକିରିଆ ବର୍ତ୍ତମାନ ସୁଦ୍ଧା ସମ୍ପତ୍ତି ତାଲିକା ଦାଖଲ କରି ନାହାନ୍ତି, ସେମାନେ ମାର୍ଚ୍ଚ ୩୧ ସୁଦ୍ଧା ସମ୍ପତ୍ତି ତାଲିକା ଦାଖଲ କରିବା ନିର୍ଦ୍ଦେଶ ଦିଆଯାଇଛି । ଗ୍ରୁପ ଏ' ଠାରୁ ଆରମ୍ଭ କରି ଗ୍ରୁପ୍ ଡି' ପର୍ଯ୍ୟନ୍ତ ସମସ୍ତଙ୍କୁ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପତ୍ତି ତାଲିକା ଦାଖଲ ନ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶ ନାମା ଜାରି କରାଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସବୁ ସରକାରୀ ବିଭାଗ, ଜଉଉ, ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି । ଐଜଗଙ୍ଫ ପୋର୍ଟାଲରେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଅପଲୋଡ୍ କରିବାକୁ ସରକାରୀ ଚାକିରିଆଙ୍କୁ ପରାମର୍ଶ ଦିଆଯାଇଛି।ସୂଚନାଯୋଗ୍ୟ ଯେ, ଗ୍ରୁପ ଏ' ଠାରୁ ଆରମ୍ଭ କରି ଗ୍ରୁପ୍ ଡି' ପର୍ଯ୍ୟନ୍ତ ସମସ୍ତ ସରକାରୀ ଚାକିରିଆ ନିଜର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ବିବରଣୀ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ଏଚ୍ଆରଏମଏସ ପୋର୍ଟାଲରେ ଜାନୁଆରୀ ୧ରୁ ଜାନୁଆରୀ ୩୧ ମଧ୍ୟରେ ଏହା ଦାଖଲ କରିବେ। କିନ୍ତୁ କେତେକ ସରକାରୀ ଚାକିରିଆ ଏ ପର୍ଯ୍ୟନ୍ତ ସମ୍ପତ୍ତି ତାଲିକା ଦାଖଲ କରି ନାହାନ୍ତି। ସେଥିପାଇଁ ସରକାରୀ ଏହି ତାରିଖ ସୀମାକୁ ବଢାଇଛନ୍ତି। ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମ୍ପତ୍ତି ତାଲିକା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ତାମିଲନାଡୁର ଚୂଡ଼ାନ୍ତ ମତଦାତା ତାଲିକା

# ବାହାରିଲେ ୯୭ ଲକ୍ଷ ଭୂତ ମତଦାତା

ନୂଆଦିଲ୍ଲୀ, ୨୩।୨(ମହାଭାରତ): ତାମିଲନାଡୁରେ ଭୋଟରଙ୍କ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପ୍ରାୟତଃ ଶେଷ ହେବାକୁ ବସିଛି । ଏସ୍ଆଇଆର୍ ପରେ ନିର୍ବାଚନ କମିଶନ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଅର୍ଚ୍ଚନା ପଟ୍ଟନାୟକ ସୋମବାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି । ବିଭିନ୍ନ ବର୍ଗ ଅଧୀନରେ ମୋଟ ୯୭ ଲକ୍ଷ ୩୭ ହଜାର ମତଦାତାଙ୍କ ନାମ ଭୋଟର୍ ତାଲିକାରୁ ବାଦ ଦିଆଯାଇଛି ।।

ଚେନ୍ନାଇରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ ଅଧିକାରୀ ଅର୍ଚ୍ଚନା ପଟ୍ଟନାୟକ ଯେ ଏବେ ତାମିଲନାଡୁରେ ୫ କୋଟି ୬୭ ଲକ୍ଷ ୭ ହଜାର ୩୮୦ ଜଣ ମତଦାତା ଅଛନ୍ତି । ଏଥିରେ ୨ କୋଟି ୭୭ ଲକ୍ଷ ୩୮ ହଜାର ୯୨୫ ପୁରୁଷ, ୨ କୋଟି ୮୯ ଲକ୍ଷ ୬୦ ହଜାର ୮୩୮ ମହିଳା ଏବଂ ୭ ହଜାର ୬୧୭ ତୃତୀୟ ଲିଙ୍ଗ ଭୋଟର ଅନ୍ତର୍ଭୁକ୍ତ । ଏସ୍ଆଇଆର୍ ପୂର୍ବରୁ ରାଜ୍ୟରେ ଭୋଟରଙ୍କ ସଂଖ୍ୟା ୬ କୋଟି ୪୧ ଲକ୍ଷ ଥିଲା। ୧୮-୧୯ ବୟସ ବର୍ଗର ୭ ଲକ୍ଷ ୪୦ ହଜାର ନୂତନ ଭୋଟରଙ୍କୁ ତାଲିକାରେ ଯୋଡା ଯାଇଛି । ବିଭିନ୍ନ ବର୍ଗର ମୋଟ ୯୭ ଲକ୍ଷ ୩୭ ହଜାର ଭୋଟରଙ୍କ ନାମ ବାଦ ଦିଆଯାଇଛି । ତାଲିକାରୁ ବାଦ୍ ପଡ଼ିଥିବା ନାମ ମୃତ ମତଦାତାଙ୍କର ବୋଲି ନିର୍ବାଚନ ଅଧିକାରୀ ସ୍ପଷ୍ଟ କରିଛନ୍ତି ।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ ପୂର୍ବକ 'ତାର୍କିକ ଅସଙ୍ଗତି' ବର୍ଗରେ ବାଦ ଦିଆଯାଇଥିବା ନାମଗୁଡ଼ିକୁ ବାଦ ଦେବାର କାରଣ ସହିତ ସାର୍ବଜନୀନ ଭାବରେ ପ୍ରଦର୍ଶିତ କରାଯିବା ଆବଶ୍ୟକ। ଏହି ତାଲିକାଗୁଡ଼ିକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସାର୍ବଜନୀନ ସ୍ଥାନ, ତାଲୁକା ଏବଂ ଉପ-ବିଭାଗ କାର୍ଯ୍ୟାଳୟ ଏବଂ ସହରାଞ୍ଚଳରେ ୱାର୍ଡ କାର୍ଯ୍ୟାଳୟରେ ପ୍ରଦର୍ଶିତ ହୋଇଥିଲା। ପ୍ରଭାବିତ ବ୍ୟକ୍ତିମାନଙ୍କୁ ଆପତ୍ତି ଦାଖଲ କରିବାକୁ କିମ୍ବା ସ୍ପଷ୍ଟୀକରଣ ଦାଖଲ କରିବାକୁ ୧୦ ଦିନ ସମୟ ଦିଆଯାଇଥିଲା। ତା'ପରେ ଜିଲ୍ଲା ନିର୍ବାଚନ ଅଧିକାରୀ ସେମାନଙ୍କ ନିଜ ନିଜ ଜିଲ୍ଲାରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ନଅଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରାୟ ଆଠ ପ୍ରତିଶତ ଭୋଟରଙ୍କ ନାମ ବାଦ ଦିଆଯାଇଛି । କିଛି ଦିନ ପୂର୍ବେ ପ୍ରକାଶିତ ଚୂଡ଼ାନ୍ତ ଭୋଟର ତାଲିକା ଅନୁଯାୟୀ, ପଡ଼ୋଶୀ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ମୋଟ ଭୋଟରଙ୍କ ସଂଖ୍ୟା ୯ ଲକ୍ଷ ୪୪ ହଜାର ୨୧୧ । ଶୋଲିଙ୍ଗାନାଲ୍ଲୁରରେ ମୋଟ ୫,୩୬,୯୯୧ ଭୋଟର ଅଛନ୍ତି, ଯେଉଁଥିରୁ ୨,୬୨,୬୨୧ ପୁରୁଷ ଭୋଟର, ୨,୭୪,୨୫୪ ମହିଳା ଭୋଟର ଏବଂ ୧୧୬ ତୃତୀୟ ଲିଙ୍ଗ ଭୋଟର।

## ରାଜ୍ୟ ସଭା ନେଇ ମନମୋହନଙ୍କ ମନ୍ତବ୍ୟ

ଭୁବନେଶ୍ୱର, ୨୩।୨(ମହାଭାରତ): ଭାଜପା କୋର କମିଟି ବୈଠକକୁ ନେଇ ମନମୋହନ ସାମଲ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ରାଜ୍ୟସଭା ନିର୍ବାଚନ ଉପରେ ଚର୍ଚ୍ଚା ହୋଇଛି। ରାଜ୍ୟ ସଭା କାହାକୁ ପଠାଯିବ କୋର୍ କମିଟି ସଦସ୍ୟ ନାଁ ପ୍ରସ୍ତାବ ଦେବେ। ସେଇ ନାଁ ଭାଜପା ପାର୍ଲିଆମେଣ୍ଟାରୀ କମିଟି ନିକଟକୁ ପଠାଯିବ। ଓଡ଼ିଶାରୁ ଯିବେ ନା ରାଜ୍ୟ ବାହାରୁ ଯିବେ ତାହା ସଂସଦୀୟ କମିଟି ନିଷ୍ପତ୍ତି ନେବ ବୋଲି ମନମୋହନ ସୂଚନା ଦେଇଛନ୍ତି। ବୋର୍ଡ ନିଗମ ପଦପଦବୀ ନେଇ ମଧ୍ୟ ଆଲୋଚନା ହୋଇଛି। ଆସନ୍ତା ୫ ଦିନ ଭିତରେ ସ୍ପଷ୍ଟ ହେବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

## ୮୩ ଥାନାରେ କାମ କରୁନି ସିସିଟିଭି

ଭୁବନେଶ୍ୱର, ୨୩।୨(ମହାଭାରତ): ରାଜ୍ୟର ଅନେକ ଥାନାରେ ନାହିଁ ସିସିଟିଭି । ୮୩ ଥାନାରେ କାମ କରୁନି ସିସିଟିଭି । ରାଜ୍ୟର ୭୦୬ ଥାନା ଅଛି, ସେଥିରୁ ୬୨୩ ଥାନାରେ ସମ୍ପୂର୍ଣ୍ଣ ସିସିଟିଭି ଲାଗି ସାରିଛି । ୫୫୩ ଥାନାରେ ଅପେକ୍ଷାକୃତ ଗୃହ ରହିଛି । ଭୁବନେଶ୍ୱରରେ ଦୁଇଟି ଥାନାରେ କାମ କରୁନି ସିସିଟିଭି । ସେହିପରି କଟକର ୩ ଥାନାରେ ସିସିଟିଭି ଅଚଳ, ଗୋଟିଏ ଥାନାରେ ଆଦୌ ଲାଗିନି ସିସିଟିଭି । ଏନେଇ ଗୃହରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉତ୍ତର ରଖିଛନ୍ତି ।

# ରାଜ୍ୟସଭା ପ୍ରାର୍ଥୀ ନେଇ ବଢ଼ିଲା ତାତି

ଭୁବନେଶ୍ୱର, ୨୩।୨(ମହାଭାରତ):: ରାଜ୍ୟସଭା ୪ ଆସନରେ କିଏ ହେବ ପ୍ରାର୍ଥୀ କେଉଁ ଦଳ କାହାକୁ ପ୍ରାର୍ଥୀ କରିବ, ସେ ନେଇ ରାଜନୈତିକ ତାତି ବିବାରେ ଲାଗିଛି । ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି, ପ୍ରତିଦିନ ନୂଆ ନୂଆ ସମୀକରଣ ଦେଖିବାକୁ ମିଳୁଛି । ଏଥିସହିତ ନେତାଙ୍କ ଭିନ୍ନ ଭିନ୍ନ ବୟାନବାଜି ମଧ୍ୟ ଶୁଣିବାକୁ ମିଳୁଛି । କିଛିଦିନ ଅସୁସ୍ଥତା ପରେ ସ୍ୱାଭାବିକ ହେଉଥିବା ବରିଷ୍ଠ କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତି ରାଜ୍ୟସଭା ନିର୍ବାଚନ ନେଇ ରୋଚକ ମନ୍ତବ୍ୟ ଦେଇଛନ୍ତି ।

ତାରା କହିଛନ୍ତି, ବିଜେଡି ଏବଂ ବିଜେପି ବିଧାୟକ ଆମ ସମ୍ପର୍କରେ ଅଛନ୍ତି । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ଚାମ୍ବରରେ ପିସିସି ସଭାପତି ଭକ୍ତଚରଣ ଦାସ ରୁଦ୍ଧଦ୍ୱାର ବୈଠକ କରିଛନ୍ତି । କଂଗ୍ରେସର ବିଧାୟକମାନେ କବାଟକିଳା ବୈଠକରେ ଶପଥ ନେଇଛନ୍ତି । ସେମାନେ କେବଳ କଂଗ୍ରେସ ପ୍ରାର୍ଥୀଙ୍କୁ ହିଁ ଭୋଟ ଦେବେ । ପିସିସି ସଭାପତି ନିଷ୍ପତ୍ତି ନେଇଛନ୍ତି, କଂଗ୍ରେସରୁ ପ୍ରାର୍ଥୀ ଦିଆଯିବ । ବିଜେପି ଯାହା ଭାବୁଛି, ବିଜେଡି ସହ ମିଶି ପ୍ରାର୍ଥୀ ଦେବେ, ତାଙ୍କର ଏହି ଗଣିତ ସଫଳ ହେବ ନାହିଁ । କଂଗ୍ରେସ ଯେଉଁ ପ୍ରାର୍ଥୀ ଦେବ, ତାକୁ ବିଜେଡିର କିଛି ବିଧାୟକ ସମର୍ଥନ ଦେବେ । ଏ ନେଇ ବିଚାର ବିମର୍ଶ ଚାଲିଛି । ରାହୁଲ ଗାନ୍ଧି ରାଜ୍ୟସଭା ପ୍ରାର୍ଥୀ ନେଇ ଆଲୋଚନା କରିବା ପାଇଁ ଡାକିବେ । ଭକ୍ତ ଦାସ ଶେଷ ନିଷ୍ପତ୍ତି ନେବେ ବୋଲି ତାରା କହିଛନ୍ତି ।

ସେହିପରି ବିଜେଡି ବିଧାୟକ ଯୋଗେଶ ସିଂ କହିଛନ୍ତି, ବିଜେପି ଘୋଡା ବେପାରରେ ସଫଳ ହେବନି । ଆମେ ଘୋଡା ବେପାର



କରୁ ନଥିଲୁ । ତେବେ ରାଜ୍ୟସଭା ପ୍ରାର୍ଥୀ କିଏ ହେବ ସେ ନିଷ୍ପତ୍ତି ଆମ ସଭାପତି ନେବେ । ବିଜେପି ବହୁତ କଥା କହିବ । ସେମାନେ କୁହାଳିଆ ସରକାର । ଭାଷଣବାଜିରେ ଏକ ନମ୍ବର । ହେଲେ କାର୍ଯ୍ୟକାରୀ କରିବାରେ ଫେଲ୍ । ଏମାନେ ପୁଞ୍ଜିପତି ସରକାର । ଏ ସରକାର ପୁଞ୍ଜିପତିମାନଙ୍କ କଣ୍ଟ୍ରୋଲରେ । ସେମାନେ ସବୁ ସିଟ୍ ନେବାକୁ ଉଦ୍ୟମ କରିବେ । ଆମେ ମଧ୍ୟ କରୁଥିଲୁ । ଆମେ ସେଥିରେ ସଫଳ ମଧ୍ୟ ହେଉଥିଲୁ । କାହାର କ୍ଷତି କରୁନଥିଲୁ । ନିୟମ ଅନୁସାରେ କରୁଥିଲୁ । ଆମେ ଘୋଡା ବେପାର କରୁନଥିଲୁ । ଏମାନେ ଘୋଡା ବେପାର କଲେ ମଧ୍ୟ ସଫଳ ହେବେ ନାହିଁ ବୋଲି ଶ୍ରୀ ସିଂ କହିଛନ୍ତି । ଯୁବ ବିଜେଡି ରାଜ୍ୟ ସଭାପତି ଚିନ୍ମୟ ସାହୁ କହିଛନ୍ତି, ଆମର ଗୋଟିଏ ଇଞ୍ଜିନ୍, ଗୋଟିଏ ନେତା । ନବୀନ ସବୁବେଳେ ସରପ୍ରାଇଜ୍ ଦିଅନ୍ତି । ଏଥର ରାଜ୍ୟସଭା ଆସନକୁ ନେଇ ବି ମାଷ୍ଟରଷ୍ଟ୍ରୋକ୍ ଖେଳିବେ ନବୀନ । ଆଉ ସେହି ମାଷ୍ଟରଷ୍ଟ୍ରୋକ୍‌ରେ ସମସ୍ତ ବିରୋଧୀ ଘାଇଲା ହୋଇଯିବେ ।

ଅପରପକ୍ଷେ ବିଜେପି ବିଧାୟକ ସରୋଜ କୁମାର ପାଢ଼ୀ କହିଛନ୍ତି, ତାରା ବାହିନିପତି ବାହାର ଦୁନିଆ ବିଷୟରେ ଜାଣିନାହାନ୍ତି । ଆମ ବିଧାୟକମାନେ କଂଗ୍ରେସ ସହ ନୁହେଁ, କଂଗ୍ରେସ ବିଧାୟକମାନେ ଆମ ସଂସ୍ପର୍ଶରେ ଅଛନ୍ତି । ଚତୁର୍ଥ ପ୍ରାର୍ଥୀ ଦେଲେ, କଂଗ୍ରେସର କିଛି ବିଧାୟକ ଆମକୁ ସମର୍ଥନ ଦେବେ । ପିସିସି ସଭାପତି ଯେତେ କବାଟ କିଳି ନିଜ ବିଧାୟକଙ୍କୁ ଶପଥ କରାନ୍ତୁ, କିନ୍ତୁ ଫଳ ଓଲଟା ହେବ ବୋଲି ଶ୍ରୀ ପାଢୀ କହିଛନ୍ତି । ଅନୁରୂପ ଭାବେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ ବିଜେପିର କୋର କମିଟି ବୈଠକରେ ରାଜ୍ୟସଭା ପ୍ରାର୍ଥୀ ନେଇ ଆଲୋଚନା ପରେ ଯାହା ନିର୍ଯ୍ୟାସ ବାହାରିବ ତାହା ସଂସଦୀୟ ବୋର୍ଡକୁ ପଠାଯିବ ।

## ମାଟ୍ରିକ ପରୀକ୍ଷା ଖରାପ ହେଲା ବୋଲି ଝୁଲି ପଡିଲେ ଛାତ୍ରୀ

ବ୍ରହ୍ମପୁର, ୨୩।୨(ମହାଭାରତ): ଚଳିତବର୍ଷ ମାଟ୍ରିକ ପରୀକ୍ଷାର ଇଂରାଜୀ ବିଷୟରେ ଖରାପ ପ୍ରଦର୍ଶନ ଯୋଗୁଁ ମାନସିକ ଭାରସାମ୍ୟ ହରାଇ ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ବ୍ରହ୍ମପୁର ସହର ଶ୍ରୀରାମନଗରରେ ଏହି ଘଟଣା ଘଟିଛି। ମୃତ ଛାତ୍ରୀ ଜଣଙ୍କ ହେଲେ କାଳିଆ ସାହୁ ଓ ଲକ୍ଷ୍ମୀ ସାହୁଙ୍କ ଝିଅ ଶ୍ରୀୟା ସାହୁ। ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ବ୍ରହ୍ମପୁର-୨ରେ ଦଶମ ଶ୍ରେଣୀରେ ପଢୁଥିବା ଶ୍ରୀୟା ଏନସିସି କ୍ୟାଡେଟ୍ ଭାବେ ନିଜର ଭବିଷ୍ୟତ ଗଢିବାକୁ ଲକ୍ଷ୍ୟ ରଖିଥିଲେ।

ସୂଚନା ଅନୁସାରେ ଶ୍ରୀୟା ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେଉଥିଲେ। ପିଏମଶ୍ରୀ ଭିଭିଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ତାଙ୍କ ପରୀକ୍ଷା କେନ୍ଦ୍ର ରହିଥିଲା। ପ୍ରଥମ ଦିନ ସେ ପରୀକ୍ଷା ଦେଇ ସହପାଠୀଙ୍କ ସହ ଘରକୁ ଫେରିଥିଲେ। ଶନିବାର ଇଂରାଜୀ ପରୀକ୍ଷା ଦେବାକୁ ପୁଣିଥରେ ପରୀକ୍ଷା କେନ୍ଦ୍ରକୁ ଆସିଥିଲେ। ଇଂରାଜୀ ପରୀକ୍ଷା ଖରାପ ହେବା ଯୋଗୁ ଶ୍ରୀୟା ମାନସିକ ଚାପରେ ରହିଥିଲେ। ଘରକୁ ଫେରିବା ପରେ ଇଂରାଜୀ ବିଷୟରେ ଅନେକ ଉତ୍ତର ଲେଖିପାରିନଥିବା ନେଇ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ସନ୍ଧ୍ୟାରେ ପରିବାର ଲୋକେ ବାହାରକୁ ଯିବା ପରେ ଶ୍ରୀୟା ନିଜ ବେକରେ ଚୁନି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ଘରକୁ ଫେରିବା ପରେ ଶ୍ରୀୟାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ବଙ୍ଗଳା ଏବଂ ହିନ୍ଦୀରେ ଲିଖିତ ଖୋଲା ଚିଠି

କୋଲକାତା, ୨୩।୨(ମହାଭାରତ): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ, ଭାରତୀୟ ଜନତା ପାର୍ଟି (ବିଜେପି)ର ରାଜ୍ୟ ୟୁନିଟ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଲିଖିତ ଏକ ଖୋଲା ଚିଠିର ଏକ ବିଶାଳ ବଂଟନ ଅଭିଯାନ ଆରମ୍ଭ କରିଛି। ବଙ୍ଗଳା ଏବଂ ହିନ୍ଦୀରେ ପ୍ରସ୍ତୁତ ଏହି ଚିଠିଟି ରାଜ୍ୟବ୍ୟାପୀ ଭୋଟରଙ୍କୁ ବଂଟନ କରାଯାଉଛି। ପ୍ରଧାନମନ୍ତ୍ରୀ ମୋଦୀ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର ଏବଂ ଶାସକ ଅଖିଳ ଭାରତୀୟ ତୃଣମୂଳ କଂଗ୍ରେସ ଉପରେ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାର ଲାଭରୁ ଲୋକଙ୍କୁ ବଂଚିତ କରିବାର ଅଭିଯୋଗ ଆଣିଛନ୍ତି। ସେ ଏହା ମଧ୍ୟ ଦାବି କରିଛନ୍ତି ଯେ ରାଜ୍ୟ ପ୍ରଶାସନର କଥିତ ବାଧା ସତ୍ତ୍ୱେ, ଅନେକ ଲୋକ ଏହି ଯୋଜନାରୁ ଉପକୃତ ହୋଇଛନ୍ତି।ପ୍ରଧାନମନ୍ତ୍ରୀ ଚିଠିରେ ଲେଖିଛନ୍ତି ଯେ ପଶ୍ଚିମବଙ୍ଗର ନିର୍ବାଚନୀ ଗତିବିଧି କିଛି ମାସ ମଧ୍ୟରେ ନିର୍ଣ୍ଣୟ କରାଯିବ, ଏବଂ ଭୋଟରଙ୍କ ବିଚାରିତ ନିଷ୍ପତି ରାଜ୍ୟର ଭବିଷ୍ୟତ ପିଢ଼ିର ଭବିଷ୍ୟତ ନିର୍ଣ୍ଣୟ କରିବ।

# ଯୋଡ଼ାଯିବ ଆଉ ୬୦୦ ଇ-ବସ୍

ଭୁବନେଶ୍ୱର ୨୩।୨(ମହାଭାରତ): ସହରାଞ୍ଚଳ ପରିବହନ ପାଇଁ ୪୨୧ କୋଟି ଟଙ୍କାର ବ୍ୟୟବରାଦ ହେବାପରେ ଏବେ ଅଧିକରୁ ଅଧିକ ସଂଖ୍ୟକ ପରିବେଶ ଅନୁକୂଳ ଇ-ବସ୍ ଆଣିବାପାଇଁ ସରକାର ଅଣ୍ଟା ଭିଡିଛନ୍ତି । ରାଜ୍ୟରେ ଚାଲୁଥିବା ଇ-ବସ୍ ତାଲିକାରେ ଆଉ ୬୦୦ ଇ-ବସ୍ ଯୋଡାଯିବ ବୋଲି ସୂଚନା ମିଳିଛି ।ରାଜ୍ୟରେ ସହରାଞ୍ଚଳ ପରିବହନ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଓଡିଶା ସରକାର ୨୦୨୬-୨୭ ବଜେଟରେ ୪୨୧ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି । ଏହି ପଦକ୍ଷେପ ମାଧ୍ୟମରେ ରାଜ୍ୟରେ



ଇ-ବସ୍ ସେବା ଏବଂ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ବ୍ୟାପକ କରାଯିବ । ରାଜ୍ୟ ସରକାର ୬୦୦ ଇ-ବସ୍ କିଣିବାକୁ ଯୋଜନା କରୁଥିବାବେଳେ ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନାରେ ରାଜ୍ୟକୁ ଆଉ ୪୦୦ ଇ-ବସ୍ ଆସିବ ବୋଲି ଜଣାପଡିଛି । ଏହା ଫଳରେ ରାଜ୍ୟରେ ଆମ ବସ୍‌ସେବାର କଳେବର ବୃଦ୍ଧି ପାଇବା ସହିତ ସହରାଞ୍ଚଳରେ ଏହା ଅଧିକରୁ ଅଧିକ ଲୋକଙ୍କୁ ସେବା ଯୋଗାଇବ । ଉଲ୍ଲେଖନୀୟ ଯେ କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ଦ୍ୱାରା ପରିଚାଳିତ ଆମ୍ ବସ୍ ସେବା ଏବେ ଦୈନିକ ୩ଲକ୍ଷରୁ ଅଧିକ ଯାତ୍ରୀଙ୍କୁ ପରିବହନ କରୁଛି । ଆମ ବସ୍‌ରେ ଯାତାୟତ କରୁଥିବା ଯାତ୍ରୀଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ଡିଜିଟାଲ୍ ମାଧ୍ୟମରେ ଦେୟ ପ୍ରଦାନ କରୁଛନ୍ତି ଯାହା ସରକାରଙ୍କ ଡିଜିଟାଲ ଇଣ୍ଡିଆକୁ ଅଧିକ ସୁଦୃଢ କରୁଛି ।ସେହିଭଳି ଯାତ୍ରୀମାନଙ୍କୁ ଘରୁ ବସ୍‌ଷ୍ଟାଣ୍ଡ ଏବଂ ବସ୍‌ଷ୍ଟାଣ୍ଡରୁ ଗନ୍ତବ୍ୟ ସ୍ଥଳ ପର୍ଯ୍ୟନ୍ତ ପରିବହନ ସେବା ଯୋଗାଇବା ପାଇଁ ଆମ ଇ-ରାଇଡ୍ ସେବାକୁ ଅଧିକ ସୁଦୃଢ଼ କରାଯାଉଛି କ୍ଷ 'ଓଡିଶା ଯାତ୍ରା ପ୍ଲାଟଫର୍ମ ମାଧ୍ୟମରେ ରୁଟ୍ ଅପ୍ଟିମାଇଜେସନ୍ ଓ ଡିଜିଟାଲ କାରବାରକୁ ପ୍ରୋତ୍ସାହନ ଦିଆଯାଉଛି । ବଜେଟରେ ଅର୍ଥବରାଦ ଓ ନୂତନ ପଦକ୍ଷେପ ସଂକ୍ରାନ୍ତରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଏହି ବଜେଟ୍ ଆମ ସରକାରଙ୍କ ଲୋକ-କୈନ୍ଦ୍ରିକ ବିକାଶର ପ୍ରତିଫଳନ । ଆମ ବସ୍ ଓଡିଶାରେ ସାଧାରଣ ପରିବହନର ସଂଜ୍ଞା ବଦଳାଇଦେଇଛିଆମେ କେବଳ ସଂଯୋଗୀକରଣ ବାଢାଉନାହୁଁ ବରଂ ଭବିଷ୍ୟତ ପାଇଁ ଏକ ସ୍ୱଚ୍ଛ ଓ ସବୁଜ ସହର ନିର୍ମାଣ କରୁଛୁ । ଆମ ବସ୍ ସେବାରେ ଅଧିକରୁ ଅଧିକ ଇ-ବସ୍ ସାମିଲ କରି ଆମେ ସହରାଞ୍ଚଳ ପରିବହନକୁ ଅଧିକ ସୁଲଭ ଏବଂ ପରିବେଶ ଅନୁକୂଳ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀମତୀ ଉଷା ପାଢୀ କହିଛନ୍ତି । ବଜେଟରେ ରାଜ୍ୟ ସରକାର ସହରାଞ୍ଚଳ ପରିବହନକୁ ଯେଭଳି ଅଗ୍ରାଧିକାର ପ୍ରଦାନ କରିଛନ୍ତି ତାହା ଆଗାମୀ ଦିନରେ ସହରାଞ୍ଚଳ ପରିବହନ ବ୍ୟବସ୍ଥାକୁ କେବଳ ସୁସଂଗତ କରିବନାହିଁ, ଦେଶରେ ଅନନ୍ୟ ଉଦାହରଣ ସୃଷ୍ଟି କରିବ ବୋଲି ଶ୍ରୀମତୀ ପାଢୀ କହିଛନ୍ତି ।

# କମୁଛି ଅପରାଧ, ଅପରାଧିକ ଗ୍ରାଫ୍ ତଳ ମୁହାଁ

ଭୁବନେଶ୍ୱର,୨୩।୨(ମହାଭାରତ): ରାଜ୍ୟରେ କମୁଛି ଅପରାଧ, ଅପରାଧିକ ଗ୍ରାଫ ତଳ ମୁହାଁ । ଫେବୃଆରୀ ୨୦୨୩ ରୁ ଜୁନ ୨୦୨୪ ତୁଳନାରେ ଜୁଲାଇ ୨୦୨୪ ରୁ ଡିସେମ୍ବର ୨୦୨୫ ମଧ୍ୟରେ ରାଜ୍ୟରେ କମିଛି ଅପରାଧ । ଦୁଷ୍କର୍ମ ମାମଲା ୩.୫ ପ୍ରତିଶତ ହ୍ରାସ, ଅସଦାଚରଣ ମାମଲା ୨.୨ ପ୍ରତିଶତ ହ୍ରାସ, ସର୍ବସାଧାରଣ ସ୍ଥାନରେ ମହିଳାଙ୍କୁ ଦୁର୍ବ୍ୟବହାର ୨୬.୮ ପ୍ରତିଶତ ହ୍ରାସ, ଯୌତୁକ ଜନିତ ହତ୍ୟା ମାମଲା ୮.୩ ପ୍ରତିଶତ ହ୍ରାସ ପାଇଛି । ସେହିପରି ମହିଳାଙ୍କ ଉପରେ ଏସିଡ଼ ମାଡ଼ ୭୩.୩ ପ୍ରତିଶତ ହ୍ରାସ, ଅଣ ଯୌତୁକ ନିର୍ଯ୍ୟାତନା ମାମଲା ୧.୬ ପ୍ରତିଶତ ହ୍ରାସ, ହତ୍ୟା ମାମଲା ୭.୪ ପ୍ରତିଶତ ହ୍ରାସ ପାଇଛି । ସେହିପରି ମହିଳା ହିଂସା ମାମଲା ସାମଗ୍ରିକ ଭାବେ ପ୍ରାୟତଃ ସ୍ଥିର ରହିଛି ।

୨୦୨୫ ମସିହାର ମହିଳା ହିଂସା ତଥ୍ୟ । ଦୁଷ୍କର୍ମ ୨୯୯୪, ଦୁଷ୍କର୍ମ ଉଦ୍ୟମ ୧୧୫, ମହିଳା ଅପହରଣ ୭୩୭୮, ମହିଳା ଚାଲାଣ ୪୪୦, ଅସଦାଚରଣ ୭୩୮୨, ଯୌନ ନିର୍ଯ୍ୟାତନା ୧୧୮୩, ସର୍ବସାଧାରଣ ସ୍ଥାନରେ ମହିଳାଙ୍କୁ ଦୁର୍ବ୍ୟବହାର ୧୪୪୮, ଖରାପ ଉଦ୍ଦେଶ୍ୟ ରଖି ମହିଳାଙ୍କୁ ପିଛା କରିବା ୪୮୫, ଏସିଡ ଆକ୍ରମଣ ଉଦ୍ୟମ ୧ ରହିଛି । ମହିଳା ଚାଲାଣ ୧୧୧, ଅଶୀଳ ଇଙ୍ଗିତ ୭୫୭, ଯୌତୁକ ଜନିତ ନିଆଁ ପୋଡ଼ି ୧୪୫, ଯୌତୁକ ଜନିତ ଆତ୍ମହତ୍ୟା ୭୭, ଯୌତୁକ ଜନିତ ନିର୍ଯ୍ୟାତନା ୪୩୬୧ ଓ ବଧୂ ନିର୍ଯ୍ୟାତନା ୫୪୧୯ ରହିଛି । ସେହିପରି ୨୦୨୫ ବର୍ଷ ରେ ମୋଟ ୧୩୦୪ ଟି ହତ୍ୟାକାଣ୍ଡ ଘଟିଛି । ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ୨୦୨୫ ମସିହାରେ ୭୩ ହଜାର ୧୪୮ ମାମଲା ରୁଜୁ ହୋଇଥିବା ବେଳେ ସେଥିମଧ୍ୟରୁ ୨୭ ହଜାର ୭୧୩ ମାମଲା ଫଇସଲା ହୋଇଛି । ଏନେଇ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।

## କଖାରୁ ଫୁଲ ଅଣ୍ଡା ଚପ୍

ଆବଶ୍ୟକ ସାମଗ୍ରୀ: ଲୁଣ, କଟା ଟମାଟୋ, କଖାରୁ ଫୁଲ, ସିଝା ଅଣ୍ଡା, କଟା ପିଆଜ, ଧନିଆପତ୍ର, ଲେମ୍ବୁ, ଚପ ମସଲା, ଜଲଜିରା ପାଉଡର, ଚାଉଳ ପିଠଉ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଅଣ୍ଡାକୁ ସିଝାଇ ରଖନ୍ତୁ ଓ ଚାଉଳ ପିଠଉରେ ଲୁଣ, ଲଙ୍କାଗୁଣ୍ଡ ଓ ହଳଦୀଗୁଣ୍ଡ ଗୋଳାଇ ରଖନ୍ତୁ। ଏହାପରେ ସିଝାଅଣ୍ଡାକୁ ଛୋଟ ଛୋଟ କାଟି ସେଥିରେ କଟା ପିଆଜ, କଟା ଟମାଟୋ, ଧନିଆପତ୍ର, ଲେମ୍ବୁ ରସ, ଚପ ମସଲା ଓ ଜଲଜିରା ପାଉଡର ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। କଖାରୁ ଫୁଲ ଭିତରେ ପ୍ରସ୍ତୁତ ହୋଇଥିବା ଅଣ୍ଡା ଚପ ମସଲାର ପୁରକୁ ପୁରାଇ ରଖନ୍ତୁ। ଗ୍ୟାସ ଲଗାଇ ତାୱାରେ ତେଲ ଗରମ କରି ଅଣ୍ଡା ପୁର ଦିଆ କଖାରୁ ଫୁଲକୁ ଚାଉଳ ପିଠଉରେ ଗୋଳାଇ ସେକନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର କଖାରୁ ଫୁଲ ଅଣ୍ଡା ଚପ। ଏହାକୁ ଆପଣ ଗରମା ଗରମ ଖାଇପାରିବେ।



ଖବର

## ରୟାଲ ୱେଡିଂ ପାଇଁ ଉଦୟପୁରରେ ପହଞ୍ଚିଲେ ରଶ୍ମିକା-ବିଜୟ,



ସାଉଥ ସିନେମାର ଚର୍ଚ୍ଚିତ ଷ୍ଟାର ରଶ୍ମିକା ମନ୍ଧାନା ଏବଂ ବିଜୟ ଦେବରକୋଣ୍ଡାଙ୍କ ବିବାହକୁ ନେଇ ଚର୍ଚ୍ଚା । ଉଦୟପୁରରେ ପହଞ୍ଚିଛନ୍ତି ରଶ୍ମିକା ଓ ବିଜୟ। ୨୬ ଫେବ୍ରୁଆରୀରେ ଗ୍ରାଣ୍ଡ୍ ୱେଡିଂ। ଉଦୟପୁରରେ ଦୁହିଁଙ୍କ କ୍ରେଜ୍। ରାଜକୀୟ ଷ୍ଟାଇଲରେ ହେବ ବିବାହ ଉତ୍ସବ । ଆରମ୍ଭ ହେଲା ପ୍ରି-ୱେଡିଂ ଉତ୍ସବ। ଦକ୍ଷିଣ ଭାରତୀୟ ସିନେମାର ସବୁଠାରୁ ପ୍ରିୟ ଯୋଡ଼ି ରଶ୍ମିକା ମନ୍ଧାନା ଏବଂ ବିଜୟ ଦେବରକୋଣ୍ଡା ।ସୋମବାର ସକାଳେ ରଶ୍ମିକା ଓ ବିଜୟ ହାଇଦ୍ରାବାଦରୁ ଆସି ଉଦୟପୁର ଏୟାରପୋର୍ଟରେ ପହଞ୍ଚିଛନ୍ତି । ରଶ୍ମିକା ଏକ ଫର୍ମାଲ୍ ପୋଷାକରେ ବହୁତ ସୁନ୍ଦର ଦେଖାଯାଉଥିବା ବେଳେ ବିଜୟ ଏକ ନୂଆ ହେୟାରଷ୍ଟାଇଲ୍ ରେ ନଜର ଆସିଛନ୍ତି । ଉଭୟ ୨୨ ଫେବ୍ରୁଆରୀରେ ସୋସିଆଲ ମିଡିଆରେ ନିଜ ବିବାହ ଘୋଷଣା କରିଥିଲେ । ଆସନ୍ତା ଗୁରୁବାର ଦିନ ଏକ ଘରୋଇ ଉତ୍ସବରେ ସେମାନେ ବିବାହ ବନ୍ଧନରେ ଆବଦ୍ଧ ହେବେ ।ଉଦୟପୁରର ଅରାବଳୀ ପାହାଡ଼ କୋଳରେ ଥିବା ବିଳାସପୂର୍ଣ୍ଣ ହୋଟେଲ 'ମେମେଣ୍ଟୋସ ବାଏ ଆଇଟିସି' ରେ ଏହି ବିବାହ ଅନୁଷ୍ଠିତ ହେବ । ଏହି ହୋଟେଲଟିକୁ ୨୫ରୁ ୨୮ ଫେବୃଆରୀ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବୁକ୍ କରାଯାଇଛି ।

## ମହାଭାରତ : ପ୍ରତିଶୋଧ ଭାବନା କ୍ଷତିକାରକ



ଜଉ ଘରରୁ ଜୀବନ ରକ୍ଷା କରି ଜଙ୍ଗଲରେ ବୁଲୁଥିବା ପାଣ୍ଡବମାନଙ୍କୁ ଅଙ୍ଗାରପର୍ଣ୍ଣ ନାମରେ ଗନ୍ଧର୍ବ ପ୍ରସିଦ୍ଧ ଋଷି ବଶିଷ୍ଠଙ୍କ ପୁତ୍ର 'ଶକ୍ତି'ଙ୍କ କଥା ଶୁଣାଇଥିଲା। ଋଷି ବଶିଷ୍ଠ ରାମାୟଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଥରେ ତାଙ୍କ ପୁତ୍ର ଶକ୍ତି ଜଙ୍ଗଲରେ ଯାଉଥିବା ସମୟରେ ବାଟରେ ଏକ ଝରଣା ପଡ଼ିଲା। ସେହି ଝରଣାରେ ଖୁବ୍ ଅଣଓସାରିଆ ପୋଲଟିଏ ଥିଲା। ସେ ପୋଲ ଉପରକୁ ଚଢ଼ିବା ସମୟରେ ସମ୍ମୁଖରୁ ରାଜା କଳ୍ମାଷପାଦ ପୋଲର ବିପରୀତ ଦିଗରକୁ ଆସୁଥିବା ଦେଖିପାରିଲେ। ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କୁ ହେଲେ ପଛକୁ ହଟିବାର ଥିଲା। ରାଜା ଶକ୍ତିଙ୍କୁ କହିଲେ, ମୁଁ ପ୍ରଥମେ ଆସିଛି, ତେଣୁ ତୁମେ ମୋତେ ରାସ୍ତା ଦିଅ। କିନ୍ତୁ ଶକ୍ତି ନିଜ ପିତାଙ୍କ ପ୍ରତିଷ୍ଠାର ଅହଂକାରରେ ମଦମତ୍ତ ହୋଇ ଶକ୍ତିଙ୍କୁ କହିଲା, ପ୍ରଥମେ ତୁମେ ରାସ୍ତା ଦିଅ। କାରଣ ମୁଁ ଜଣେ ବ୍ରାହ୍ମଣ ଏବଂ ମୁଁ ତୁମ ଠାରୁ ଉଚ୍ଚରେ । ହେଲେ ରାଜା ତାଙ୍କ କଥା ଶୁଣିଲେ ନାହିଁ। କ୍ରୋଧିତ ହୋଇ ରାଜାଙ୍କୁ ରାକ୍ଷସ ହୋଇଯିବା ଲାଗି ଅଭିଶାପ ଦେଲେ ଶକ୍ତି। ରାଜା ତୁରନ୍ତ ଏକ ନରଭକ୍ଷୀ ରାକ୍ଷସ ହୋଇଗଲେ। ଏହାପରେ ସେ ଶକ୍ତିଙ୍କୁ ଖାଇଦେଲେ । ନିଜ ପୁତ୍ରକୁ ହରାଇ ମହର୍ଷି ବଶିଷ୍ଠ ନିରାଶ ଥିଲେ। ତାଙ୍କର ଦୁଃଖ ଥିଲା ଯେ ସେ ହିଁ ନିଜ ପୁତ୍ରକୁ ବରଦାନ ଏବଂ ଅଭିଶାପ ଦେବାର ଶକ୍ତି ଦେଇଥିଲେ। ଯେଉଁ ଶକ୍ତିର ସେ ଦୁରୁପଯୋଗ କରି ନିଜେ ହିଁ ତାହାର ଶିକାର ହେଲେ। ଶକ୍ତିଙ୍କ ପୁତ୍ର ପରାଶର ନିଜ ଜେଜେବାପା ବଶିଷ୍ଠଙ୍କ ସଂରକ୍ଷଣରେ ବଡ଼ ହେଲେ। ବଡ଼ ହେବା ପରେ ନିଜ ପିତାଙ୍କ ସହ ଘଟିଥିବା ଘଟଣା ସମ୍ପର୍କରେ ସେ ଅବଗତ ହେଲେ। ଏହାପରେ ସେ ପ୍ରତିଶୋଧ ନେବାକୁ ବାହାରିଲେ । ସେ ଏକ ଯଜ୍ଞ ଆୟୋଜନ କରିବାର ଯୋଜନା କଲେ । ଏହି ଯଜ୍ଞ ଦ୍ୱାରା ସମସ୍ତ ନରଭକ୍ଷୀ ଆଦିମ ମନୁଷ୍ୟ ଅଗ୍ନିରେ ପଡ଼ି ପ୍ରାଣ ହରାଇବେ। ହେଲେ ବଶିଷ୍ଠ ତାଙ୍କୁ ତାହା କରିବା ଲାଗି ବାରଣ କଲେ। ବଶିଷ୍ଠ କହିଲେ ଯେ ତୁମର ପିତା ଜଣଙ୍କୁ ଅଭିଶାପ ଦେଲେ ଏବଂ ସେହି ଅଭିଶାପ ହିଁ ତାଙ୍କୁ ମାରିଲା। ଯଦି ତୁମେ ପ୍ରତିଶୋଧ ନେବା ଲାଗି ଚାହୁଁଛ, ତା'ହେଲେ ଏହି ପ୍ରତିଶୋଧର ଚକ୍ର କେବେ ହେଲେ ଶେଷ ହେବ ନାହିଁ। ତୁମେ ସେହି ରାକ୍ଷସ ବିଷୟରେ ନୁହେଁ, ବରଂ ସେମାନଙ୍କ ପାଇଁ ଚିନ୍ତାକରଣ ଯେଉଁମାନେ ତୁମ ପାଇଁ ବହୁମୂଲ୍ୟବାନ ଅଟନ୍ତି। ପରାଶର ନିଜ ପିତାମହଙ୍କ ଆଜ୍ଞା ମାନିଲେ। ଏହାପରେ ସେ ମହାନ ଋଷି ବେଦବ୍ୟାସଙ୍କ ପିତା ହୋଇପାରିଥିଲେ। ବେଦବ୍ୟାସ ହିଁ ମହାଭାରତର କାହାଣୀରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଅଙ୍ଗାରପର୍ଣ୍ଣ ପାଣ୍ଡବମାନଙ୍କୁ ଶକ୍ତି ଋଷିଙ୍କ କଥା ଏଥିପାଇଁ ଶୁଣାଇଥିଲା, କାରଣ ସେମାନଙ୍କ ହୃଦୟରେ ମଧ୍ୟ ପ୍ରତିଶୋଧ ଏବଂ ଘୃଣାର ଭାବନାକୁ ସେ ଦେଖିପାରିଥିଲା । ପାଣ୍ଡବମାନଙ୍କ ସହିତ ଅନେକ ଥର ଭୁଲ ବାଟରେ ବିଶ୍ୱାସଘାତକତା କରାଯାଇଥିଲା। ଏହାଠାରୁ ବଳି ସେମାନଙ୍କ ପ୍ରାଣ ନେବା ଲାଗି ମଧ୍ୟ ଚେଷ୍ଟା ହୋଇଥିଲା। ଥରେ ତ' ମା' ସମେତ ପାଞ୍ଚ ଭାଇଙ୍କୁ ମାରିବା ଲାଗି ଯୋଜନା ମଧ୍ୟ ହୋଇଥିଲା। ସେମାନେ ପ୍ରତିଶୋଧ ନେବା ଲାଗି ସୁଯୋଗ ଖୋଜୁଥିଲେ। ସେମାନଙ୍କୁ କାହାଣୀ ଶୁଣାଇବା ପରେ ଅଙ୍ଗାରପର୍ଣ୍ଣ ସେମାନଙ୍କୁ ପରାମର୍ଶ ଦେଇ କହିଲା ଯେ ଆପଣମାନେ ପ୍ରତିଶୋଧ ଭାବନା ତ୍ୟାଗ କରନ୍ତୁ । ଏଥିରେ ନିଜର ସମୟ ନଷ୍ଟ କରନ୍ତୁ ନାହିଁ । ଆପଣମାନେ ରାଜା ହୋଇପାରିବେ। ସେଥିପାଇଁ ପ୍ରଥମେ ଜଣେ ପୁରୋହିତଙ୍କୁ ଖୋଜନ୍ତୁ, ବିବାହ କରନ୍ତୁ, ଭୂମି ହାସଲ କରନ୍ତୁ, ନିଜେ ନିଜର ରାଜ୍ୟ ପ୍ରତିଷ୍ଠା କରନ୍ତୁ ଏବଂ ରାଜା ହୁଅନ୍ତୁ। ପ୍ରତିଶୋଧ ନେବା ଲାଗି ପ୍ରୟାସ କରନ୍ତୁ ନାହିଁ। ଏହି କାହାଣୀ ଶୁଣିବା ପରେ ପାଣ୍ଡବମାନଙ୍କ ହୃଦୟରେ ପ୍ରତିଶୋଧର ନିଆଁ ଯଦିଓ ପ୍ରଶମିତ ହୋଇଯାଇଥିଲା, ତାହା ସମ୍ପୂର୍ଣ୍ଣ ଭାବେ ଲିଭିନଥିଲା। ସେମାନେ ପ୍ରଥମେ ଜଣେ ପୂଜାରୀଙ୍କୁ ଖୋଜିଲେ। ଏହି ସନ୍ଧାନରେ ସେମାନେ ଦେବଲ ମୁନିଙ୍କ କନିଷ୍ଠ ଭ୍ରାତା ଧୌମ୍ୟଙ୍କ ସନ୍ଧାନ ପାଇବେ । ସେ ନିକଟରେ ଥିବା ଏକ ଆଶ୍ରମରେ ରହୁଥିଲେ। ତାଙ୍କୁ ସେମାନେ ନିଜ ପୁରୋହିତ ହେବା ଲାଗି ଅନୁରୋଧ କଲେ। ଦ୍ୱାପର ଯୁଗରେ ପାରିବାରିକ ପୁରୋହିତ ରଖିବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଥିଲା। କାରଣ ପ୍ରତ୍ୟେକ ମୁହୂର୍ତ୍ତରେ ଏକ ଶକ୍ତିଶାଳୀ ଯଜ୍ଞର ଆବଶ୍ୟକତା ରହିଥିଲା। ସେମାନେ ଧୌମ୍ୟଙ୍କ ରୂପରେ ଜଣେ ସମର୍ଥ ପୁରୋହିତ ପାଇଗଲେ ଯିଏକି ସର୍ବଦା ସେମାନଙ୍କ ପକ୍ଷରେ ଛିଡ଼ା ହୋଇ ରହୁଥିଲେ। ପାଞ୍ଚାଳ ଦେଶର ରାଜକୁମାରୀ ଦ୍ରୌପଦୀଙ୍କ ସ୍ୱୟମ୍ବର ହେଉଥିବା ଖବର ପାଇ ପାଣ୍ଡବମାନେ ଏହାପରେ ସେହି ଦିଗକୁ ଗଲେ।

## ରାସ୍ତାରେ ଗଡୁନି ଶଗଡ଼, ହଜିଯାଉଛି ହଳ ବଳଦ



ବର୍ତ୍ତମାନ ବିଜ୍ଞାନ ଯୁଗରେ ପୁର ପଲ୍ଲୀ ସବୁଠି ଆଧୁନିକତାର ଛାପ। ଆଧୁନିକତାର ଛାପରେ ବଦଳିଗଲାଣି ପାରମ୍ପରିକ ଚାଷ ପ୍ରଣାଳୀ। ଗାଁ ଦାଣ୍ଡରେ ଆଉ ଗଡୁନି ଶଗଡ଼। ଦିଶୁନାହାନ୍ତି ହଳ ବଳଦ। ଶୁଣାଯାଉନାହିଁ ଗୋରୁ, ବଳଦଙ୍କ ହମ୍ବା ରଡ଼ି। ଦିନ ଥିଲା ଶଗଡ଼ ଗାଡ଼ି ଯାତ୍ରୀ ପରିବହନଠାରୁ ଆରମ୍ଭ କରି ମାଲ ପରିବହନ ପାଇଁ ଏକମାତ୍ର ମାଧ୍ୟମ ଥିଲା। ଅଧିକାଂଶ ଘରେ ବଳଦ, ଲଙ୍ଗଳ ଓ ଶଗଡ଼ ଗାଡ଼ି ଥିବାର ଦେଖିବାକୁ ମିଳୁଥିଲା। ଗ୍ରାମୀଣ ଜୀବନରେ ମଧ୍ୟ ଆଧୁନିକତାର ଚାକଚକ୍ୟରେ ଶଗଡ଼ ଗାଡ଼ିର କେଁ କଟର ଶବ୍ଦ କାଳର କରାଳ ଗର୍ଭରେ ହଜିଗଲାଣି। ଦିନେ ଗାଁ ଗଣ୍ଡାରେ ବାସ କରୁଥିବା ସମ୍ଭ୍ରାନ୍ତ ତଥା ସାହୁକାର ଶ୍ରେଣୀର ମୁଖ୍ୟ ପରିଚୟ ଥିଲା ଶଗଡ଼। ଗାଁ ଠାରୁ ସହର ପର୍ଯ୍ୟନ୍ତ ଶଗଡ଼ର ବହୁଳ ବ୍ୟବହାର ଦେଖିବାକୁ ମିଳୁଥିଲା। ଆଧୁନିକ ଜ୍ଞାନ କୌଶଳର ଉଦ୍ଭାବନ ଓ ଏହାର ପ୍ରୟୋଗ ଫଳରେ ଆଜିକାଲି ପ୍ରାୟ ଶଗଡ଼ ଅଲୋଡ଼ା ହୋଇ ପଡିଛି। ସେହିପରି ହଳ ବଳଦ କଥା ନକହିଲେ ଭଲ। ପୁରୁଷାନୁକ୍ରମେ ଭୋର ୪ଟାରୁ ଚାଷୀମାନେ ହଳ ଲଙ୍ଗଳ ନେଇ ବିଲରେ ଚାଷ କରୁଥିଲେ। ଶଗଡ଼ରେ ଜମିକୁ ଖତ ବୋହୁଥିଲେ। ସେଠାରୁ ଫସଲ ଆଣୁଥିଲେ। ପୂର୍ବରୁ ଶୁଣାଯାଉଥିବା ଶଗଡ଼ର କେଁ କଟର ଶବ୍ଦ, ଶଗଡ଼ିଆଙ୍କ ଗୀତ ଆଉ ନାହିଁ। ଜମିରେ ଲଙ୍ଗଳ ବଦଳରେ ବୁଲୁଛି ଟ୍ରାକ୍ଟର, ପାୱାର ଟିଲର ଓ ହାର୍ଭେଷ୍ଟର ଭଳି ଆଧୁନିକ ଯନ୍ତ୍ରପାତି। ଏହି ଯାନ୍ତ୍ରିକ ଗାଡ଼ିର କର୍କଶ ଶବ୍ଦରେ କାନ ଫାଟିଯାଉଛି। ଯନ୍ତ୍ରପାତିର ବ୍ୟବହାର ଦ୍ୱାରା କମ୍ ? ସମୟରେ ଅଧିକ କାର୍ଯ୍ୟ ହୋଇପାରୁଛି ସତ, କିନ୍ତୁ ଏଥିଯୋଗୁଁ ଗାଁ ଗହଳିରେ ଏବେ ଲୋକେ କାମ ପାଉନାହାନ୍ତି। ଅନେକ ଚାଷୀ ଚାଷ କାର୍ଯ୍ୟ ଛାଡ଼ି ଦାଦନ ଖଟିବାକୁ ବାହାରକୁ ଚାଲିଯାଉଛନ୍ତି। ଏହି ଯାନ୍ତ୍ରିକରୁ ବାହାରୁଥିବା କଳାଧୂଆଁ ପରିବେଶକୁ ପ୍ରଦୂଷିତ କରୁଛି। କାଁ ଭାଁ ଗ୍ରାମାଂଚଳରେ ଗରିବ, ଆର୍ଥିକ ଦୁର୍ବଳ ଓ ସ୍ୱାବଲମ୍ବୀ ଚାଷୀ ଶଗଡ଼ ଗାଡ଼ିରେ ଧାନ କ୍ଷେତରୁ ଧାନ ଅମଳ କରି ଖଳାକୁ ଆଣୁଥିବାର ବିରଳ ଦୃଶ୍ୟ କ୍ୱଚିତ ଦେଖିବାକୁ ମିଳୁଛି ।ବହୁବର୍ଷ ପୂର୍ବରୁ ଲୋକେ ବ୍ୟବହାର କରୁଥିବା ଶଗଡ଼ ଗାଡ଼ି ଏବଂ ଏଥିରେ ଲାଗିଥିବା ଚକ, ଅଖ, ହଳ, ଲଙ୍ଗଳ ବର୍ଜ୍ୟବସ୍ତୁ ଭଳି କେଉଁଠି ରାସ୍ତା କଡ଼ରେ ପଡ଼ିଛି ତ କେଉଁଠି ପିଣ୍ଡାରେ ଅଜାଡ଼ି ହୋଇ ତା ଉପରେ ବହଳେ ଧୂଳି ଆସ୍ତରଣ ଜମାଟ ବାନ୍ଧି ପରିତ୍ୟକ୍ତ ଅବସ୍ଥାରେ ପଡି ଅତୀତର ସ୍ମୃତିକୁ ଜାହିର କରୁଛି। ଏଭଳି ବିକଳ ଚିତ୍ର ଅତ୍ୟାଧୁନିକ ହାଇଟେକ୍ ? ସଂସ୍କୃତିର ନୂତନ ପିଢ଼ିଙ୍କ ମନରେ ଜିଜ୍ଞାସା ଭାବ ସୃଷ୍ଟି କରୁଛି ।କାରଣ ଶଗଡ଼ ନିର୍ମାଣ ପାଇଁ ବ୍ୟବହାର ହେଉଥିବା ଉପଯୁକ୍ତ କାଠ ଏବେ ସୁଲଭ ମୂଲ୍ୟରେ ମିଳୁ ନାହିଁ। ବଳଦ ଚରାଇବା ପାଇଁ ଲୋକଙ୍କ ଅଭାବ ତଥା ସରକାର କିମ୍ବା ସାମାଜିକସ୍ତରରେ ସେମିତି ଶଗଡ଼ ଗାଡ଼ିର ବ୍ୟବହାର ପାଇଁ କୌଣସି ପ୍ରୋତ୍ସାହନ ମିଳୁ ନାହିଁ। ଫଳରେ ଲୋକେ ଶଗଡ଼ ଗାଡ଼ି ଉପରେ ନିର୍ଭରଶୀଳ ନ ହୋଇ ଟ୍ରାକ୍ଟର,ପାୱାର ଟିଲର ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ତେଣୁ ଶଗଡ ଗାଡ଼ି ଓ ହଳବଳଦ ର ଚାହିଦା ଗାଁ ଠାରୁ ସହର ପର୍ଯ୍ୟନ୍ତ କାଁ ଭାଁ ଦେଖିବାକୁ ମିଳୁଛି । ଅନ୍ୟପକ୍ଷରେ ବୟସ୍କ ଚାଷୀ ଲକ୍ଷ୍ମୀଧର ରାଉତ କୁହନ୍ତି, ଗ୍ରାମାଞ୍ଚଳରେ କାଁ ଭାଁ ସ୍ୱାବଲମ୍ବୀ ଚାଷୀ ବଳଦ, ହଳ, ଲଙ୍ଗଳ ରଖିଥିବା ବେଳେ ଶଗଡ଼ ଗାଡ଼ିରେ ଧାନ କ୍ଷେତରୁ ଧାନ ଅମଳ କରି ଖଳାକୁ ଆଣୁଥିବାର ବିରଳ ଦୃଶ୍ୟ କ୍ୱଚିତ ଦେଖିବାକୁ ମିଳୁଛି । ପୁରୁଣା କାଳରେ ଲୋକେ ବ୍ୟବହାର କରୁଥିବା ଲଙ୍ଗଳ ଫାଳ, ଜୁଆଳି ଓ ଶଗଡ଼ ଗାଡ଼ିରେ ଲାଗୁଥିବା ଚକ ବର୍ଜ୍ୟବସ୍ତୁ ଭଳି କେଉଁଠି ରାସ୍ତା କଡ଼ରେ ପଡିଛି ତ କେଉଁଠି ପିଣ୍ଡାରେ ଡେରା ହୋଇଛି । ସେହିପରି ପୂର୍ବତନ ପ୍ରାଧାପକ ତଥା ଗବେଷକ ଗୋପାଳ ଦାସ କୁହନ୍ତି, ନିଜକୁ ଆଧୁନିକ ବୋଲାଉଥିବା ମଣିଷ ନିଜର ପୁରୁଣା ଜିନିଷକୁ ଭୁଲିବାରେ ଲାଗିଛି । ଆଜିର ଯୁବପିଢି କେବଳ ବର୍ଣ୍ଣବୋଧ ବହିରେ ଚକ, ଅଖ, ଶଗଡ଼ ଚିହ୍ନୁଛନ୍ତି । ଯନ୍ତ୍ରପାତିର ବହୁଳ ବ୍ୟବହାର ଯୋଗୁ ମାଟି, ପାଣି, ପବନ ବିଷାକ୍ତ ହେବାରେ ଲାଗିଛି। ଯେଉଁ କାରଣରୁ ନାନାବିଧ ରୋଗରେ ପଡ଼ି ମଣିଷ ଛଟପଟ ହେଉଛନ୍ତି।

## ଭଗବାନ ବୁଦ୍ଧଙ୍କ ଦିବ୍ୟ ଉପଦେଶ

ବୋଧିବୃକ୍ଷ ତଳେ ଅନେକ ବର୍ଷ ପର୍ଯ୍ୟନ୍ତ ବସି ଧ୍ୟାନ କରିବା ପରେ ଗୌତମ ଅଲୌକିକ ଜ୍ଞାନ ପ୍ରାପ୍ତ କରିଥିଲେ । ସେବେଠାରୁ ସେ ମହାତ୍ମା ବୁଦ୍ଧ ନାମରେ ପରିଚିତ ହୋଇଥିଲେ । ସେ ବୁଦ୍ଧତ୍ୱ ପ୍ରାପ୍ତ



କରିବା ସମୟରେ ଆକାଶରୁ ପୁଷ୍ପ ବର୍ଷା ହୋଇଥିଲା । ଦେବତାମାନେ ଭଗବାନ ବୁଦ୍ଧଙ୍କ ବନ୍ଦନା କରିଥିଲେ । ବ୍ରହ୍ମା ତାଙ୍କୁ କହିଥିଲେ ଯେ ସେ ଜନକଲ୍ୟାଣ ନିମନ୍ତେ ଉପଦେଶ ଦିଅନ୍ତୁ । ବୁଦ୍ଧ ନିଜର ପ୍ରଥମ ଉପଦେଶ ବାରାଣସୀ ନିକଟବର୍ତ୍ତୀ ସାରନାଥ ଠାରେ ଦେଇଥିଲେ । ବୁଦ୍ଧଙ୍କ ଉପଦେଶରୁ ହିଁ ଭାରତରେ ଏକ ନୂଆ ଧର୍ମର ଅଭ୍ୟୁଦୟ ହୋଇଥିଲା- ବୌଦ୍ଧ ଧର୍ମ ।

ବୁଦ୍ଧ ନିଜର ପ୍ରଥମ ଉପଦେଶ କହିଥିଲେ ଯେ ଜବୀନରେ ଅତ୍ୟଧିକ ଭୋଗ କରିବା ଉଚିତ୍ ନୁହେଁ କିମ୍ବା ଅତି ତ୍ୟାଗ କରିବା ମଧ୍ୟ ଉଚିତ୍ ନୁହେଁ । ମଧ୍ୟମ ମାର୍ଗ ଆପଣାଇ ଜୀବନ ଯାପନ କରିବା ଲାଗି ସେ ପରାମର୍ଶ ଦେଇଥିଲେ । ବୁଦ୍ଧ ଜୀବନରେ ଦୁଃଖର କାରଣ ଏବଂ ପରିଣାମ ରହସ୍ୟ ମଧ୍ୟ ଉନ୍ମୋଚନ କରିଥିଲେ । ସେ ସମଗ୍ର ମାନବଜାତିକୁ ବୁଝାଇଥିଲେ ଯେ ଆମେମାନେ ଭୋଗୁଥିବା ଅନେକ ଦୁଃଖର କାରଣ କେବଳ ଆମ ଭିତରେ ରହିଥିବା ଅଜ୍ଞାନ ଏବଂ ମିଥ୍ୟାଦୃଷ୍ଟି । କେବଳ ସତ୍ୟର ଜ୍ଞାନ ମାଧ୍ୟମରେ ଦୁଃଖର ନାଶ କରିବା ସମ୍ଭବ । ସତ୍ୟ ଅର୍ଥାତ୍ ଯଥାର୍ଥ ଜ୍ଞାନ ହିଁ ସମ୍ୟକ ଜ୍ଞାନ । ଏଣୁ ସତ୍ୟର ସନ୍ଧାନ ପାଇବାକୁ ହେଲେ ଦୁଃଖରୁ ମୁକ୍ତି ପାଇବା ପରମ ଆବଶ୍ୟକ ।

ଅଜ୍ଞାତ ସତ୍ୟର ସନ୍ଧାନ କରାଯାଇଥାଏ । ପୂର୍ବରୁ ରହିଥିବା ପରମ୍ପରାକୁ ଖଣ୍ଡନ କରି ବୁଦ୍ଧ ଏକ ନୂତନ ମାର୍ଗରେ ସତ୍ୟ ସନ୍ଧାନ କରିବା ଲାଗି ଉପଦେଶ ଦେଇଥିଲେ । ବୁଦ୍ଧ ନିଜେ କାହା ପ୍ରତି ପ୍ରତିବଦ୍ଧ ହୋଇନଥିଲେ କିମ୍ବା ନିଜ ଶିଷ୍ୟମାନଙ୍କୁ ମଧ୍ୟ କେଉଁଠି ବାନ୍ଧିନଥିଲେ । ବୁଦ୍ଧ କହୁଥିଲେ ଯେ ମୋ କଥାକୁ ମଧ୍ୟ ସହଜରେ ମାନିନେବା ଉଚିତ୍ ନୁହେଁ । ବୁଦ୍ଧଙ୍କ କଥାରେ ମଧ୍ୟ ସନ୍ଦେହ କର ଏବଂ ବିଭିନ୍ନ ଢଙ୍ଗରେ ତାହାର ପରୀକ୍ଷା କର । ଜୀବନରେ ତା'କୁ ପରୀକ୍ଷା କର, ନିଜ ଅନୁଭବକୁ ମିଶାଅ, ଯଦି ତୁମେ ଉଚିତ୍ ଜ୍ଞାନକୁ ସ୍ୱୀକାର କରିପାରିବ ତା'ହେଲେ ତୁମେ ଜୀବନରେ ଆଗକୁ ବଢ଼ିପାରିବ । ତୃଷ୍ଣା ପରିତ୍ୟାଗ କରିବା, ହିଂସା ତ୍ୟାଗ କରିବା, ଜୀବମାତ୍ରକେ ସ୍ନେହ କରିବା ଲାଗି ବୁଦ୍ଧ ପରାମର୍ଶ ଦେଇଥିଲେ । ମିଥ୍ୟା ମଧ୍ୟ ହିଂସା ବୋଲି ସେ କହୁଥିଲେ । ତେଣୁ ସତ୍ୟ ମାଧ୍ୟମରେ ତାହାର ଦମନ କରିବା ଲାଗି କହୁଥିଲେ । ନ୍ୟାୟପୂର୍ଣ୍ଣ ଢଙ୍ଗରେ ଅର୍ଜନ କରାଯାଇଥିବା ବସ୍ତୁ ଉପରେ ହିଁ ଅଧିକାର ସାବ୍ୟସ୍ତ କରିବା ଲାଗି ସେ କହୁଥିଲେ । କେବଳ ନିଜ ପରିଶ୍ରମ ଉପରେ ଭରସା କରିବା ଲାଗି ବୁଦ୍ଧ ଉପଦେଶ ଦେଇଥିଲେ । ସେହିପରି ମଦ୍ୟପାନ ନିଷିଦ୍ଧ ବୋଲି ବୁଦ୍ଧ ପରାମର୍ଶ ଦେଇଥିଲେ । ସମସ୍ତ ବାସନା ପରିତ୍ୟାଗ କରିବା ଲାଗି ବୁଦ୍ଧ ମନୁଷ୍ୟ ସମାଜକୁ ଶିକ୍ଷଣ ଦେଇଥିଲେ । କାରଣ ମୁକ୍ତି ପାଇବାରେ ଏସବୁ କେବଳ ଗୋଟିଏ ଗୋଟିଏ ବାଧା ।

# ରେଳପଥ ଜିଏମ୍‌ଙ୍କ ନୟାଗଡ - ଜଖପୁରା ସେକ୍ସନର ନୀରିକ୍ଷଣ



**ଭୁବନେଶ୍ୱର,୨୩।୨ (ମହାଭାରତ):** ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ପ୍ରମୁଖ ରେଳ ସ୍ଥାପନଗୁଡ଼ିକରେ ସୁରକ୍ଷା ମାନଦଣ୍ଡ, ଭିତିଭୂମି ସ୍ଥିତି ଏବଂ କାର୍ଯ୍ୟକ୍ଷମ ଦକ୍ଷତା ସମୀକ୍ଷା କରିବା ପାଇଁ ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ନୟାଗଡ - ଜଖପୁରା ସେକ୍ସନର ଏକ ବ୍ୟାପକ ସୁରକ୍ଷା ଯାଂଚ କରିଥିଲେ। ତାଙ୍କ ସହିତ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠି, ମୁଖ୍ୟାଳୟର ପ୍ରମୁଖ ବିଭାଗ ମୁଖ୍ୟ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ନିରୀକ୍ଷଣ ନୟାଗଡ ରେଳ ଷ୍ଟେସନରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ମହାପ୍ରବନ୍ଧକ ପ୍ଲାଟଫର୍ମ, ପରିଚାଳନା ବ୍ୟବସ୍ଥା ଏବଂ ଯାତ୍ରୀ ସୁବିଧା ସମେତ ଷ୍ଟେସନ ଏବଂ ୟାର୍ଡର ବିଭିନ୍ନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ସେ ଆହୁରି ମଧ୍ୟ କ୍ରୁ ଲବି, ସ୍ୱାସ୍ଥ୍ୟ ୟୁନିଟ୍ ଏବଂ ରନିଂ ରୁମ୍, ରେଳବାଇ କଲୋନି ଏବଂ ଶିଶୁ ଉଦ୍ୟାନଏବଂ ସେକ୍ସନର ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ଯଥା କେନ୍ଦୁଝରଗଡ଼, ହରିଚନ୍ଦନପୁର ରେଳ ଷ୍ଟେସନରେ ଯାତ୍ରୀ ସୁବିଧା ଓ ଅନ୍ୟାନ୍ୟ ବ୍ୟବସ୍ଥାର ମଧ୍ୟ ପୁଙ୍ଖାନୁପୁଙ୍ଖ ଯାଂଚ କରିଥିଲେ।

ଫ୍ରଂଟଲାଇନ୍ କର୍ମଚାରୀ ଏବଂ ଗ୍ୟାଙ୍ଗମ୍ୟାନଙ୍କ ସହିତ ଆଲୋଚନା ଏହି ନିରୀକ୍ଷଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା, ଯେଉଁ ସମୟରେ ମହାପ୍ରବନ୍ଧକ ସେମାନଙ୍କର କାର୍ଯ୍ୟଜ୍ଞାନ, ସୁରକ୍ଷା ସଚେତନତା ଏବଂ କାର୍ଯ୍ୟକ୍ଷେତ୍ରରେ ଉପୁଜୁଥିବା ବିଭିର୍ଣ୍ଣ ଚ୍ୟାଲେଞ୍ଜ ଗୁଡିକ ଉପରେ ଖୋଲା ମତାମତ ଦେବାକୁ ଉତ୍ସାହିତ କରିଥିଲେ। ଶ୍ରୀ ଫୁଙ୍କୱାଲ କର୍ମଚାରୀ କଲ୍ୟାଣ ଏବଂ ଉନ୍ନତ ଜୀବନଯାପନ ପରିସ୍ଥିତି ପ୍ରତି ପ୍ରଶାସନର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରି ରେଳ ପରିବାରମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ସୁରକ୍ଷା ଯାଞ୍ଚର ଅନ୍ୟ ପ୍ରମୁଖ ଅଂଶଗୁଡ଼ିକ ଥିଲା ଲେଭଲ କ୍ରସିଂ ଗେଟ୍, ଟାୱାର ୱାଗନ ସେଡ୍, ଟ୍ରାକ୍ସନ୍ ସବ୍ ଷ୍ଟେସନ୍, ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପାମାର୍ଗ, କର୍ଭ, ଓ ସେତୁମାନଙ୍କୁ ପରିଦର୍ଶନ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ସୁରକ୍ଷା ନିୟମ ପାଳନ, ପ୍ରାଥମିକ ଢାଞ୍ଚାର ସ୍ଥିତି ଓ ରକ୍ଷାବେକ୍ଷଣ ପ୍ରସ୍ତୁତିକୁ ମୂଲ୍ୟାଙ୍କନ କରିବା ଥିଲା। ନିରୀକ୍ଷଣ ସମୟରେ, ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ରକ୍ଷଣାବେକ୍ଷଣ ମାନ ବୃଦ୍ଧି କରିବା ଏବଂ ନିର୍ଭରଯୋଗ୍ୟ ଏବଂ ସମୟାନୁବର୍ତୀ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଜାରି କରିଥିଲେ। କର୍ତବ୍ୟ ପ୍ରତି ସେମାନଙ୍କର ଆନ୍ତରିକ ପ୍ରତିବଦ୍ଧତା ପାଇଁ ପ୍ରଶଂସା ସ୍ୱରୂପ ସେ ଫ୍ରଣ୍ଟଲାଇନ୍ କର୍ମଚାରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# କୃଷିରେ ନବସୃଜନ ଓ ଏଆଇର ବ୍ୟବହାର କୃଷକଙ୍କୁ ଫସଲର ଆଗୁଆ ସୂଚନା ପ୍ରଦାନ କରିବ

**ଭୁବନେଶ୍ୱର,୨୩।୨ (ମହାଭାରତ):** ଲୋକସେବା ଭବନରେ ଶନିବାର କୃଷି କ୍ଷେତ୍ରରେ ଆର୍ଟିଫିସିଆଲ ଇଂଟେଲିଜେନ୍ସର ବ୍ୟବହାର ନେଇ ଏକ ଆଲୋଚନା ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଅଛି। ଏଥିରେ କୃଷି ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ମଧ୍ୟ ଯୋଗଦେଇଥିଲେ। ଗତକାଲି ଓଡ଼ିଶାର ବଜେଟ ଘୋଷଣା ହୋଇଛି, ଏଥିରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ପୂର୍ବବର୍ଷ ତୁଳନାରେ ୧୨. ୩% ବୃଦ୍ଧି ଘଟିଛି। ଏହା ଦର୍ଶାଉଛି ଯେ କୃଷକ ଓ କୃଷିକାର୍ଯ୍ୟକୁ ଅଧିକ ଲାଭାନ୍ୱିତ କରିବା ପାଇଁ ସରକାର ପ୍ରତିବଦ୍ଧ। ଏଥିପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସମୟ ସହ ତାଳଦେଇ ଆମକୁ କ୍ଷେତରେ ବିଭିନ୍ନ ନବସୃଜନ ଓ ନୂତନ ପନ୍ଥା ଆପଣେଇ କୃଷିରୁ ଭଲ ଲାଭ ପ୍ରାପ୍ତ କରିପାରିବା ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଆଜିର ସମୟରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ବ୍ୟବହାର କରି ଫସଲର ତଦାରଖ କରାଯାଇପାରୁଛି। ରୋଗ ପୋକର ଆଗୁଆ ସୂଚନା ମିଳିପାରୁଛି ଏବଂ ତାପମାତ୍ରା ଅନୁଯାୟୀ ଫସଲର ନିୟନ୍ତ୍ରଣ ମଧ୍ୟ ହୋଇପାରୁଛି। ଓଡ଼ିଶାରେ ଡିଜିଟାଲ କ୍ରପ ସର୍ଭେ ମଧ୍ୟ ସାଟେଲାଇଟ ମାଧ୍ୟମରେ କରାଯାଉଛି। ଏହି ଅବସରରେ କୃଷିବାସ ନାମକ ଏକ ସଂସ୍ଥା ନିଜର ସ୍ମାର୍ଟଫୋନ ଚାଳିତ ଆପ୍ ସମ୍ବନ୍ଧୀୟ ଏକ ଉପସ୍ଥାପନା ଉପମୁଖ୍ୟମନ୍ତ୍ରୀଙ୍କୁ ପ୍ରଦର୍ଶନ କରିଥିଲେ।



# ରେଙ୍ଗାଲି ଜଳସେଚନ ପ୍ରକଳ୍ପର ସମୀକ୍ଷା



**ଭୁବନେଶ୍ୱର,୨୩।୨ (ମହାଭାରତ):** ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମାଙ୍କ ଅଧ୍ୟକ୍ଷତାରେ ଆଜି ବିଭାଗୀୟ ସମ୍ମିଳନୀ କକ୍ଷରେ ଜେଆଇସିଏ ( ଜାଇକା) ସହାୟତାପ୍ରାପ୍ତ ରେଙ୍ଗାଲି ଜଳସେଚନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟର ୭ମ 'ପ୍ରକଳ୍ପ ପରିଚାଳନା କମିଟି' ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପ୍ରକଳ୍ପ ଅଧୀନରେ ଥିବା ସମୁଦାୟ ୩୯,୪୧୬ ହେକ୍ଟର ଅଞ୍ଚଳରେ ଜଳ ପରିଚାଳନା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ପାଣି ପଞ୍ଚାୟତଗୁଡ଼ିକର ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ । ଏଥିସହ ପ୍ରକଳ୍ପର ସଫଳ ରୂପାୟନ ପାଇଁ ଆପଣାଯାଇଥିବା ଶ୍ରେଷ୍ଠ ଅଭ୍ୟାସଗୁଡ଼ିକର ତଥ୍ୟଭୁକ୍ତ କରିବା ଏବଂ ଏହାର ସାମାଜିକ-ଆର୍ଥିକ ପ୍ରଭାବର ଅନୁଧ୍ୟାନ ଉପରେ ଆଲୋଚନା ହୋଇଥିଲା। ଏହାସହ କାର୍ଯ୍ୟାନ୍ୱୟନରେ ରହୁଥିବା ଜମି ଅଧିଗ୍ରହଣ ସମସ୍ୟାର ସମାଧାନ ଏବଂ ଚାଲୁ ରହିଥିବା ନିର୍ମାଣ କାର୍ଯ୍ୟକୁ ସମୟସୀମା ମଧ୍ୟରେ ଶେଷ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ବୈଠକରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ସାଗର ମହାନ୍ତି, ଜାଇକାର ମୁଖ୍ୟ ଯନ୍ତ୍ରୀ ବିଜ୍ଞାନ ପ୍ରସାଦ ସାହୁ ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଅଭିଲେଖ ସପ୍ତାହରେ ପୁରାତନ ମାନଚିତ୍ରର ପ୍ରଦର୍ଶନୀ ଉଦ୍‌ଘାଟିତ

**ଭୁବନେଶ୍ୱର,୨୩।୨ (ମହାଭାରତ):** ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଅଭିଲେଖ ସପ୍ତାହ ସମ୍ମାନ ସମାରୋହ ସହ ଏକ ପୁରାତନ ମାନଚିତ୍ରର ପ୍ରଦର୍ଶନୀ ଉଦ୍‌ଘାଟନ ହୋଇଯାଇଅଛି । ପ୍ରଦର୍ଶନୀଟି ଏକ ସପ୍ତାହ ପର୍ଯ୍ୟନ୍ତ ଗବେଷକ, ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କ ନିମନ୍ତେ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଉକ୍ତ ଉତ୍ସବରେ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ ପ୍ରଫେସର ଇତିହାସ ବିଭାଗ, ଶିକ୍ଷା ଓ ଅନୁସନ୍ଧାନ, ଡିମ୍ଡ୍ ବିଶ୍ୱବିଦ୍ୟାଳୟ, ଡ.ପ୍ରଫୁଲ କୁମାର ମହାନ୍ତି । ସମ୍ମାନରେ ସ୍ୱାଗତ ଭାଷଣ ଦେଇଥିଲେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ତଥା ସ୍ୱତନ୍ତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀମତୀ ବନାନୀ ମହାପାତ୍ର। ଉକ୍ତ ଆଲୋଚନା ଚକ୍ରରେ ଡ. ପ୍ରମୋଦ କୁମାର ମଣ୍ଡଳ, ଅର୍ଥ ପରାମର୍ଶଦାତା, ଶ୍ରୀ କିଶୋର ନାଏକ, ଉପ ନିର୍ଦ୍ଦେଶକ, ଦେବରାଜ ଅଧିକାରୀ, ଡ. ଅରବିନ୍ଦ ବୋଷ, ଡ. ସୁବାଷ ବାରିକ, ମାନବେନ୍ଦ୍ର ମିଶ୍ର, ମଞ୍ଜୁଳା ତ୍ରିପାଠୀ, ଗୌତମ ମହାନ୍ତି, ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

ସମ୍ମାନର ମୁଖ୍ୟ ବକ୍ତା ଡ. ପ୍ରଫୁଲ କୁମାର ମହାନ୍ତି କହିଥିଲେ ଯେ ଇତିହାସ ସତ୍ୟ ଉପରେ ପର୍ଯ୍ୟବେସିତ । ଏହି ସତ୍ୟର ସନ୍ଧାନ ପାଇଁ ଐତିହାସିକ ତଥ୍ୟର ଏକାନ୍ତ ଆବଶ୍ୟକତା ରହିଛି। ଆଧୁନିକ ଭାରତ ଇତିହାସର ଅଧ୍ୟୟନ ପାଇଁ ଅଭିଲେଖାଗାରୀୟ ଉପାଦାନ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଅଭିଲେଖାଗାର ତଥ୍ୟର ଗନ୍ତାଘର । ବିଶେଷକରି ସପ୍ତଦଶ, ଅଷ୍ଟାଦଶ, ଊନବିଂଶ ଓ ବିଂଶ ଶତାବ୍ଦୀର ଭାରତର ଇତିହାସ ଲେଖିବା ସମୟରେ ଗବେଷକମାନେ ଅଭିଲେଖାଗାରରୁ ସମସ୍ତ ତଥ୍ୟ ସଂଗ୍ରହ କରିଥାଆନ୍ତି । ମୁଖ୍ୟତଃ ଏଠାରେ ସରକାରୀ ଦସ୍ତାବିଜ୍, ଶାସନ ସଂସ୍କାର ବିବରଣୀ, ବ୍ୟକ୍ତିଗତ ପୁସ୍ତକ, ଜମିଜମା ନଥିପତ୍ର, ବିଚାରବିଭାଗୀୟ ଦଲିଲ୍ ଓ ସମ୍ବାଦପତ୍ର ସଂରକ୍ଷିତ ହୋଇ ରହିଛି । ଏହି ସମସ୍ତ ତଥ୍ୟକୁ ମୁଖ୍ୟ ଉତ୍ସ ଭାବରେ ଗ୍ରହଣ କରାଯାଏ । ଏହା ସମସାମୟିକ ଘଟଣାର ଚିତ୍ରର ସଠିକ୍ ପ୍ରତିଫଳନ କରିଥାଏ । ଅତୀତ ସମାଜର ସ୍ୱର ସହିତ ଏହି ତଥ୍ୟର ସିଧା ସଳଖ ସମ୍ପର୍କ ରହିଛି ।




# ସଂସ୍କୃତି ଭବନରେ ବିଶ୍ୱ ମାତୃଭାଷା ଦିବସ

**ଭୁବନେଶ୍ୱର,୨୩।୨ (ମହାଭାରତ):** ଓଡ଼ିଆ ଭାଷା ପ୍ରତିଷ୍ଠାନ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଶନିବାର ଭୁବନେଶ୍ୱର ସ୍ଥିତ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼ା. ବିଜୟ କେତନ ଉପାଧ୍ୟାୟ ଆଜିର କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଆମ ମାତୃଭାଷା ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ନିମନ୍ତେ ସଂସ୍କୃତି ବିଭାଗ ପକ୍ଷରୁ କରାଯାଉଥିବା ବିଭିନ୍ନ ଅଭିନବ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ବିବରଣୀ ପ୍ରଦାନ କରିଥିଲେ। ଆମ ମାତୃଭାଷା ପ୍ରତି ଆମ ସମସ୍ତଙ୍କ ମଧ୍ୟରେ ଭଲ ପାଇବା ରହିଛି। ଆମ ଭାଷା ଓଡ଼ିଆ ଆମକୁ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ପ୍ରଦାନ କରିଛି। ଆମ ଭାଷା, ସାହିତ୍ୟ ଓ ସମାଜ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ନିଜର ଭାବନାକୁ ଆମେ ମାତୃଭାଷାରେ ପରିପ୍ରକାଶ କରିଥାଉ, ଭାଷାରୁ ସାହିତ୍ୟ ସୃଷ୍ଟି ହୁଏ ଏବଂ ସାହିତ୍ୟ ଆମ ସମାଜର ବାସ୍ତବିକତାକୁ ପ୍ରତିଫଳନ କରେ। ଓଡ଼ିଆ ସାହିତ୍ୟରେ ଉଚ୍ଚକୋଟୀର ଗବେଷଣା ହେବା ଏବଂ ଏହାର ବହୁଳ ପ୍ରଚାର ଓ ପ୍ରସାର ହେବାର ଆବଶ୍ୟକତା ରହିଛି। ଆମ ଯୁବପିଢ଼ି ଆମ ଓଡ଼ିଆ ଭାଷାକୁ ବିଶ୍ୱ ବିଦିତ କରିବା ଦିଗରେ ନିଜର ବହୁମୂଲ୍ୟ ଯୋଗଦାନ ଦେଇ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟକୁ ପୂରଣ କରିବେ ବୋଲି ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର ଏବଂ ଶିଶୁ ସାହିତ୍ୟିକ ଦାଶ ବେନହୁର ମତପ୍ରକାଶ କରିଥିଲେ। ବିଶ୍ୱ ମାତୃଭାଷା ଦିବସ ପାଳନ ହେବା ଅବସରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ଶୁଦ୍ଧ ଓଡ଼ିଆ ଲିଖନ ପ୍ରତିଯୋଗିତା ଆୟୋଜନ କରାଯାଇ ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା କୃତୀ ପ୍ରତିଭାମାନଙ୍କୁ ଯଥାକ୍ରମେ ୧୫୦୦, ୧୨୦୦ ଏବଂ ୧୦୦୦ ଟଙ୍କା ପୁରସ୍କାର ରାଶି ଓ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଶ୍ରୀ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା, ଓଡ଼ିଆ ଭାଷା ପ୍ରତିଷ୍ଠାନର ସ୍ୱତନ୍ତ୍ର କର୍ତବ୍ୟରତ ଅଧିକାରୀ ଡ଼. ସିଦ୍ଧାର୍ଥ ଶଙ୍କର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



# ଓଡ଼ିଆ ଭାଷାର ବ୍ୟବହାର ପାଇଁ ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର,୨୩।୨ (ମହାଭାରତ):** ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ସରକାରୀ ଅଧିକାରୀମାନଙ୍କ ପାଇଁ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ସଂସ୍କୃତି ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ୧୩ ଟି ବିଭାଗରୁ ମୋଟ୍ ୧୦୦ଜଣ ସରକାରୀ ଅଧିକାରୀ ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ପ୍ରଶିକ୍ଷଣ ଶିବିରରେ ଓଡ଼ିଆ ଲିଖନ କୌଶଳ, ଓଡ଼ିଆ ବାକ୍ୟ ଗଠନ, ଓଡ଼ିଆରେ ଚିଠା ଓ ଟିପ୍ପଣୀ ପ୍ରସ୍ତୁତ, ଓଡ଼ିଆ ଭାଷାର ପ୍ରଶାସନିକ ପ୍ରୟୋଗ ଏବଂ ଓଡ଼ିଆ ଭାଷାରେ ଆଦେଶନାମା ପ୍ରସ୍ତୁତି, ପ୍ରଶାସନିକ ଶବ୍ଦ ଚୟନ, ବନାନ ଶୁଦ୍ଧତା, ଇଂରାଜୀରୁ ଓଡ଼ିଆ ଅନୁବାଦ, କମ୍ପୁଟର ଓ ଓସଓ୍ୱାସ୍ ରେ ଓଡ଼ିଆରେ ସରକାରୀ କାର୍ଯ୍ୟ ସମ୍ପାଦନ ଆଦିକୁ ନେଇ ସରକାରୀ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଡକ୍ଟର ରମେଶ ଚନ୍ଦ୍ର ମଲ୍ଲିକ, ଡକ୍ଟର ବୈଷ୍ଣବ ଚରଣ ମହାନ୍ତି, ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ, ଶ୍ରୀ ସୁରେନ୍ଦ୍ର କୁମାର ଦାଶ, ଶ୍ରୀ ସ୍ମୃତିରଞ୍ଜନ ମିଶ୍ର, ଡକ୍ଟର ଦେବାଶିଷ ମହାପାତ୍ର ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ସରକାରୀ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ଶିବିରର ଉଦ୍ ?ଯାପନୀ ସମାରୋହରେ ମାନପତ୍ର ପ୍ରଦାନ କରାଯାଇଥିଲା। ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଶ୍ରୀ ଦେବପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ରଶେଖର ହୋତା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ସ୍ମିତା ମହାନ୍ତି, ଉପ-ନିର୍ଦ୍ଦେଶକ ଶ୍ରୀମତୀ ଦେବଯାନୀ ଭୂୟାଁ ଉପସ୍ଥିତ ଥିଲେ।



# ଚିଲିକାର ଜୈବ ବିବିଧତାକୁ ନୂଆ କରି ତିଆରି କରିବା କାର୍ଯ୍ୟ ଆରମ୍ଭ ହେବ

**ଭୁବନେଶ୍ୱର,୨୩।୨ (ମହାଭାରତ):** ରାଜ୍ୟ ବଜେଟରେ ଚିଲିକା ପାଇଁ ଅନୁଦାନ ନେଇ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଯେ ୨୪ ବର୍ଷ ରେ ଚିଲିକା ପୋତି ହୋଇଗଲା। ଚିଲିକା ପାଇଁ କାହାର ଚିନ୍ତା ନଥିଲା। ଚଳିତ ବଜେଟରେ ଚିଲିକାର ପୁନରୁଦ୍ଧାର ପାଇଁ ଅର୍ଥ ବ୍ୟବସ୍ଥା ହୋଇଛି। ଚିଲିକାର ଜୈବ ବିବିଧତାକୁ ନୂଆ କରି ତିଆରି କରିବା ପାଇଁ କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ ହେବ। ଏଥି ପାଇଁ ଆଇଆଇଟି ମାଡ୍ରାସ ଡିପିଆର ପ୍ରସ୍ତୁତ କରୁଛି। ଏହା ଓଡିଶା ପାଇଁ ଯୁଗାନ୍ତକାରୀ ବଜେଟ ବୋଲି ସେ କହିଛନ୍ତି। ସେହିପରି ପୁରୀ ରେ ବ୍ୟାକ୍ଷାନ କେନ୍ଦ୍ର ସହ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ୧୦୦୦ କୋଟି ର ପ୍ରାବଧାନ କରାଯାଇଛି। ପୁରୀକୁ ଅନ୍ତର୍ଜାତୀୟ ଧାର୍ମିକ ସ୍ଥଳୀ କରାଯିବା ପାଇଁ ସବୁ ପଦକ୍ଷେପ ନିଆଯିବ। ଆନ୍ଧ୍ର ପ୍ରଦେଶ- ଓଡିଶା- ଝାରଖଣ୍ଡକୁ ଯୋଡିବ ନୂଆ ରାସ୍ତା।ମାଲକାନଗିରି ମୋଟିରୁ ମୟୁରଭଞ୍ଜ ତିରିଂ ପାଇଁ ରାସ୍ତା ତିଆରି ହେବ। ଦୁଇ ପଟେ ତିଆରି ହେବ ଇକୋନୋମିକ କରିଡର। ରାଂଚି - ବିଜୟୱାଡା କରିଡର ସହ ଯୋଡି ହେବ ଏହି ରାସ୍ତା। ଏହା ବ୍ୟତୀତ ଶ୍ରୀମନ୍ଦିର ଉପର ଡ୍ରୋନ ଉଡ଼ାଣ ପ୍ରସଙ୍ଗରେ ମନ୍ତ୍ରୀ କହିଛନ୍ତି ଯେ ଅମାନିଆଙ୍କୁ ସାବାଡ଼ ପାଇଁ ଆହୁରି କଠୋର ହେବେ ସରକାର। ଆଇନ ବଦଳିବ। ପୁରୁଣା ଆକ୍ଟରେ ନୂଆ ଆମେନମେଣ୍ଟ. ଯୋଡି ହେବ। ନୂଆ ଆମେନମେଣ୍ଟରେ କଠୋର ଦଣ୍ଡ ବିଧାନ ରହିବ। ଅଡିନାନ୍ସ ଦ୍ୱାରା ନ ହେଲେ ଆସନ୍ତା ବିଧାନସଭା ଅଧିବେଶନରେ ଏହା ଉପସ୍ଥାପନା କରାଯିବ।



# ମୋଦୀ ଓ ଶାହାଙ୍କ କୁଶପୁତଳିକା ଦାହକଲା ଯୁବ କଂଗ୍ରେସ

**ଭୁବନେଶ୍ୱର,୨୩।୨ (ମହାଭାରତ):** ଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍ ରେ ଆୟୋଜିତ ଏଆଇ ସମ୍ମିଳନୀରେ ପ୍ରତିବାଦକାରୀ ଯୁବ କଂଗ୍ରେସର କର୍ମକର୍ତାଙ୍କୁ ଗିରଫ ପ୍ରତିବାଦରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ କଂଗ୍ରେସ ଭବନରୁ ଏକ ରାଲି କରାଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅମିତ ଶାହାଙ୍କର କୁଶପୁତଳିକା ମାଷ୍ଟରକ୍ୟାଂଟିନ ଛକ ଠାରେ ଦାହ କରାଯାଇଥିଲା । ଏହାପରେ ଶତାଧିକ ଯୁବ କଂଗ୍ରେସର କର୍ମକର୍ତାମାନେ ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟାଳୟକୁ ଘେରାଉ କରିବାକୁ ଉଦ୍ୟମ କରିବା ସମୟରେ ପୁଲିସ ସହ ଧସ୍ତାଧସ୍ତି ହେବା ସହ ପୁଲିସ ଯୁବ କଂଗ୍ରେସର କର୍ମକର୍ତ୍ତାମାନଙ୍କୁ ଗିରଫ କରି ନେଇଥିଲା ।

ଏହି ବିକ୍ଷୋଭ ସମୟରେ ଶ୍ରୀ ପାତ୍ର ତାଙ୍କ ମନ୍ତବ୍ୟରେ କହିଛନ୍ତି ଯେ, ଏଆଇ. ସମ୍ମିଳନୀ ଚାଲିଥିବା ସମୟରେ ଯୁବ କଂଗ୍ରେସର କାର୍ଯ୍ୟକର୍ତାମାନେ ଯେଉଁଭଳି ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଥିଲେ ତାହା ସଂପୂର୍ଣ୍ଣ ଗଣତାନ୍ତ୍ରିକ ପଦ୍ଧତିରେ ଥିଲା । କିନ୍ତୁ ଦିଲ୍ଲୀ ପୁଲିସ ବିଜେପି ସରକାରର ଗୁଣ୍ଡା ସାଜି ଯେଉଁଭଳି ଭାବେ ଯୁବ କଂଗ୍ରେସର କର୍ମକର୍ତାମାନଙ୍କୁ ଗିରଫ କଲା ଏହା ସଂପୂର୍ଣ୍ଣ ନିନ୍ଦନୀୟ । ଗଣତନ୍ତ୍ର ରାଷ୍ଟ୍ରରେ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରିବାର ଅଧିକାର ସମସ୍ତଙ୍କର ଅଛି । ଯୁବ କଂଗ୍ରେସ ଭାରତ ବର୍ଷର ଯୁବକ ମାନଙ୍କର ହକ୍ ପାଇଁ ଲଢ଼ିଆସୁଛି କେନ୍ଦ୍ରରେ ଥିବା ବିଜେପି ସରକାର ବିରୁଦ୍ଧରେ । ଦେଶର ଯୁବକ ଯୁବତୀ ଓ କୃଷକ ମାନଙ୍କର ସ୍ୱାର୍ଥରେ ଆଂଚ ଆସିବା ପାଇଁ ଯୁବ କଂଗ୍ରେସ କେବେ ଦେବ ନାହିଁ । ଏଥିପାଇଁ ଯୁବ କଂଗ୍ରେସ ଏବଂ କଂଗ୍ରେସ ଦଳ ଦେଶବାସୀଙ୍କର ନ୍ୟାର୍ଯ୍ୟ ହକ୍ ପାଇଁ ବିଜେପି ସରକାର ବିରୁଦ୍ଧରେ ଲଢ଼େଇ କରିଆସୁଥିଲା, କରୁଛି ଏବଂ ଦେଶବାସୀ ତାଙ୍କର ନ୍ୟାର୍ଯ୍ୟ ହକ୍ ପାଇବା ପର୍ଯ୍ୟନ୍ତ ଲଢ଼େଇ ଚାଲୁ ରଖିବ । କଂଗ୍ରେସ ଦଳ ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ପରିଚାଳିତ ବୋଲି ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି ।

ଆଜିର ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲ, ଜାଭେଦ ଅଖତର, ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ଗୁଲ୍‌ଫାମ୍, ବଳରାମ ନନ୍ଦ, ସୁରଜ ରାଉତ, ବିଶ୍ୱଜିତ ସ୍ୱାଇଁ, ଆଶିଷ କୁମାର ମହନ୍ତ, ସ୍ପନ୍ଦନ ସ୍ୱାଇଁ, ସରୋଜ ବାରିକ ଓ ପ୍ରଶାନ୍ତ ରାଉତଙ୍କ ସହ ଶତାଧିକ ଯୁବ କଂଗ୍ରେସ କର୍ମକର୍ତା ଯୋଗ ଦେଇଥିଲେ ।



# ବେଲୁଚିସ୍ତାନକୁ ଅବହେଳା

ବେଲୁଚିସ୍ତାନକୁ କ୍ରମାଗତ ଅବହେଳା ଏହାର ମୁଖ୍ୟ କାରଣ। ବେଲୁଚିସ୍ତାନର ବିଦ୍ରୋହୀମାନେ ଏବେ ପାକ ସେନା ବିରୋଧରେ ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଛନ୍ତି। ପାକିସ୍ତାନ ଅନ୍ୟ ବିରୋଧରେ ଯେଉଁ ଅସ୍ତ୍ର ପ୍ରୟୋଗ କରୁଥିଲା, ଏବେ ସେହି ଅସ୍ତ୍ର ବୁମେରାଂ ହୋଇ ପାକିସ୍ତାନକୁ ଫେରିଛି। ଏହାକୁ ନେଇ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ବିବାଦ ଉଗ୍ର ରୂପ ନେଇଛି।ପାକିସ୍ତାନ ନିକଟରେ ଶକ୍ତିଶାଳି ଲଢୁଆ ବିମାନ, ଟ୍ୟାଙ୍କ ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ରହିଛି। ଭାରତ ବିରୋଧରେ ପାକିସ୍ତାନ ଏହାକୁ ପ୍ରସ୍ତୁତ କରି ରଖିଛି। ପୂର୍ବରୁ ପାକିସ୍ତାନ ଅଧିକାଂଶ ଅସ୍ତ୍ରଶସ୍ତ୍ର ଆମେରିକାରୁ ସଂଗ୍ରହ କରୁଥିଲା। କିଛି ବର୍ଷ ତଳେ ରୁଷ ମଧ୍ୟ ପାକିସ୍ତାନକୁ ସାମରିକ ସହାୟତା ପ୍ରଦାନ କରିଥିଲା। ଏବେ ଚୀନ ପାକିସ୍ତାନକୁ ସାମରିକ ସହାୟତା ପ୍ରଦାନ କରୁଛି। କାରଣ ଚୀନ ଏହାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି ଭାରତ ବିରୋଧରେ ପାକିସ୍ତାନକୁ ଶକ୍ତିଶାଳି କରିବାକୁ ଚାହୁଁଛି। ଚୀନ ସିଧାସଳଖ ଭାରତକୁ ଆକ୍ରମଣ ନକରି ପାକିସ୍ତାନ ମାଧ୍ୟମରେ ଭାରତକୁ ଦୁର୍ବଳ କରିବାକୁ ଚାହୁଁଛି। ଏଥିଲାଗି ପାକିସ୍ତାନକୁ ଚୀନ ଅଯାଚିତ ସାହାଯ୍ୟ କରୁଛି। ଏବେ ପାକିସ୍ତାନ ଏହାକୁ ଆଫଗାନିସ୍ତାନ ବିରୋଧରେ ପ୍ରୟୋଗ କରୁଛି। ଆଫଗାନିସ୍ତାନ ପାକିସ୍ତାନ ସହ ସମ୍ମୁଖ ଯୁଦ୍ଧ ନକରି ଛାୟା ଯୁଦ୍ଧ କରୁଛି। ପାକିସ୍ତାନର ପାଖତୁନଖ୍ୱା ପ୍ରଦେଶରେ ତାଲିବାନୀ ମାନେ ନରସଂହାର ଚଳାଇଛନ୍ତି। ଏହାର ପ୍ରତିଶୋଧ ନେବାକୁ ପାକିସ୍ତାନ ଏୟାର ଷ୍ଟ୍ରାଇକ କରିଥିଲା। ଆଫଗାନିସ୍ତାନରେ ତାଲିବାନକୁ କ୍ଷମତା ଅକ୍ତିଆର କରିବାରେ ପାକିସ୍ତାନ ହିଁ ସହାୟତା କରିଥିଲା। ତତ୍କାଳୀନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଖୋଲାଖୋଲି ଭାବେ ତାଲିବାନକୁ ସହାୟତା ଏବଂ ସମର୍ଥନ କରିଥିଲେ। ଏପରିକି ପାକ ସେନା ଆଫଗାନିସ୍ତାନ ଯାଇ ସେଠାରେ ତାଲିବାନୀଙ୍କ ସହାୟତା ଏବଂ ସହଯୋଗ କରିଥିଲେ। ପୂର୍ବରୁ ପାକିସ୍ତାନରେ ଅଲକାଏଦା ମୁଖ୍ୟ ଓସାମା ବିନ ଲାଡେନ ଲୁଚି ରହିଥିଲା। ଆମେରିକା ସେନା ତାକୁ ଖୋଜିଖୋଜି ହତ୍ୟା କଲା। ପାକିସ୍ତାନର ଆତଙ୍କବାଦ ପ୍ରୀତି ବିଶ୍ୱରେ ସମସ୍ତେ ଜାଣନ୍ତି। ଏବେ ଏହା ପାକିସ୍ତାନ ବିରୋଧରେ ଭସ୍ମାସୁର ପାଲଟିଛି। ଆଫଗାନିସ୍ତାନରେ କାରଜାଇଙ୍କ ନେତୃତ୍ୱରେ ଗଣତାନ୍ତ୍ରିକ ସରକାର ଚାଲିଥିବା ବେଳେ ଭାରତ ସହ ଏହାର ସମ୍ପର୍କ ମଧୁର ଥିଲା। ଆଫଗାନିସ୍ତାନର ବିକାଶ ନିମନ୍ତେ ଭାରତ ସହାୟତା ପ୍ରଦାନ କରୁଥିଲା। କିନ୍ତୁ ତାଲିବାନ କ୍ଷମତାକୁ ଆସିବା ପରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ କୂଟନୈତିକ ସମ୍ପର୍କ ବିଚ୍ଛିନ୍ନ ହୋଇଥିଲା। ଭାରତ ମଧ୍ୟ ଆଫଗାନିସ୍ତାନକୁ ସମସ୍ତ ପ୍ରକାର ସହାୟତା ବନ୍ଦ କରି ଦେଇଥିଲା। ଏବେ ପୁନର୍ବାର ଆଫଗାନିସ୍ତାନ ଧିରେ ଧିର ଭାରତ ଆଡ଼କୁ ଢଳିବା ଆରମ୍ଭ କରିଛି। ମୁମ୍ବାଇରେ ଆଫଗାନିସ୍ତାନର ଜଣେ ପ୍ରତିନିଧି ଅବସ୍ଥାପିତ ହୋଇଛନ୍ତି। ଆଫଗାନିସ୍ତାନ ପାଇଁ ଭାରତର ମହତ୍ତ୍ୱକୁ ତାଲିବାନ ଭଲଭାବେ ବୁଝିଛି। ଭାରତ ସହ ଆଫଗାନିସ୍ତାନର କୌଣସି ବିବାଦ ନାହିଁ। ବରଂ ପାକିସ୍ତାନ ବିରୋଧରେ ଆଫଗାନିସ୍ତାନକୁ ଭାରତ ସହାୟତା କରିବାକୁ ପ୍ରସ୍ତୁତ। ଏବେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ସୀମା ବିବାଦକୁ ନେଇ ଉ□ଜନା ଏବଂ ଲଢ଼େଇ ଭାରତ ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି। କାବୁଲ ସହ ଉ□ମ ସମ୍ପର୍କ ସ୍ଥାପନ କରି ଭାରତ ଏକ ନୂତନ ବନ୍ଧୁ ସୃଷ୍ଟି କରିବା ଉଚିତ। ଭାରତର ଅନ୍ୟତମ ପଡ଼ୋଶୀ ବାଂଲାଦେଶରେ ସରକାର ପରିବ□ନ ପରେ ନୂଆ ସରକାର ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଭଳି ପରିସ୍ଥିତିରେ ପାକିସ୍ତାନ ସହ କୂଟନୈତିକ ଏବଂ ସାମରିକ ସ୍ତରରେ ଲଢ଼ିବା ପାଇଁ ଆଫଗାନିସ୍ତାନ ସହ ବନ୍ଧୁତାର ନିହାତି ଆବଶ୍ୟକତା ରହିଛି। ସୁଯୋଗକୁ ହାତ ଛଡ଼ା କରିବା ଅନୁଚିତ।

# ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଓ ସ୍ୱାସ୍ଥ୍ୟ ସମସ୍ୟା

" ଅନେକ ହୁଏତ ଜାଣିନଥାନ୍ତି ଏ ନେଇ ଜଳଜାତ ରୋଗ ସୃଷ୍ଟି ହେବ। ପରିବେଶର ବାତାବରଣ ଅନୁସାରେ ମଣିଷ ନିଜକୁ ଖାପଖୁଆଇ ଚଳିଲେ ସୁଦ୍ଧା ଜଳବାୟୁ ପରିବର୍ତ୍ତନର ପ୍ରଭାବ ଶରୀର ଉପରେ ପଡୁଛି। ସେହିପରି ସ୍ୱାସ୍ଥ୍ୟ ଲାଗି ଜରୁରୀ ସ୍ୱଚ୍ଛ ତଥା ବିଶୁଦ୍ଧ ଜଳ। ସମୁଦ୍ର ସ୍ତର ବୃଦ୍ଧି ହେଲେ ବିଶୁଦ୍ଧ ଜଳ ସଙ୍କଟ ଦେଖାଦେବ। ଯଦ୍ୱାରା ଦୂଷିତ ଜଳରୁ ଉତ୍ପନ୍ନ ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି ହେବ। ଏମିତି ବି ହୋଇପାରେ ଏହିସବୁ ରୋଗ ମହାମାରୀର ରୂପ ନେଇପାରନ୍ତି। ବଡ଼ କଥା ହେଉଛି ମାନସିକ ରୋଗ ବଢ଼ିବାର ମଧ୍ୟ ସମ୍ଭାବନା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦେଖା ଦେଉଥିବା ରୋଗ ମଧ୍ୟରେ ସବୁଠାରୁ ଆଗରେ ଅଛି ମାନସିକ ରୋଗ।

॥ ଡାକ୍ତର ସମ୍ରାଟ କର ॥

ଜଳବାୟୁ ପରିବର୍ତ୍ତନ ହେତୁ ପ୍ରବଳବର୍ଷା, ଭୂସ୍ଖଳନ, ଘୂର୍ଣ୍ଣିବଳୟ, ମରୁଡ଼ି ଇତ୍ୟାଦି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି। ଗତ କିଛି ଦଶନ୍ଧି ମଧ୍ୟରେ ବିଶ୍ୱସ୍ତରରେ ଜଳବାୟୁ ଦ୍ୱାରା ସୃଷ୍ଟି ହେଉଥିବା ବିପର୍ଯ୍ୟୟ ମାନବ ଜୀବନ ଓ ଏହାର ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଉତ୍ତରପ୍ରଦେଶ, ତାମିଲନାଡୁ, ବିହାର, ଆସାମ, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରେ ଦେଖା ଦେଉଥିବା ବନ୍ୟା ସ୍ଥିତି ହେଉଛି ଜଳବାୟୁ ପରିବର୍ତ୍ତନର କାରଣ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲୁଏଚ୍ଓ ଅନୁସାରେ ୨୦୩୦ ଓ ୨୦୫୦ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ କୁ ପୋଷଣ, ମ୍ୟାଲେରିଆ, ଡାଇରିଆ, ଲୁ ଆଦି ଯୋଗୁଁ ବର୍ଷକୁ ଅଢ଼େଇ ଲକ୍ଷ ଲୋକଙ୍କ ଅକାଳ ବିୟୋଗ ଘଟିବ। ବିଶେଷକରି ଯୁବପିଢ଼ି ଓ ବରିଷ୍ଠ ନାଗରିକ ଏଭଳି ଏକ ଦୁଷ୍ପରିଣାମ ସାମ୍ନା କରିବେ।

ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି, ବାୟୁ ମଣ୍ଡଳରେ ଉତ୍ତାପ ବୃଦ୍ଧି ଯୋଗୁଁ ଲୋକେ ନୂଆ ନୂଆ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଯାହାର ନିରାକରଣ ପାଇଁ ଏ ପର୍ଯ୍ୟନ୍ତ କୌଣସି ଔଷଧ ତିଆରି ହୋଇନାହିଁ। ମୁଖ୍ୟତଃ ଏହାଦ୍ୱାରା ସଂକ୍ରାମକ ରୋଗ ବୃଦ୍ଧି ପାଉଛି। ଯଦି ତାପମାତ୍ରା ବୃଦ୍ଧି ନିୟନ୍ତ୍ରିତ ନ ହୁଏ, ତେବେ ଆଗାମୀ ଦିନରେ ଅର୍ଥାତ ୧୦-୨୦ ବର୍ଷ ମଧ୍ୟରେ ଭୟଙ୍କର ବିନାଶ ମଧ୍ୟ ଘଟିପାରେ। ସେହିପରି ଶରୀରର ଟିସୁ ଭାବେ କାମ କରିବ ନାହିଁ। ମୁଖ୍ୟତଃ ଶୀତରେ ଅତ୍ୟଧିକ ଗରମ ହେଉଥିବାରୁ ମଶା ସଂଖ୍ୟା ବୃଦ୍ଧି ପାଉଛି। ଫଳରେ ଲୋକେ ମ୍ୟାଲେରିଆ, ଡେଙ୍ଗୁ, ଜିକା ଭାଇରସ ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି। ବଡ଼ କଥା ହେଉଛି କ୍ୟାନସର ଆଶଙ୍କା ମଧ୍ୟ ବଢ଼ିବ। କ୍ୟାନସର ଭଳି ମାରାତ୍ମକ ରୋଗ ପାଇଁ ଜଳବାୟୁ ପରିବର୍ତ୍ତନର ମଧ୍ୟ ଅନ୍ୟତମ କାରଣ। ନାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏନଭରମେଣ୍ଟାଲ ହେଲଥ ସାଇନ୍ସରେ ଏ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି। ଅତ୍ୟଧିକ ଗରମ କାରଣରୁ ରସାୟନ କଣିକା ପବନରେ ରହିଥାଏ। ଯଦ୍ୱାରା ଶ୍ୱାସକ୍ରିୟା ସମୟରେ ଏହି କଣିକା ଶରୀରକୁ ଯାଇ ଫୁସ୍‌ଫୁସ୍‌କୁ ପ୍ରଭାବିତ କରିଥାଏ। ସେହିପରି ବାୟୁ ପ୍ରଦୂଷଣର ପ୍ରଭାବ ମଧ୍ୟ କ୍ୟାନସରର ଅନ୍ୟତମ କାରଣ। ଅତ୍ୟଧିକ ପ୍ରଦୂଷଣ ଯୋଗୁଁ ଓଜୋନ ସ୍ତରରେ ଛେଦ ସୃଷ୍ଟି ହୁଏ। ଫଳରେ ଅତିବାଇଗଣୀ ରଶ୍ମୀ ଚର୍ମକୁ କର୍କଟର କାରଣ ହୋଇଥାଏ। ସେହିପରି ଶ୍ୱାସରୋଗୀଙ୍କ ସଂଖ୍ୟା ବଢ଼ିବ। ଅନ୍ୟପଟେ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇଲେ ବାୟୁ ପ୍ରଦୂଷଣ ବଢ଼ିବ। ଏହାଦ୍ୱାରା ଶ୍ୱାସକ୍ରିୟାରେ ସମସ୍ୟା ଉପୁଜିବ। ତା ସହ ଫୁସ୍‌ଫୁସ୍ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ଦେଖାଦେବ। କେବଳ ଏତିକି ନୁହେଁ ଶ୍ୱାସ ରୋଗୀଙ୍କ ସଂଖ୍ୟା ବି ବୃଦ୍ଧି ପାଇବ। ଏଭଳି ହୃଦ୍‌ଘାତ, ଜଳ ଶୁଷ୍କତା ଓ ଚିଡ଼୍‌ଚିଡ଼ାପଣ ଆଦି ସମସ୍ୟା ଦେଖାଦେବ। ଅନ୍ୟପଟେ ତମାମ ସମସ୍ୟା ପିଲାଙ୍କ ମସ୍ତିଷ୍କ ବିକାଶ ଉପରେ ପ୍ରଭାବ ପକାଇବ।

ଅନେକ ହୁଏତ ଜାଣିନଥାନ୍ତି ଏ ନେଇ ଜଳଜାତ ରୋଗ ସୃଷ୍ଟି ହେବ। ପରିବେଶର ବାତାବରଣ ଅନୁସାରେ ମଣିଷ ନିଜକୁ ଖାପଖୁଆଇ ଚଳିଲେ ସୁଦ୍ଧା ଜଳବାୟୁ ପରିବର୍ତ୍ତନର ପ୍ରଭାବ ଶରୀର ଉପରେ ପଡୁଛି। ସେହିପରି ସ୍ୱାସ୍ଥ୍ୟ ଲାଗି ଜରୁରୀ ସ୍ୱଚ୍ଛ ତଥା ବିଶୁଦ୍ଧ ଜଳ। ସମୁଦ୍ର ସ୍ତର ବୃଦ୍ଧି ହେଲେ ବିଶୁଦ୍ଧ ଜଳ ସଙ୍କଟ ଦେଖାଦେବ। ଯଦ୍ୱାରା ଦୂଷିତ ଜଳରୁ ଉତ୍ପନ୍ନ ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି ହେବ। ଏମିତି ବି ହୋଇପାରେ ଏହିସବୁ ରୋଗ ମହାମାରୀର ରୂପ ନେଇପାରନ୍ତି। ବଡ଼ କଥା ହେଉଛି ମାନସିକ ରୋଗ ବଢ଼ିବାର ମଧ୍ୟ ସମ୍ଭାବନା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦେଖା ଦେଉଥିବା ରୋଗ ମଧ୍ୟରେ ସବୁଠାରୁ ଆଗରେ ଅଛି ମାନସିକ ରୋଗ। ଏହା ସହ ପିଲାମାନେ ମଧ୍ୟ ଜଳବାୟୁ ପରିବର୍ତ୍ତନର ଶିକାର ହେଉଛନ୍ତି। ମନୋବିଜ୍ଞାନୀଙ୍କ ଅନୁସାରେ, ଛୋଟ ପିଲାଙ୍କ ଠାରେ ଚିନ୍ତା, ଅବସାଦ, ଦୁଃଖ ଆଦି ସମସ୍ୟା ଦେଖିବାକୁ ମିଳୁଛି। ସେହିପରି ପିଲାଙ୍କ ଠାରେ ଦେଖା ଦେଉଥିବା ଏଭଳି ସମସ୍ୟାକୁ ମନୋବିଜ୍ଞାନୀ ଇକୋ ଆନଜାଇଟିଂ ବୋଲି କହିଥାନ୍ତି। ଏବେ ପୃଥିବୀ ବସବାସ କରିବା ଯୋଗୁଁ ନୁହେଁ ବୋଲି ସେମାନେ ଭାବୁଛନ୍ତି। ଆଉ ଏ କଥା ସେମାନଙ୍କ ମନରେ ବସା ବାନ୍ଧି ଗଲାଣି। ଯେତେବେଳେ ସେମାନେ ବଡ଼ ହେବେ, ସେତେବେଳେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପୃଥିବୀ ଧ୍ୱଂସ ହୋଇଯିବ। ଅନ୍ୟପଟେ ପିଲାଙ୍କ ବ୍ୟବହାରରେ ଆସୁଥିବା ପରିବର୍ତ୍ତନ ପାଇଁ ଅନେକାଂଶରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ରହିଛି। ତେବେ ଦୁଃଖର ବିଷୟ ହେଉଛି କେବଳ ବଡ଼ ଲୋକ ନୁହଁନ୍ତି ବରଂ ଛୋଟ ଛୋଟ ପିଲାମାନେ ମଧ୍ୟ ମାନସିକ ରୋଗର ଶିକାର ହେଉଛନ୍ତି। ହଠାତ୍ କୌଣସି ବିଷୟକୁ ନେଇ ରାଗିଯିବା, ଚିଡ଼ି ଯିବା, ହତାଶ ହେବା, ଦୁଃଖ କରିବା ଆଦି ଲକ୍ଷଣ ସେମାନଙ୍କ ଠାରେ ଦେଖାଦେଉଛି। ଯାହାକି ମାନସିକ ରୋଗକୁ ହିଁ ଇଙ୍ଗିତ କରୁଛି। ପୁଣି ପ୍ରଦୂଷିତ ସହରରେ ପିଲାଙ୍କ ଠାରେ ଅବସାଦ ଓ ମାନସିକ ରୋଗ ବୃଦ୍ଧି ପାଉଛି।

ଏଣିକି ଲୋକେ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୀଡ଼ିତ ହେବେ। ଅର୍ଥାତ୍ ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ପ୍ରକୃତି ଉପରେ ନୁହେଁ ବରଂ ଏହାର ପ୍ରଭାବ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପଡୁଛି। ସମ୍ପ୍ରତି ଏହା ଏକ ନୂଆ ରୋଗ ଭାବେ ଉଭା ହୋଇଛି। ଏପରିକି ପାଖାପାଖି ଏହାଦ୍ୱାରା ସବୁ ଦେଶ ମଧ୍ୟ ପ୍ରଭାବିତ ହେଲେଣି। ଏହି କ୍ରମରେ ନିକଟରେ କାନାଡ଼ାରେଜଣେ ୭୦ ବର୍ଷୀୟା ମହିଳା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୀଡ଼ିତ ହୋଇଛନ୍ତି। ତା ସହ ଏହା ହେଉଛି ବିଶ୍ୱର ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଥମ ମାମଲା। କାନାଡାର ବ୍ରିଟିଶ କଲମ୍ବିଆର ଜଣେ ମହିଳା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୀଡ଼ିତ। ଅବଶ୍ୟ ମହିଳାଙ୍କ ନାଁ ଏବେ ସାମ୍ନାକୁ ଆସିନାହିଁ। ସମ୍ପୃକ୍ତ ମହିଳାଙ୍କର ଶ୍ୱାସକ୍ରିୟା ସମ୍ବନ୍ଧୀୟ ସମସ୍ୟା ଥିବା ନେଇ କାନାଡ଼ାର କୁଟନି ଲେକ ହସ୍ପିଟାଲର ଡାକ୍ତର କାଇଲ ମେରିଟ୍‌ଙ୍କ ପାଖକୁ ଚିକିତ୍ସିତ ହେବାକୁ ଆସିଥିଲେ। କାଇଲ ତାଙ୍କର ଚିକିତ୍ସା କରିବା ପରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥିବା କହିଥିଲେ। ସାଧାରଣତଃ କାନାଡାକୁ ସବୁଠୁ ଥଣ୍ଡା ଦେଶ ବୋଲି କୁହାଯାଏ। ଏଠାରେ ତୁଷାରପାତ ହେବା ସହ ତାପମାତ୍ରା ମାଇନସ ଡିଗ୍ରୀକୁ ଚାଲିଯାଏ। ମାତ୍ର ଏଥର ଜୁନ-ଜୁଲାଇରେ ଦେଖା ଦେଇଥିବା ହିଟ୍ ୱେଭ ଯୋଗୁଁ କାନାଡା ସ୍ଥିତି ଗୁରୁତର ଭାବେ ପ୍ରଭାବିତ ହୋଇଛି। ହିଟ୍ ୱେଭ ଯୋଗୁଁ କାନାଡାର ତାପମାତ୍ରା ଥିଲା ୪୯.୬ ଡିଗ୍ରୀ ସେଲସିୟସ। ଯାହାକି କାନାଡ଼ା ଇତିହାସରେ ସର୍ବାଧିକ ତାପମାତ୍ରା। ହିଟୱେଭ ଯୋଗୁଁ ଜଙ୍ଗଲରେ ନିଆଁ ଲାଗିବା ଓ ଧୂଆଁ ଯୋଗୁଁ ପବନର ଗୁଣବତ୍ତା ମଧ୍ୟ ଖରାପ ହେଲା। ଯେଉଁଥି ପାଇଁ ମହିଳାଙ୍କ ଠାରେ ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଛି ଓ ସେ ଏବେ ସୁଦ୍ଧା ଏଥିରୁ କାନାଡାରେ ୫୦୦ ଜଣ ପ୍ରାଣ ହରାଇଛନ୍ତି। ଯଦିଓ ମହିଳା ଜଣକ ହାଇଡ୍ରେଟ ରହିବା ପାଇଁ ଚେଷ୍ଟା କରୁଛନ୍ତି, ତଥାପି ଲୁ' ତାଙ୍କ ଶରୀରକୁ ଅତ୍ୟଧିକ ମାତ୍ରାରେ ପ୍ରଭାବିତ କରିଛି। ସେହିପରି ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ୱାସ୍ଥ୍ୟ ଉପରେ କିଭଳି ପ୍ରଭାବ ପକାଇବ ତାହା ମଧ୍ୟ ଏଥିରୁ ବିଶେଷଜ୍ଞମାନେ ସ୍ପଷ୍ଟ ଭାବେ ବୁଝିପାରୁଥିବା ସେ କହିଛନ୍ତି। ଆଗାମୀ ଦିନରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଲୋକମାନେ ଘରଛାଡ଼ି ପଳାୟନ କରିବାକୁ ବାଧ ହେବେ। ବିଶେଷଜ୍ଞଙ୍କ ଅନୁସାରେ ୨୦୫୦ ସୁଦ୍ଧା ପ୍ରାୟ ୨୦ କୋଟି ଲୋକ ଏହା ଯୋଗୁଁ ନିଜ ଭିଟାମାଟି ଛାଡ଼ିବେ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ସତ୍ୟାନୁସରଣରେ ଜୀବନ

॥ ଉମେଶ ଚନ୍ଦ୍ର ପାତ୍ର ॥

ପରମପ୍ରେମମୟ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ଦିବ୍ୟଜୀବନ କେବଳ ରକ୍ତମାଂସ ଗଠିତ ଶରୀର ଭିତରେ ସୀମିତ ନୁହେଁ । ଯାହାଙ୍କ ଆଧ୍ୟାତ୍ମିକ ମାର୍ଗଦର୍ଶନ ମୁକ୍ତି ଅନ୍ୱେଷୀମାନଙ୍କୁ ଉଦ୍‌ବୁଦ୍ଧ କରିବା ସହ ଦିବ୍ୟ ଜୀବନ ଅଧିକାରୀ ହେବା ପାଇଁ ପ୍ରେରଣା ଯୋଗାଇ ଅନୁପ୍ରାଣିତ କରୁଛି । ଯେପରି ସୀମାହୀନ ମହାସିନ୍ଧୁର ନୀଳ ଜଳରାଶି, ଫେନିଳ ତରଙ୍ଗାଳୀ ଅବଲୋକନ କରି ଭାବବିହ୍ୱଳ ହେବା ଛଡ଼ା କାହାର ସାଧ ନାହିଁ ଜଳରାଶିର ଗଭୀରତା ଓ ବିସ୍ତୀର୍ଣ୍ଣତାର ପରିସୀମାକୁ ମାପିବାକୁ । କେବଳ ମାତ୍ର ଭାବନାହୀନ ତନ୍ମୟତାରେ ସାଗରର କୂଳ ଦେଶର ମୃତ ବାଲୁକା ଶଯ୍ୟାରେ ପଦାଚାରଣା କରିବା ଛଡ଼ା ଆଉ କିଛି ସମ୍ଭବ ନୁହେଁ । ପୂର୍ଣ୍ଣବ୍ରହ୍ମ ଶ୍ରୀ ଶ୍ରୀ ପୁରୁଷୋତ୍ତମଙ୍କ ଦିବ୍ୟଲୀଳା ମାଧୁରୀକୁ ଅବତରଣ କରି ଏହା କୁହାଯାଇପାରେ ସାଗରର ମଧ୍ୟ ଶେଷ ଅଛି ସୀମା ମଧ୍ୟ ଅଛି । ତେଣୁ ସାଗର ଅନନ୍ତ ନୁହେଁ କି ଅସୀମ ନୁହେଁ । ଜଣେ ହିଁ ଅନନ୍ତ ଓ ଅସୀମ, ସେ ହେଉଛନ୍ତି ପୁରୁଷୋତ୍ତମ । ଆଶ୍ରିତଜନଙ୍କୁ କୃପା କରି ସସୀମ ରୂପରେ ଲୀଳା ପ୍ରକଟ କରିଛନ୍ତି । ଅବିଭକ୍ତ ବଂଗଭୂମିର ପାବନା ଜିଲ୍ଲାର ଗୋୟାଁଖାନା ନିବାସୀ ଶିବଚନ୍ଦ୍ର ଚକ୍ରବର୍ତ୍ତୀ ଓ ମାତା ମନମୋହିନୀଙ୍କର କୋଳମଣ୍ଡନ କରିଥିଲେ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ର । ସେ ମାହେନ୍ଦ୍ର ମୁହୂର୍ତ୍ତ ଥିଲା ୧୨୯୫ ବଙ୍ଗଳା ସାଲର ଭାଦ୍ରବ ମାସର ୩୦ ଦିନ ଶୁକ୍ଳପକ୍ଷ, ଇଂରାଜୀ ବର୍ଷ ଅନୁଯାୟୀ ୧୮୮୮ ମସିହା। ଜନ୍ମ ହେବାର ନବମ ମାସରେ ଅନ୍ନପ୍ରାଶନ୍ନ ଉତ୍ସବରେ ମାତା ମନମୋହିନୀ ଦେବୀ କବିତାଟିଏ ଲେଖିଥିଲେ ଯାହାର ପ୍ରଥମ ଅକ୍ଷରଗୁଡ଼ିକ ସମ୍ମିଳନରେ ଥିଲା 'ଅନୁକୂଳ'

ସତ୍ୟାନୁସରଣର ରଚୟିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଜୀବନବାଦର ପୁରୋଧା ଥିଲେ । ମଣିଷର ଜୀବନ ତାଙ୍କ ପାଖରେ ସର୍ବୋପରି ମୂଲ୍ୟବାନ ବସ୍ତୁ ହିସାବରେ ପରିଗଣିତ ହୋଇଆସୁଥିଲା । ସତ୍ୟାନୁସରଣ ହେଉଛି ଜୀବନର ଆସ୍ଥା । ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନରେ ଜୀବନ ଅତ୍ୟନ୍ତ ମୂଲ୍ୟବାନ । ଜୀବନର ସ୍ୱରୂପ, ଗଭୀରତା ଏବଂ ଜ୍ୟୋତିର ପ୍ରକାଶ ଏକପ୍ରକାର ବିସ୍ମୟକର ଅଭିବ୍ୟକ୍ତ । ପ୍ରତ୍ୟେକ ବ୍ୟକ୍ତି ବିଶେଷ ପାଇଁ ଜୀବନର ରୂପ ଓ ପ୍ରକାଶ ଭିନ୍ନ ପ୍ରକାର । ସେହି ଦୃଷ୍ଟିରୁ ବ୍ୟକ୍ତିର ବ୍ୟକ୍ତିଗତ ଅନୁଭୂତି ଏବଂ ନିଜସ୍ୱ ଦୃଷ୍ଟିଭଙ୍ଗିର ଏକ ଅନନ୍ୟ ମୂଲ୍ୟ ରହିଛି । ବ୍ୟକ୍ତି ଜୀବନର ଏହି ଘନୀଭୂତ ଓ କେନ୍ଦ୍ରାୟୀତ ପୃଷ୍ଠଭୂମିରେ ସତ୍ୟାନୁସରଣ ହେଉଛି ଏକ ଅଭ୍ରାନ୍ତ ମାର୍ଗଦର୍ଶକ ଏବଂ ନିୟାମକ । ସତ୍ୟାନୁସରଣ ଭିତରେ ଜୀବନର ଦର୍ଶନ ଓ ଆଧ୍ୟାତ୍ମବିଦ୍ୟା ନିଶ୍ଚୟ ରହିଛି । କିନ୍ତୁ ସତ୍ୟାନୁସରଣର ମହତ୍ତ୍ୱ ହେଉଛି ଜୀବନ ଦର୍ଶନକୁ ସୂତ୍ରାକାରରେ ପାଳନ କରିବାର ଏକ ପନ୍ଥା । ମଣିଷ କିଭଳି ନିଜର ଦୈନନ୍ଦିନ ଜୀବନରେ କର୍ମ ସମ୍ପାଦନା କରିବା ସହିତ ସାର୍ଥକତାର ପଥ ଅବଲମ୍ବନ କରିପାରିବ; ସତ୍ୟାନୁସରଣ ହେଉଛି ସେଥିପାଇଁ ଏକ ନିତି ନୀୟମ ସମ୍ବଳିତ ଏକ ନିର୍ଦ୍ଦେଶନାମା । ଧର୍ମର ସଂଜ୍ଞା ବର୍ଣ୍ଣନା କରି ଶ୍ରୀ ଶ୍ରୀ ଠାକୁର କହିଥିଲେ - 'ଯେନାତ୍ମନଂ ତଥାନ୍ୟେଷାଂ ଜୀବନବର୍ଦ୍ଧନାଞ୍ଚପି ଧ୍ରିୟତେ ସ ଧର୍ମଃ' ଅର୍ଥାତ୍ ଯାହାଦ୍ୱାରା ନିଜର ଓ ଅନ୍ୟର ଜୀବନ ଓ ବୃଦ୍ଧି ବିକଶିତ ହୁଏ, ତାକୁ ହିଁ ଧର୍ମ କୁହାଯାଏ । ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଏକ ପରିମାର୍ଜିତ ରୂପରେ ମୁଗ୍ଧ ହୋଇ ମନୁଷ୍ୟର ଚରିତ୍ରବତ୍ତା, ଈଶ୍ୱରାଭିମୁଖୀ ଚେତନା, ପିତୃମାତୃ କେନ୍ଦ୍ରିକତା, ଅନୁଚିନ୍ତନର ପ୍ରୟାସରେ ଆରମ୍ଭ କରିଥିଲେ 'ସତ୍‌ସଙ୍ଗ ତପୋବନ ବିଦ୍ୟାଳୟ' । 'ସତ୍‌ସଙ୍ଗ' ପ୍ରତିଷ୍ଠାନର ଆଭିମୁଖ୍ୟ ଓ କାର୍ଯ୍ୟ ପରିସର ବ୍ୟାପକ ହେବା ପରେ ଶ୍ରୀ ଶ୍ରୀ ଠାକୁର ତାଙ୍କର ଆଶ୍ରିତ ଓ ସେବକମାନଙ୍କୁ ଯାଜକ, ଅଧ୍ୱର୍ଯ୍ୟ, ସହପ୍ରତିରତ୍ୱିକ ନାମରେ ନାମିତ କରି ଦୀକ୍ଷାଦାନ ପାଇଁ ପ୍ରେରିତ କରିଥିଲେ ।

ଶ୍ରୀ ଶ୍ରୀ ଠାକୁରଙ୍କ ଦୃଷ୍ଟିଭଙ୍ଗିରେ ଜୀବନର ଦୁଇଟି ଅପରିହାର୍ଯ୍ୟ ଦିଗ ରହିଛି । ପ୍ରଥମ ହେଉଛି - ବଞ୍ଚିବା ଓ ଦ୍ୱିତୀୟ ହେଉଛି ବୃଦ୍ଧି, ଆନନ୍ଦ କିମ୍ବା ବିସ୍ତାରିତ ଅନୁଭୂତି । ଏହି ଦୁଇଟି ଦିଗକୁ ପରିପୂରଣ କରିବାର ଉପାୟ ସତ୍ୟାନୁସରଣର ପ୍ରତ୍ୟେକ ପରିଛେଦରେ ଦିଆଯାଇଛି । ଉଦାହରଣ ସ୍ୱରୂପ - 'ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅ ନାହିଁ । ସାବଧାନ ହୁଅ - ଠକିଯିବ, ତୁମ ଭିତରେ ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ' । ମନୁଷ୍ୟ ଭିତରେ ଦେବତ୍ୱକୁ ଜାଗ୍ରତ କରିବା, ଆତ୍ମା ସହିତ ପରମାତ୍ମାର ମିଳନ କରାଇବା, ମନୁଷ୍ୟକୁ ତା'ର ଲକ୍ଷ୍ୟ ସମ୍ବନ୍ଧରେ ସଚେତନ କରାଇବା ପାଇଁ ଶ୍ରୀ ଶ୍ରୀ ଠାକୁରଙ୍କ ଏହି ବାଣୀ ଏକ ଅମୋଘ ଅସ୍ତ୍ର । ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଭଗବାନ କୃଷ୍ଣ ଅର୍ଜୁନଙ୍କୁ ଆହ୍ୱାନ ଦେଲାଭଳି ଶ୍ରୀ ଶ୍ରୀ ଠାକୁର ସତ୍ୟାନୁସରଣ ପ୍ରଥମ ପରିଛେଦରେ କହିଛନ୍ତି 'ସର୍ବ ପ୍ରଥମ ଆମ୍ଭମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ । ସାହସୀ ହେବାକୁ ହେବ, ବୀର ହେବାକୁ ହେବ । ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା । ତଡ଼, ଯେତେ ଶୀଘ୍ର ପାର, ଏହି ରକ୍ତଶୋଷଣକାରୀ ଅବସାଦ ଉତ୍ପାଦକ ଠକ୍ଷଙ୍କତ୍ତସ୍ୱରକୁ । ସ୍ମରଣ କର ତୁମେ ସାହସୀ, ସ୍ମରଣକର ତୁମେ ଶକ୍ତିର ତନୟ, ସ୍ମରଣ କର ତୁମେ ପରମପିତାର ସନ୍ତାନ । ଆଗେ ସାହସୀ ହୁଅ, ଅକପଟ ହୁଅ, ତେବେ ଜଣାଯିବ, ତୁମର ଧର୍ମରାଜ୍ୟରେ ପଶିବାର ଅଧିକାର ଜନ୍ମିଛି । ଭାରତବାସୀଙ୍କୁ ଶ୍ରୀ ଶ୍ରୀ ଠାକୁରଙ୍କର ବୈପ୍ଳବିକ ଆହ୍ୱାନ ହେଉଛି - 'ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂର୍ତ୍ତ ଭଗବାନ ଅସୀମ ହୋଇଉଠିଛନ୍ତି । ଋଷିଙ୍କୁ ବାଦ ଦେଇ ଋଷିବାଦର ଉପାସନା ଆରମ୍ଭ ହୋଇଛି । ଭାରତ, ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ ତେବେ ସଂପ୍ରଦାୟ ଗତ ବିରୋଧ ଭୁଲି ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧା ସମ୍ପନ୍ନ ହୁଅ, ଆଉ ତୁମର ମୂର୍ତ୍ତି ବା ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି, କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରି ହିଁ ପରବର୍ତ୍ତୀଙ୍କ ଆବିର୍ଭାବ । ଅନ୍ୟତ୍ର ସତ୍ୟାନୁସରଣରେ ଶ୍ରୀ ଶ୍ରୀ ଠାକୁର କହିଲେ - 'କର୍ମ କରିଯାଓ, ଅଦୃଷ୍ଟ ଭାବି ଭାଙ୍ଗି ପଡ଼ନାହିଁ, ଅଳସୁଆ ହୁଅନାହିଁ । ତୁମେ ଯେପରି କାର୍ଯ୍ୟ କରିବ, ତୁମର ଅଦୃଷ୍ଟ ସେହିପରି ହୋଇ ଦୃଷ୍ଟ ହେବ ।' ଜୀବନର ଗତି ପଥରେ, ବିପଦ ଓ ବାଧା ଆସି ଛିଡ଼ା ହୁଏ । ଶ୍ରୀ ଶ୍ରୀ ଠାକୁର ଜୀବନରେ ବିଜୟ ଓ ସାଫଲ୍ୟର ଜୟ ଜୟକାର କରି ସତ୍ୟାନୁସରଣର ପୃଷ୍ଠାରେ କହିଲେ, 'ବିପଦକୁ ଫାଙ୍କି ଦେଇ ଓ ପରାସ୍ତ କରି ସଫଳତା ଲକ୍ଷ୍ମୀ ଲାଭ କର; ବିପଦ ଯେପରି ତୁମକୁ ସଫଳତାରୁ ବଞ୍ଚିତ ନକରେ ।' ସତ୍ୟାନୁସରଣ ଅଧ୍ୟୟନ କଲାବେଳେ ମଣିଷର ଅନ୍ତର୍ରାଜ୍ୟରେ ଏକପ୍ରକାର ଆଲୋଡ଼ନ ସୃଷ୍ଟି ହୁଏ । ସତ୍ୟାନୁସରଣର ପ୍ରତ୍ୟେକ ବାକ୍ୟ କିମ୍ବା ପରିଚ୍ଛେଦରେ ଏକ ଚିରନ୍ତନ ସତ୍ୟ ଏବଂ ଏକ ଜୀବନୀୟ ନିର୍ଦ୍ଦେଶ ପ୍ରସ୍ଫୁଟିତ ହୋଇଅଛି । ଅଧିକାଂଶ, ଅଧ୍ୟାୟରେ ମନସ୍ତାତ୍ତ୍ୱିକ, ଆତ୍ମିକ, ବ୍ୟବହାରିକ ଏବଂ ଦାର୍ଶନିକ ତତ୍ତ୍ୱର ବାସ୍ତବ ପ୍ରୟୋଗର କୌଶଳ ଓ ଉପାୟ ଦର୍ଶାଯାଇଛି । ପରିଶେଷରେ ଏକଥା କହିବାକୁ ପଡ଼େ, ସତ୍ୟାନୁସରଣରେ ଶ୍ରୀ ଶ୍ରୀ ଠାକୁରଙ୍କ ଜୀବନ ଜାଗ୍ରତ ରହିଛି । ସତ୍ୟାନୁସରଣର ଭକ୍ତି ମାଧ୍ୟମରେ ସେ ଆମକୁ ନିରନ୍ତର ମାର୍ଗଦର୍ଶନ କରାଇଛନ୍ତି । ଜୀବନର ଜୟ ହେଉ - ଶ୍ରୀ ଶ୍ରୀ ଠାକୁରଙ୍କ ଜୟ ହେଉ -

ସହପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# 'ଇ-ଆବର୍ଜନାର ସଂକଟ'

॥ ବିପିନ ବିହାରୀ ରାଉତ ॥

ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ମାଟି, ପାଣି ଓ ପବନ ଏହି ପ୍ରଦୂଷଣ ମଧ୍ୟରେ ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରକାର କୀଟନାଶକ ଦ୍ରବ୍ୟ ସାର ଆକାରରେ ମାଟିରେ ଓ କଳକାରଖାନାରୁ ବିଷାକ୍ତ ଜଳ ବାହାରି ନଦୀ ଇତ୍ୟାଦିରେ ମିଶି ପାଣିକୁ ବିଷାକ୍ତ କରୁଛି । କାରଖାନାରୁ ନିର୍ଗତ ଧୂଆଁ ବାୟୁକୁ ପ୍ରଦୂଷିତ କରିବା ସହ ଶବ୍ଦ ପ୍ରଦୂଷଣ ମଧ୍ୟ ଘଟୁଛି । ପ୍ରତିଦିନ ବିଶ୍ୱରେ ପ୍ରାୟ ଚଉଦ ହଜାର ଲୋକ ଦୂଷିତ ପାଣି ପିଇ ମରୁଛନ୍ତି । ସାତଶହ ନିୟୁତ ଭାରତୀୟଙ୍କର ଉପଯୁକ୍ତ ଶୌଚାଳୟ ନାହିଁ । ଏହାଛଡ଼ା ଭାରତରେ ପ୍ରତିଦିନ ଏକ ହଜାର ଲୋକ ହଇଜାରେ ମରୁଛନ୍ତି । ଚୀନରେ ପ୍ରତିବର୍ଷ ପାଞ୍ଚ ନିୟୁତ ଲୋକ ଉପଯୁକ୍ତ ପାନୀୟ ଜଳ ପାଆନ୍ତି ନାହିଁ ଓ ବାୟୁ ପ୍ରଦୂଷିତ ହେବା ଯୋଗୁଁ ଏଠାରେ ପ୍ରତି ବର୍ଷ ପ୍ରାୟ ୬୫୬ ହଜାର ଲୋକ ମରନ୍ତି । ତେଣୁ ବିଶ୍ୱବାସୀଙ୍କୁ ଏହି ପ୍ରଦୂଷଣ ବିଷୟରେ ସଚେତନ କରିବା ଓ ଏହାର ନିରାକରଣ ପାଇଁ ପ୍ରତିବର୍ଷ ଡିସେମ୍ବର ୨ରେ ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ ପାଳନ କରାଯାଏ । ତେବେ ଉଦ୍‌ବେଗଜନକ ଭାବେ ଦିନକୁ ଦିନ ଇ-ଆବର୍ଜନାର ପାହାଡ଼ ଆମ ଆଖପାଖର ପରିବେଶକୁ ଅସ୍ତବ୍ୟସ୍ତ କରୁଛି । ଆମେ ହାତରେ ଧରୁଥିବା ଜୀବନ୍ତ ମୋବାଇଲ୍ ଫୋନ, ଆଇପ୍ୟାଡ୍ ବା ଆଇପଡ୍ ଅଥବା ଘରେ ନିତି ଦିନ ଗହଳ ଚହଳ କରୁଥିବା ଜୀବନ୍ତ ଟେଲିଭିଜନ ବା ଆମର ଘନିଷ୍ଠ ମିତ୍ର ସାଜିଥିବା କମ୍ପ୍ୟୁଟର ଅବଶ୍ୟ ଦିନେ ମରିବେ । କିନ୍ତୁ ଏହି ମୃତକମାନଙ୍କ ଦେହାବଶେଷ ମାଟିରେ ମିଶିଯିବ ନାହିଁ । ଏହା ପଡ଼ି ରହିବ ଏବଂ ଆବର୍ଜନାର ପାହାଡ଼ ସୃଷ୍ଟି କରିବ ଏ ପୃଥିବୀ ଉପରେ । ଏଭଳି ଆବର୍ଜନାର ପାହାଡ଼ ଯେ କି ବିଶାଳ ହୋଇପାରେ ତାର ଏକ ଚିତ୍ର ଏବେ ଆମକୁ ଜାଣିବାକୁ ମିଳିଛି । ଏଇ ନିକଟରେ ଜାତିସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଇଲେକ୍ଟ୍ରୋନିକ୍ ଏବଂ ଇଲେକ୍ଟ୍ରିକାଲ୍ ଆବର୍ଜନର (ଗୋଟିଏ ବ୍ୟାଟେରି ଠାରୁ ଆରମ୍ଭ କରି ମୋବାଇଲ, କମ୍ପ୍ୟୁଟର, ଫୋନ ଦେଇ ଛୋଟ କର୍ଡ଼ ପର୍ଯ୍ୟନ୍ତ) ମାନଚିତ୍ରରେ ଏହି ଆବର୍ଜନା ସ୍ତୂପର ଆକାର ଓ ବିଶାଳତା ସଂପର୍କରେ ସମ୍ୟକ ସୂଚନା ମିଳିଛି । ସେଥିରେ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିର ପରିମାଣ ସର୍ବାଧିକ । ଏହା ହେଉଛି ମୁଣ୍ଡ ପିଛା ୨୯.୮ କେଜି. । ଚୀନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୫.୪ କେ.ଜି । ବ୍ରିଟେନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୨୨ କିଲୋ । ଏହି ମାନଚିତ୍ରରୁ ଜଣାପଡ଼ିଛି ଯେ ପୃଥିବୀରେ ପ୍ରତି ବର୍ଷ ସୃଷ୍ଟି ହେଉଛି ୪୮.୯ ନିୟୁତ ଟନ୍ ଓଜନର ଇ-ଆବର୍ଜନା । ତା ଅର୍ଥ ପୃଥିବୀର ୭୦୦ କୋଟି ଲୋକଙ୍କ ମୁଣ୍ଡ ପିଛା ଇ-ଆବର୍ଜନାର ପରିମାଣ ହେଉଛି ୭ କେଜି । ଏହି ଆବର୍ଜନା ଭିତରୁ ସବୁଠାରୁ ଅଧିକ ହେଉଛି ମୋବାଇଲ ଫୋନ୍ ଯାହାର ପରିମାଣ ହେଲା ୧୨୦ ନିୟୁତ ଟନ୍ । ଏଥିରେ ଭବିଷ୍ୟବାଣୀ କରାଯାଇଛି ଯେ ୨୦୧୭ ବେଳକୁ ଏହା ୩୩ ପ୍ରତିଶତ ହାରରେ ବୃଦ୍ଧି ପାଇ ପହଞ୍ଚିଥିବ ୬୫.୯ ନିୟୁତ ମେଟ୍ରିକ୍ ଟନ୍‌ରେ । ଏହି ଆବର୍ଜନାର ଓଜନ ୨୦୦ଟି ଏମ୍ପାୟାର ଷ୍ଟେଟ୍ ବିଲଡିଂ ବା ଇଜିପ୍ଟର ୧୧ଟି ଅତିକାୟ ଗିଜା ପିରାମିଡ୍‌ର ଓଜନ ସହିତ ସମାନ ହେବ । ଯଦି ଏହି ଆବର୍ଜନାକୁ କେଉଁଠାକୁ ନେବାକୁ ପଡ଼େ ତେବେ ୪୦ଟନ୍ ମାଲ୍ ବୋହିବାକୁ ସକ୍ଷମ ଥିବା ବିଶାଳ ଟ୍ରକ ଗୁଡ଼ିକର ଯେଉଁ ଲମ୍ବାଧାଡ଼ି ଲାଗିବ ତାହା ପୃଥିବୀର ବିଷୁବ ରେଖା ଦୈର୍ଘ୍ୟର ତିନି ଚତୁର୍ଥାଂଶ ହେବ । ୨୦୧୨ରେ ଚୀନ ସବୁଠାରୁ ଅଧିକ ଇ-ଆବର୍ଜନା ସୃଷ୍ଟି କରିଥିଲା । ତାର ପରିମାଣ ଥିଲା ୧୧.୧ ନିୟୁତ ଟନ୍ । ଯୁକ୍ତରାଷ୍ଟ୍ର ଆମେରିକା ଥିଲା ଦ୍ୱିତୀୟ ସ୍ଥାନରେ । ଏବେ ଏ କ୍ରମ ବଦଳି ଯାଇଛି । ଏବେ ଯୁକ୍ତରାଷ୍ଟ୍ର ଆମେରିକା ୯.୪ ନିୟୁତ ଟନ୍ ଇ-ଆବର୍ଜନ ସୃଷ୍ଟି କରି ପ୍ରଥମ ସ୍ଥାନରେ ରହିଛି । ତେବେ ଆମେରିକା ଓ ଚୀନର ଜନସଂଖ୍ୟା ଭିତରେ ବହୁତ ତାରତମ୍ୟ ଥିବାରୁ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିରେ ଆମେରିକା ଚୀନର ପ୍ରାୟ ପାଞ୍ଚଗୁଣ । ଭାରତରେ ବର୍ଷକୁ ୨୭୫୧ ମେଟ୍ରିକ୍ କିଲୋ ଟନ୍ (ଏକ କିଲୋଟନ୍ ହେଉଛି ୧୦୦୦ ଟନ୍) ଇ ଆବର୍ଜନା ସୃଷ୍ଟି ହେଉଛି । ଏ ସଂକ୍ରାନ୍ତରେ ଗୋଟିଏ ବଡ଼ ସଂକଟଜନକ କଥା ଜାତିସଂଘ ପକ୍ଷରୁ କୁହାଯାଇଛି । ତାହା ହେଲା ପାଶ୍ଚାତ୍ୟର ବିଶାଳ ଇ-ଆବର୍ଜନାର ଗଦା ବୋଝେଇ ହୋଇ ଭାରତରେ ପହଞ୍ଚିବାର ସମ୍ଭାବନା ସବୁଠାରୁ ଅଧିକ । କାରଣ ଇ-ଆବର୍ଜନାକୁ ନଷ୍ଟ କରିବା ଲାଗି ଲୋଡ଼ା ସ୍ୱତନ୍ତ୍ର ପ୍ରକାର ଫର୍ନେସ ଏଇ ବର୍ଷ ଠାରୁ ଚୀନ ଓ ମାଲେସିଆରେ ବନ୍ଦ ହୋଇଯିବ । କେବଳ ଭାରତରେ ଏ ସୁବିଧା ମିଳୁଥିବାରୁ ବିକଶିତ ଦେଶମାନେ ଭାରତକୁ ସେମାନଙ୍କ ଇ-ଆବର୍ଜନା ଡଂପିଙ୍ଗ ଗ୍ରାଉଣ୍ଡରେ ପରିଣତ କରିଦେବେ । ଏହା ଭାରତ ଲାଗି ବିପଜ୍ଜନକ ହୋଇପାରେ । କାରଣ ଇ-ଆବର୍ଜନାରୁ ବିକିରଣ ସହିତ ବିଭିନ୍ନ ମାରାତ୍ମକ ବିଷାକ୍ତ ପଦାର୍ଥ (ସୀସା, ଆର୍ସେନିକ୍, ଲିଥିଅମ୍ ଆଦି) ମିଶି ରହିଥାଏ ଯାହା ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କରି ଚାଲିଥାଏ । ବିଜ୍ଞାନର ଦ୍ରୁତ ବିକାଶ ଫଳରେ ମଣିଷ ହାତମୁଠାରେ ସବୁକିଛି ପାଇଯାଉଛି ଭାବନା ରଖି ଦିନକୁ ଦିନ ଜନସଂଖ୍ୟାର ବୃଦ୍ଧି, ଜଙ୍ଗଲ ସମ୍ପଦର କ୍ଷୟ, କୀଟନାଶକର ପ୍ରୟୋଗ ଓ ବ୍ୟାପକ ଯାନବାହାନ ଚଳାଚଳ ପାଇଁ ପରିବେଶକୁ ପ୍ରଦୂଷିତ କରିବା ସହ ଇ-ଆବର୍ଜନାର ସଙ୍କଟକୁ ବଢ଼ାଉଛି ମଧ୍ୟ ତେଣୁ ଆଜି ଏହି ଦିବସରେ ଆମେ ସମସ୍ତେ ସଚେତନ ହେବାପାଇଁ ନିଜ ଦାୟିତ୍ୱକୁ ନିର୍ବାହ ପାଇଁ ପ୍ରତିଜ୍ଞାବଦ୍ଧ ହେବା ଅତ୍ୟନ୍ତ ଜରୁରୀ।

ଦୂରଭାଷ : ୯୪୩୭୬୬୬୪୫୩



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବା ବ୍ୟବସାୟୀଙ୍କୁ ଭେଟିଲେ ସମାଜସେବୀ ଅତନୁ ସାମନ୍ତ



ପାରାଦୀପ, (ମହାଭାରତ) : ଗତ ଶନିବାର ରାତିରେ ପାରାଦୀପ ବଡ଼ପଡ଼ିଆ ମାର୍କେଟ ଅଞ୍ଚଳରେ ଥିବା ଅସ୍ଥାୟୀ ପରିବା ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ ଘଟି ୫୦ ରୁ ଉର୍ଦ୍ଧ ଦୋକାନ ଓ ସାମଗ୍ରୀ ଜାଳିପୋଡି ନଷ୍ଟ ହୋଇଛି । ତେବେ ଏହି ଘଟଣା ପରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ, ସାଂସଦ ଓ ପୌରାଧ୍ୟକ୍ଷ ଙ୍କ ସମେତ ଅନେକ ନେତୃତ୍ୱ ଓ ସଂଗଠନ ର କର୍ମକର୍ତ୍ତା ଦୁର୍ଘଟଣା ସ୍ଥଳରେ ପହଞ୍ଚି ସର୍ବହରା ବ୍ୟବସାୟୀ ମାନଙ୍କୁ ଆଶ୍ୱାସନା ଦେଇ ସମସ୍ତ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ବିଶ୍ୱାଳୀ ଗ୍ରାମର ଜଣାଶୁଣା ସମାଜସେବୀ ଅତନୁ ସାମନ୍ତ ସୋମବାର ଦିନ ଦୁର୍ଘଟଣା ଗ୍ରସ୍ତ ପରିବା ମାର୍କେଟରେ ପହଞ୍ଚି କ୍ଷତିଗ୍ରସ୍ତ ବ୍ୟବସାୟୀ ମାନଙ୍କୁ ଭେଟି ସମବେଦନା ଜଣାଇଥିଲେ । ବ୍ୟବସାୟୀ ମାନେ କିପରି ସ୍ଥାୟୀ ପିଣ୍ଡିରେ ଦୋକାନ କରି ସୁରକ୍ଷିତ ବ୍ୟବସାୟ କରିପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୋର୍ଟ ବଣିକ ସଙ୍ଘ ଉପସଭାପତି ପ୍ରୀତିରଞ୍ଜନ ମହାପାତ୍ର, ପାରିଷଦଙ୍କ ପ୍ରତିନିଧି ଗୋଲେଖ ଚନ୍ଦ୍ର ସ୍ୱାଇଁ, ବାବୁଲି ଚରଣ ବାରିକ, ବାବାଜୀ ଚରଣ ଦାସଙ୍କ ସମେତ ବହୁ କ୍ଷତିଗ୍ରସ୍ତ ପରିବା ବ୍ୟବସାୟୀ ମାନେ ଉପସ୍ଥିତ ଥିଲେ।

## ହାଟରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ସ୍ଥିତ ନାରାୟଣଗଞ୍ଜ ହାଟରୁ ରବିବାର ଦିନ ଅଳଙ୍କାର ଲୁଟ୍ ହୋଇଛି। ଏନଏସି ଅନ୍ତର୍ଗତ ତେନ୍ତୁଳିପାଟଣାର ଅଶୋକ ସେନାପତି ସପ୍ତାହର ବୁଧବାର ଓ ରବିବାର ଦିନ ହାଟରେ କଂସାବାସନ ବ୍ୟବସାୟ କରନ୍ତି। ଏଥିସହିତ ସୁନା ରୂପାର କ୍ଷୁଦ୍ର ବ୍ୟବସାୟ ମଧ୍ୟ କରନ୍ତି। ଆଜି ଅଶୋକ ଦୋକାନରେ ବାପାଙ୍କୁ ବସାଇ ପରିଶ୍ରା କରିବାକୁ ଯାଇଥିବା ବେଳେ ତିନିଜଣ ଦୁର୍ବୃତ୍ତ ଦୋକାନରେ ପହଞ୍ଚି ତାଙ୍କ ବାପାଙ୍କୁ ଷ୍ଟିଲ୍ ବାଲ୍ଟି ମାଗିଥିଲେ ଓ ଷ୍ଟିଲ୍ ବାଲ୍ଟି ଆଣି ଦେବାବେଳେ ହଠାତ୍ ରୂପାର ପେଡିଟି ଧରି ଘଟଣା ସ୍ଥଳରୁ ଚମ୍ପଟ୍ ମାରିଥିବା ଅଶୋକ ଅଭିଯୋଗ କରିଛନ୍ତି। ପେଡିରେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଥିଲା ବୋଲି ସେ ମତବ୍ୟକ୍ତ କରିଛନ୍ତି। ଖବର ପାଇ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛନ୍ତି।

## ଚିଲିକା ନୂଆପଡା ସେକ୍ଟର ପକ୍ଷରୁ କିଶୋରୀ ମେଳା

କୃଷ୍ଣପ୍ରସାଦ, (ମହାଭାରତ) : ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପରିସରରେ ଚିଲିକା ନୂଆପଡା ସେକ୍ଟର ତରଫରୁ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୃଷ୍ଟି ଯୋଜନା ଅନ୍ତର୍ଗତ ପଞ୍ଚାୟତ ସ୍ତରୀୟ କିଶୋରୀ ମେଳା - ୨୦୨୬ ସୋମବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ସିଡିପିଓ ମନୋରମା ମହାପାତ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର ଲୀନା ମହାପାତ୍ର, ଦୀପ୍ତିରାଣୀ ଦଣ୍ଡପାଟ, ପୋଷଣ ବିସି ମନୀଷା ମାନସିଂହ, ମମତା ପିଏ ବବିତା ଜେନା, ମିଶନ ଶକ୍ତି ବିପିସି ସସ୍ମିତା ନନ୍ଦ ପ୍ରମୁଖ ଯୋଗଦେଇ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ୧୦ ବର୍ଷରୁ ୧୯ ବର୍ଷ ମଧ୍ୟରେ ୧୦୦ ଜଣ କିଶୋରୀ ବାଳିକା ଅଂଶ ଗ୍ରହଣ କରିଥିଲେ । ବ୍ଲକର ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହଯୋଗରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହି ଅବସରରେ ସେମାନଙ୍କ ମଧ୍ୟରେ ପୁଚି, ଝୋଟି, ନୃତ୍ୟ, ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରତିଭା ମାନଙ୍କୁ ସିଲ କପ ଦିଆଯାଇ ପୁରସ୍କୃତ କରାଯାଇଥିଲା ।

## ସ୍ୱତନ୍ତ୍ର ବ୍ଲକ୍ ମାନ୍ୟତା ଦାବିରେ ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଲେ ବ୍ଲକ କ୍ରିୟାନୁଷ୍ଠାନ କମିଟି

ନୂଆଗାଁ, (ମହାଭାରତ) : ନୟାଗଡ଼ ଜିଲ୍ଲା ବାହାଡ଼ାଝୋଲାକୁ ସ୍ୱତନ୍ତ୍ର ବ୍ଲକ୍ ଘୋଷଣା କରିବା ଦୀର୍ଘଦିନ ସ୍ଥାନୀୟ ଜନସାଧାରଣ ଦାବି କରି ଆସୁଥିବା ବେଳେ ପୁନର୍ବାର ଦାବି ଜୋର ଧରିଛି ।ଏହି ପରିପ୍ରେକ୍ଷୀରେ ବ୍ଲକ୍ କ୍ରିୟାନୁଷ୍ଠାନ କମିଟି ବାହାଡ଼ାଝୋଲାର ଏକ ପ୍ରତିନିଧି ଦଳ ଆଜି ଭୁବନେଶ୍ୱରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର କ୍ୟାବିନେଟ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ବାସଭବନ ପହଞ୍ଚି ସାକ୍ଷାତ୍ କରିଥିଲେ। ଏଥିସହିତ ମନ୍ତ୍ରୀଙ୍କୁ ଏକ ବିସ୍ତୃତ ସ୍ମାରକପତ୍ର ପ୍ରଦାନ କରିବା ସହ ବାହାଡ଼ାଝୋଲାକୁ ସ୍ୱତନ୍ତ୍ର ପ୍ରଶାସନିକ ବ୍ଲକ୍ ମାନ୍ୟତା ଦେବାକୁ ଦାବି ଉଠାଇଥିଲେ। ଅଞ୍ଚଳର ବୃଦ୍ଧିଶୀଳ ଜନସଂଖ୍ୟା, ପ୍ରଶାସନିକ ସୁବିଧାର ଅଭାବ, ଭୌଗୋଳିକ ପରିସ୍ଥିତି ଓ ଉନ୍ନୟନର ଆବଶ୍ୟକତାକୁ ଉଲ୍ଲେଖ କରି ଏହି ଦାବିର ଯୁକ୍ତି ସଙ୍ଗତତା ସ୍ପଷ୍ଟ କରିଥିଲେ। ଏଥିରେ ବ୍ଲକ କ୍ରିୟାନୁଷ୍ଠାନ କମିଟିର ସଭାପତି ଶ୍ରୀ ନାରାୟଣ ବେହେରା, ଶ୍ରୀ ପ୍ରହଲ୍ଲାଦ ସାହୁ, ଇଂ ପ୍ରଶାନ୍ତ କୁମାର ସାହୁ, ଇଂ ସୁଶାନ୍ତ କୁମାର ସାହୁ ଓ ଇଂ ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ ।ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରତିନିଧି ମାନଙ୍କ ମତାମତକୁ ଗୁରୁତ୍ୱ ଦେଇ ଏହାର ସକାରାତ୍ମକ ବିଚାର କରାଯିବ ବୋଲି ଆଶ୍ୱାସନ ଦେଇଥିବା ଜଣାପଡ଼ିଛି।

## ଯବାନ ଶିବରାମର ପାର୍ଥିବ ଶରୀର ପଢାଳରେ ହେଲା ଶେଷକୃତ୍ୟ

ଆସିକା, (ମହାଭାରତ) : ଆସିକା ବ୍ଲକ ଜୟପୁର ପଂଚାୟତ ର ପଢାଳ ଗ୍ରାମ ରେ ଜାମ୍ମୁ କାଶ୍ମୀର ର ଉଧମ୍ପୁର ଠାରେ କାର୍ଯ୍ୟରତ ଯବାନ ଶିବରାମ ବାରିକଙ୍କ ପାର୍ଥିବ ଶରୀର ପହଂଚି ଥିଲା । ସେ ଦୀର୍ଘ ୨୧ ବର୍ଷ ହେଲା ଯବାନ ଭାବରେ କାର୍ଯ୍ୟ କରି ଆସୁଥିଲେ । ଗତ ୨୦୨୪ ମସିହାରେ ଶିବରାମଙ୍କ ହିମାଞ୍ଚଳ ୟୁନିଟ ଏରିଆ ରେ ସଡ଼କ ଦୁର୍ଘଟଣା ରେ ଗଭୀର ଆଘାତ ଲାଗିଥିଲା । ସେ ରୀତିମତ ଚିକିତ୍ସିତ ହୋଇ ଗତ ଦୁଇ ଦିନ ତଳେ ମୃତ୍ୟୁ ବରଣ କରିଥିଲେ। ତାଙ୍କର ପାର୍ଥିବ ଶରୀରକୁ ଏ ସି ଏଫ ବାଟାଲିୟନ ର ଭାସ୍କର ମହାଦେବ ଭାବରକାର, ବିଶ୍ୱଜିତ ପ୍ରଧାନଙ୍କ ନେତୃତ୍ୱ ରେ ପ୍ରଥମେ ଗୋପାଳପୁର ଆର୍ମି ଏକାଡେମୀକ କୁ ଅଣାଯାଇଥିଲା । ଏହା ପରେ ଆଜି ନିଜ ଗ୍ରାମ ପଢାଳ ବାସ ଭବନ ଏବଂ ଏହା ପରେ ଗାଁ ସ୍ମଶାନ କୁ ନେଇଥିଲେ । ସେଠାରେ ଯବାନ ଙ୍କ ଶବ ସତ୍କାର ବେଳେ ନିୟମ ଅନୁସାରେ ତୋପ ସାଲାମୀ ଦେଇ ମର୍ଯ୍ୟାଦା ସହକାରେ ଶେଷ କୃତ ସମ୍ପର୍ଣ୍ଣ କରିଥିଲେ ।

# ୫୦ରୁ ଉର୍ଦ୍ଧ୍ୱ ପାକ୍ସ ଆକାଉଣ୍ଟ ଅଚଳ ଘଟଣା, ପାକ୍ସ ଆୟକର ଅନ୍ତର୍ଭୁକ୍ତ କି ? : ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଆଧାରରେ ୨୦୨୩ ଜୁଲାଇରେ କେନ୍ଦ୍ର କରିଥିଲା ଚିଠି




ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ଆୟକର ଫାଙ୍କିବା ଘଟଣା ଲୋକଙ୍କ ମନରୁ ଲିଭି ନଥିବା ବେଳେ ଏବେ ବିଭିନ୍ନ ପାକ୍ସ ଆକାଉଣ୍ଟ ଅଚଳ ପାଇଁ ଆୟକର ବିଭାଗ ନୋଟିସ କରିଛି। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ବିଭିନ୍ନ ଶାଖା ପରିଚାଳକଙ୍କୁ ନୋଟିସ କରାଯାଇ ଜିଲ୍ଲାର ୫୦ ରୁ ଉର୍ଦ୍ଧ ପ୍ୟାକ୍ସ ଋଣ ଓ ଅନ୍ୟାନ୍ୟ ବ୍ୟାଙ୍କ ଖାତାକୁ ଫ୍ରିଜ କରାଯାଇଛି। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କଠାରୁ ଟଙ୍କା ନେଇ ସମବାୟ ସମିତି ତଥା ପାକ୍ସ ଗୁଡ଼ିକ ଲୋକଙ୍କୁ ବିନା ସୁଧରେ ଋଣ ଲଗାଣ କରୁଛନ୍ତି। ପାକ୍ସ ଗୁଡ଼ିକ ଏ ବାବଦରେ ସାମାନ୍ୟ ତମ କମିଶନ ପାଉଥିବା ବେଳେ ବ୍ୟାପକ ଲାଭାଂଶ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ, ରାଜ୍ୟ ସମବାୟ ବ୍ୟାଙ୍କ ପାଉଛନ୍ତି। କିନ୍ତୁ ବାରମ୍ବାର ଋଣ ଦେଣ ନେଣ କରାଇ ସମବାୟ ବ୍ୟାଙ୍କ ଏବେ ପ୍ୟାକ୍ସ ଗୁଡ଼ିକୁ ଅଡୁଆ ମଧ୍ୟକୁ ଠେଲି ଦେଇଛି। ଆୟକର ବିଭାଗ ପ୍ୟାକ୍ସ ଆକାଉଣ୍ଟ ଫ୍ରିଜ୍ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଚୁପ ବସିଛି। ଏଭଳି ସ୍ଥିତିରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଓ କେନ୍ଦ୍ର ସମବାୟ ବିଭାଗ ଚିଠିକୁ ପାଠ କଲେ ପାକ୍ସ ବା ସମବାୟ ସମିତି ଗୁଡ଼ିକ ଆୟକର ଅନ୍ତର୍ଭୁକ୍ତ ନାଁ ନାହିଁ, ତାକୁ ନେଇ ବଦ ସୃଷ୍ଟି ହେଉଛି। ୨୦୨୨ ମସିହା ସୁପ୍ରିମକୋର୍ଟ ସିଭିଲ୍ ଅପିଲ୍ ନଂ ୮୭୧୯ ମାମଲାର ଶୁଣାଣିରେ ଅପ୍ରେଲ ୧୦, ୨୦୨୩ ମସିହାରେ ପ୍ରକାଶିତ ନିର୍ଦ୍ଦେଶ ଅନୁସାରେ, ସେବା ସମବାୟ ସମିତି ତଥା କୃଷି ପାଇଁ ସମର୍ପିତ ସୋସାଇଟ ଗୁଡ଼ିକ ଆୟକର ଅନ୍ତର୍ଭୁକ୍ତ ନୁହେଁ ବୋଲି ଜଣାପଡ଼ିଛି। ଉକ୍ତ ନିର୍ଦ୍ଦେଶ ଆଧାରରେ କେନ୍ଦ୍ର ସମବାୟ ବିଭାଗ ୨୦୨୩ ମସିହା ଜୁଲାଇ ୭ ତାରିଖରେ ସମସ୍ତ ରାଜ୍ୟକୁ ଚିଠି ମାଧ୍ୟମରେ ଅବଗତ କରିଥିଲେ। ସୋସାଇଟ ଗୁଡ଼ିକ ଆୟକର ଅନ୍ତର୍ଭୁକ୍ତ ହୋଇନଥିବା ବେଳେ ସୁପ୍ରିମକୋର୍ଟ ଓ କେନ୍ଦ୍ର ସମବାୟ ବିଭାଗ ନିର୍ଦ୍ଦେଶ ରହିଥିବା ବେଳେ କିଭଳି ଆୟକର ବିଭାଗ ପାକ୍ ଆକାଉଣ୍ଟ ଅଚଳ କରିଛି ବୋଲି ଅନେକ ସମବାୟ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷେ, ଦୀର୍ଘ ବର୍ଷ ଧରି ଆୟକର ବିଭାଗ ପାକ୍ସ ଗୁଡ଼ିକୁ ନୋଟିସ କରି ଆସୁଥିଲା। ଏହାକୁ ସମାଧାନ କରିବା ପାଇଁ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା କର୍ତ୍ତୃପକ୍ଷ ବିଗତ ଦିନରେ ପାକ୍ସ ଗୁଡ଼ିକରୁ ୧୫ ହଜାର ଲେଖାଏଁ ଟଙ୍କା ଆଦାୟ କରିଥିଲେ। ଏହି ଅର୍ଥକୁ କିଛି ବ୍ୟକ୍ତି ଚଲୁ କରି ଦେଇଥିବା ବେଳେ ଏବେ ପ୍ୟାକ୍ସ ଗୁଡ଼ିକ ଅଡୁଆ ମଧ୍ୟକୁ ଠେଲି ହୋଇଯାଇଛି। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ବିଭିନ୍ନ ଶାଖା ଅଧୀନରେ ରହିଥିବା ପ୍ୟାକ୍ସ ଗୁଡ଼ିକର ବ୍ୟାଙ୍କ ଖାତାରେ ଦେଣନେଣ ନକରିବା ପାଇଁ ଆୟକର ବିଭାଗ ଗତ ୧୧ ତାରିଖରେ ନୋଟିସ କରିଥିଲା। ଏହି ନୋଟିସ ଆଧାରରେ ବିଭିନ୍ନ ଶାଖା ପରିଚାଳକ ମାନେ ପାକ୍ସ ଆକାଉଣ୍ଟ ଅଚଳ କରି ଦେଇଛନ୍ତି। ଯାହାକୁ ନେଇ ବିଭିନ୍ନ ପାକ୍ସ ଏବେ ଚିନ୍ତାରେ ପଡ଼ିଛି। ବ୍ୟାଙ୍କ ଖାତା ଅଚଳ ହେଲେ, ଯୋଗୁଁ ଚାଷୀଙ୍କ ଋଣ ଦେଣନେଣ ହୋଇପାରିବ ନାହିଁ। ଏହା ସହିତ ପ୍ୟାକ୍ସ ଗୁଡ଼ିକ ନିଜସ୍ୱ ପରିଚାଳନା, କର୍ମଚାରୀଙ୍କୁ ଦରମା ଏବଂ ମଣ୍ଡି ପରିଚାଳନା ପାଇଁ ଟଙ୍କା ଉଠାଣ କରି ପାରିବେ ନାହିଁ। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ହୋଇଥିବା ଆୟକର ଘୋଟାଲା ପରିଧି ମଧ୍ୟରେ ପ୍ୟାକ୍ସ ଗୁଡ଼ିକ ଏବେ ଛନ୍ଦି ହୋଇଛନ୍ତି। ଜିଲ୍ଲାକେନ୍ଦ୍ର ସମବାୟ ବ୍ୟାଙ୍କ ଆୟକର ଜାଲ୍ ମଧ୍ୟରୁ ନିଜକୁ ମୁକ୍ତ କରିଥିବା ବେଳେ ପାକ୍ସ ଗୁଡ଼ିକ ପ୍ରତି ଧ୍ୟାନ ଦିଆଯାଉନାହିଁ। ଯାହାକୁ ନେଇ ଅନେକ ପ୍ୟାକ୍ସ ସଭାପତି ବ୍ୟାଙ୍କ ଘେରାଉ କରିବାକୁ ସଜବାଜ ହେଉଥିବା ସୂଚନା ମିଳିଛି।

## ବିଶ୍ୱବିଦ୍ୟାଳୟ ଓ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ପ୍ରୟାସ ପାଇଁ ପାରାଦୀପରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ଭବ୍ୟ ସମ୍ବର୍ଦ୍ଧନା





ପାରାଦୀପ, (ମହାଭାରତ) : ନିକଟରେ ଓଡିଶା ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ବଜେଟ ଅଧିବେଶନରେ ଜଗତସିଂହପୁର ରେ ବିଶ୍ୱବିଦ୍ୟାଳୟ ଏବଂ ପାରାଦୀପରେ ଗୋଟିଏ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ଐତିହାସିକ ଘୋଷଣା ପରେ ସମଗ୍ର ଜଗତସିଂହପୁର ଜିଲ୍ଲା ଓ ପାରାଦୀପ ନିର୍ବାଚନ ମଣ୍ଡଳୀରେ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି। ତେବେ ଏହି ନିଷ୍ପତିରେ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ଜିଲ୍ଲା ତଥା ପାରାଦୀପ ନିର୍ବାଚନ ମଣ୍ଡଳୀର ଉନ୍ନତି କ୍ଷେତ୍ରରେ ତାଙ୍କର ଦକ୍ଷତା ପ୍ରତିପାଦିତ କରୁଛି । ଏହି ପରିପ୍ରେକ୍ଷୀରେ ପାରାଦୀପ ର ଜୟଦେବ ସଦନ ଠାରେ ଆୟୋଜିତ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାରେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ, ଯୁବବର୍ଗ, ମହିଳା, ବରିଷ୍ଠ ନାଗରିକ, ବିଭିନ୍ନ ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ହୋଇ ମନ୍ତ୍ରୀଙ୍କୁ ଉତ୍ସସିତ ସ୍ୱାଗତ ଓ ସମ୍ବର୍ଦ୍ଧିତ କରିଥିଲେ । ତେବେ ବିଜେପି ଡବଲ ଇଞ୍ଜିନ ସରକାର ଆସିବାର ଅଳ୍ପ ବର୍ଷ ମଧ୍ୟରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଉନ୍ନୟନ ମୂଳକ କାର୍ଯ୍ୟ ଓ ପ୍ରଚେଷ୍ଟା କୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସ୍ଥାନୀୟ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ପାରାଦୀପ ନଗର ବିଜେପି ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନ,ବିଜେପି ନେତା ଗଗନ ବିହାରୀ ରାଉତ, ସଞ୍ଜୟ ପ୍ରଧାନ, ରୋହିତ ଜେନା, ଦେବେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ଆମ୍ବୁଲାନ୍ସ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ

ବିଷମକଟକ, (ମହାଭାରତ) : ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ କୁମାରଢାମୁନି ପାର୍ଶ୍ୱରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ଦ୍ରୁତଗାମୀ ଆମ୍ବୁଲାନ୍ସ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତକ ଜଣକ ହେଲେ ପିତବାସ ରାଜୁ। ସୂଚନା ଅନୁଯାୟୀ, ଆଜି ଅପରାହ୍ନ ପ୍ରାୟ ୧ଟା ସମୟରେ ପିତବାସ ନିଜର କାର୍ଯ୍ୟ ସାରି ବାଇକ ଯୋଗେ ନିଜ ଘର ଗୁଣୁପୁରକୁ ଫେରୁଥିଲେ। ଏହି ସମୟରେ କୁମାର ଭାମୁଣୀ ନିକଟରେ ଦୁର୍ଗୀ ଆଡୁ ଦ୍ରୁତ ଗତିରେ ଆସୁଥିବା ଏକ ଆମ୍ବୁଲାନ୍ସ ତାଙ୍କୁ ସମ୍ମୁଖରୁ ଶକ୍ତ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଭାବେ ଆହତ ହୋଇ ରାସ୍ତା ଉପରେ ପଡ଼ିରହିଥିଲେ ଖବର ପାଇ ବିଷମକଟକ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ପିତବାସଙ୍କୁ ବିଷମକଟକ ଖ୍ରୀଷ୍ଟିଆନ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଘଟଣା ସମ୍ପର୍କରେ ଜାଣିବା ପରେ ଗୁଣୁପୁର ଉପଜିଲ୍ଲାପାଳ ଅଭିଷେକ ଦିଲ୍ଲୀପ ଦୁଦାଲ ଏବଂ ନିୟନ୍ତ୍ରିତ ବଜାର କମିଟିର ସମସ୍ତ କର୍ମଚାରୀମାନେ ମେଡିକାଲରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## କୋର୍ଟ କାର୍ଯ୍ୟାଳୟ ପାଇଁ ବିସ୍ଥାପିତଙ୍କ ଥଇଥାନକୁ ବିରୋଧ, ତହସିଲଦାରଙ୍କୁ ଅଭିଯୋଗ ପତ୍ର




କଣିହାଁ, (ମହାଭାରତ) : କଣିହାଁ ବ୍ଲକ କମରେଇ ପଂଚାୟତ ଅଧିନସ୍ଥ ଦଣ୍ଡସିଂହା ଗ୍ରାମର ସରକାରୀ ଜମିରେ ୧୭ଜଣ କୁ ଭୀମକାଣ୍ଡ ଶିବ ମନ୍ଦିର ପାର୍ଶ୍ୱ ଥିବା ମୁଣ୍ଡା ହଟିଂ ଏରିଆ ରେ ପ୍ରସ୍ତାବିତ ନୂତନ କୋର୍ଟ କାର୍ଯ୍ୟାଳୟ ନିର୍ମାଣ ପରିପ୍ରେକ୍ଷିତରେ ବିସ୍ଥାପିତ ଭୂମିହୀନ ଅଧିବାସୀଙ୍କୁ ଥଇଥାନ ବ୍ୟବସ୍ଥାକୁ ଗ୍ରାମବାସୀମାନେ ବିରୋଧ କରିଛନ୍ତି । ଏନେଇ ଆଜି ପୂର୍ବାହ୍ନରେ ଗ୍ରାମବାସୀମାନେ କଣିହାଁ ତହସିଲଦାରଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରି ତାଙ୍କ ଆପତ୍ତି ଜଣାଇଛନ୍ତି। ଗ୍ରାମ ସଭାପତି ଜଳଧର ମହାନ୍ତି ଓ ୱାର୍ଡ ସଭ୍ୟ ନରୋତ୍ତମ ମହାନ୍ତିଙ୍କ ନେତୃତ୍ୱରେ ଗ୍ରାମବାସୀ ସାମିଲ ହୋଇ ଦାବିପତ୍ର ଦେଇ ଥିଲେ। ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି ଯେ, ମୁଣ୍ଡା ବସ୍ତିର ଭୂମିହୀନ ୧୭ ଜଣଙ୍କୁ ଉକ୍ତ ସରକାରୀ ଜମିରେ ଜମି ପ୍ରଦାନ କରି ଥଇଥାନ ବ୍ୟବସ୍ଥା କରାଯାଉଥିବା ପଦକ୍ଷେପକୁ ଗ୍ରାମବାସୀମାନେ ଅସ୍ୱୀକାର କରିଛନ୍ତି। ସେମାନଙ୍କ ମତାନୁସାରେ, ଗ୍ରାମ ସୀମାଭିତ୍ତିକ ସରକାରୀ ଜମିରେ ଏପରି ପୁନର୍ବାସ ବ୍ୟବସ୍ଥା କଲେ ଆଗାମୀ ଦିନରେ ଗ୍ରାମର ଗୃହପାଳିତ ପଶୁ ଆଦି ଗ୍ରାମର ସାମାଜିକ କାର୍ଯ୍ୟକ୍ରମ ରେ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି ।ଏହି ପରିପ୍ରେକ୍ଷିତରେ ଗ୍ରାମବାସୀମାନେ ସରକାରଙ୍କୁ ପୁନର୍ବିଚାର କରି ଅନ୍ୟତ୍ର ଥଇଥାନ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏଥିରେ ବିଂଶିକେଶନ ମହାନ୍ତି, ବିଶ୍ୱରଞ୍ଜନ ମହାନ୍ତି, ବିଜୟ ମହାନ୍ତି, କୁନମୟ ମହାନ୍ତି, ନରେନ୍ଦ୍ର ମହାନ୍ତି, ପଦ୍ମଚରଣ ପରିଡା, ବନମାଳୀ ସାମଲ, କଳନ୍ଦୀ ସାମଲ, ଅଖିଳ ସାହୁ, ଶ୍ରୀକାନ୍ତ ସାହୁ, ସୁକଦେବ ମହାନ୍ତି, ପ୍ରକାଶ ମହାନ୍ତି, ନିରଞ୍ଜନ ବାରିକ, ବସନ୍ତ ନାୟକ, ସପ୍ନେଶ୍ୱର ସାହୁ, ଦିଗମ୍ବର ମହାନ୍ତି, ଭଗବାନ ମହାନ୍ତି, ବାବୁଲା ସାହୁ, ଶଙ୍କର୍ଷଣ ସାହୁ, ବିଶ୍ୱରଞ୍ଜନ ସାମଲଅରୁଣ ସାମଲ, ରୋହିତ ସାମଲ, ଦଣ୍ଡ ନାୟକ, ଅରକ୍ଷିତ ମହାନ୍ତି, ନେଙ୍କୁରୀ ପରିଡା, ପ୍ରସନ୍ନ ସାହୁ, ପ୍ରଶାନ୍ତ ମହାନ୍ତି, ସୁମନ୍ତ ମହାନ୍ତି, ଦିଲେଶ୍ୱର ସାମଲ, ନାରାୟଣ ମହାନ୍ତିଙ୍କ ସମେତ ଗ୍ରାମବାସୀ ସାମିଲ ଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର' ଉଦ୍‌ଯାପିତ

ନାରାୟଣପଟଣା, (ମହାଭାରତ) : ସ୍ଥାନୀୟ ସ୍ନାତକ ମହାବିଦ୍ୟାଳୟ ପରିସରରେ 'ଆତ୍ମସୁରକ୍ଷା ତାଲିମ ଶିବିର' ଉଦ୍‌ଯାପିତ ହୋଇଯାଇଛି । ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ କୁଳଦୀପ ଲାକ୍ରା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଆତ୍ମସୁରକ୍ଷା ତାଲିମ ଶିବିରର ସଂଯୋଜିକା ଅରୁନ୍ଧତୀ ସ୍ୱାଇଁଆହ୍ୱାନକ୍ରମେ ତା-୧୨/୦୨/୨୦୨୬ ରୁତା- ୧୯/୦୨/୨୦୨୬ ରିଖ ପର୍ଯ୍ୟନ୍ତ ଏହି ଶିବିର ଅନୁଷ୍ଠିତ ହୋଇଥିଲା ଓ ଏଥିରେ ମୋଟ ୫୦ ଜଣ ଛାତ୍ରୀଙ୍କୁ ଅତ୍ୟନ୍ତ ସୁନ୍ଦର ଭାବରେ ତାଲିମ ପ୍ରଦାନକାରିଣୀ ସଞ୍ଜନା ପଟନାୟକ ତାଲିମ ଦେଇଥିଲେ । ଉଦଯାପନ ଉତ୍ସଭ ରେ ମୁଖ୍ୟ ଅତିଥି ଭାବେ ନାରାୟଣପଟଣା ଥାନା ଅଧିକାରୀ ମମତା ପଣ୍ଡା ଯୋଗଦେଇ ଥିଲେ। ଉତ୍ସବରେ ଅନେକ ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିବାବେଳେ ମୁଖ୍ୟ ଅତିଥି ଶ୍ରୀମତୀ ପଣ୍ଡା ପ୍ରଶିକ୍ଷିତ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣର ସଦୁପଯୋଗ କରିବା, ଯେକୌଣସି ଅସ୍ୱାଭାବିକ ପରିସ୍ଥିତିକୁ ମୁକାବିଲା କରିବା, ତାଲିମ ନେଇଥିବା କୌଶଳର ଅପବ୍ୟବହାର ନ କରିବା ଭଳି ଉପଦେଶାତ୍ମକ ବାର୍ତ୍ତା ପ୍ରଦାନ କରିଥିଲେ। ତାଲିମ ପ୍ରାପ୍ତ ସମସ୍ତ ଛାତ୍ରୀମାନଙ୍କୁ ସାର୍ଟିଫିକେଟ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଶେଷରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ କୁଳଦୀପ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ ଓ ଉକ୍ତ ଶିବିରରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀମାନେ ସହଯୋଗ କରିଥିଲେ।

# ମୌଳିକ ଆବଶ୍ୟକତା ପୂରଣ କରିବାରେ ବିଫଳ ଫୁଲବାଣୀ ପରିଷଦ

ନ୍ଧମାଳ, (ମହାଭାରତ) : ଫୁଲବାଣୀ ପୌର ପରିଷଦ ଗଠନ ହେବାର ଅଠର ବର୍ଷରୁ ଅଧିକ ବିତି ଯାଇଥିଲେ ମଧ୍ୟ ସର୍ବନିମ୍ନ ମୌଳିକ ଆବଶ୍ୟକତା ପୂରଣ ହୋଇ ପାରି ନଥିବାରୁ ଜିଲ୍ଲା ମିଳିତ ନାଗରିକ କମିଟିର ସଭାପତି ଡ ଅରୂପ ଜେନାଙ୍କ ଅଧ୍ୟକ୍ଷତାରେ ବନାନୀ ସଭାଗ ?ହରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇ ଯାଇଛି। ସହରର ଆଶାନୁରୂପ ବିକାଶ ପାଇଁ ଠୋସ ପଦକ୍ଷେପ ନିଆଯାଉନଥିବାରୁ ଜନ ସାଧାରଣ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ୱାସ୍ଥ୍ୟ ସେବା ପାଇଁ ମେଡିକାଲ କଲେଜଟିଏ ନିର୍ମାଣ ହୋଇ ଥିବା ବେଳେ ମେଡିକାଲ କଲେଜ ଓ ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ମଧ୍ୟରେ ସମନ୍ୱୟ ଅଭାବରୁ ଆଶାନୁରୂପ ଚିକିତ୍ସା ସୁବିଧା ମିଳୁନାହିଁ।ଦଶ ବର୍ଷ ହେଲା ସାଧାରଣ ଅଲଟ୍ରା ସାଉଣ୍ଡଟିଏ ହେଉ ନାହିଁ।ଅଧା ଚିକିତ୍ସକ ମାସରେ ପନ୍ଦର ଦିନ ରହୁନଥିବା ଅଭିଯୋଗ ହେଉଛି। ଜିଲାରେ ଜାତୀୟ ସ୍ତରର କୌଣସି ଅନୁଷ୍ଠାନଟିଏ ନାହିଁ।ଜିଲା ବସଷ୍ଟାଣ୍ଡଟି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଅଛି। ସର୍ବନିମ୍ନ ଆବଶ୍ୟକତା ଯେ ବସରୁ ଯାତ୍ରୀ ସହରରେ ଓହ୍ଲାଇଲେ ପାଶ ଯିବାକୁ ଟଏଲେଟ ଟିଏ କାର୍ଯ୍ୟକ୍ଷମ ନାହିଁ।ନିମ୍ନମାନର କାମରୁ ଦୁଇଥର ବସଷ୍ଟାଣ୍ଡ ଡେକୋରେସନ ଭୁଷୁଡି ପଡିଲାଣି। ଜିଲ୍ଲା ଭିତରେ, ବାହାର ଜିଲା ଓ ବାହାର ରାଜ୍ୟକୁ ଗମନାଗମନ ପାଇଁ ଆବଶ୍ୟକ ବସ ସୁବିଧା କରାଯାଉନି। ସହରରେ ବିଶୁଦ୍ଧ ପାନୀୟ ଜଳ ସବୁ ସାହିରେ ମିଳୁନାହିଁ, କିଛି ସାହିରେ ଦୁଇ ଦିନରେ ଏବଂ ବିନା ଫିଲଟରରେ ଦିଆଯାଉଛି। ନଦୀରେ ଅଧିକ ବ୍ୟାରେଜ ନ ହେବାରୁ ଖରାଦିନେ ଜଳାଭାବ ଦେଖାଦେଉଛି। ସ୍ୱରେଜ ବ୍ୟବସ୍ଥା ପାଇଁ ବାରମ୍ବାର ଆନ୍ଦୋଳନ ଓ ନ୍ୟାୟାଳୟ ନିର୍ଦ୍ଦେଶ ସତ୍ତ୍ୱେ ନିର୍ମାଣ ନ ହେବାରୁ ଫୁଲବାଣୀ ସହରର ଜୀବନଧାରା ପିଲାସାଲକି ନଦୀ ପ୍ରଦୂଷିତ ହେଉଛି।ନିମ୍ନ ମାନର ଡ୍ରେନଜ ବ୍ୟବସ୍ଥା ପାଇଁ ବର୍ଷାଦିନେ ସହରରେ ଡଙ୍ଗା ଭାସିବା ପରିସ୍ଥିତି ସୃଷ୍ଟି ହେଉଛି। ପାର୍କିଂ ପାଇଁ ସ୍ଥାନ ନ ଥିବାରୁ ଯାନିଯାତ୍ରା ସମୟରେ ନାହିଁ ନଥିବା ସମସ୍ୟା ସୃଷ୍ଟି ହେଉଛି ।




ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଏରିଆ ଅନୁଯାୟୀ ଦୈନିକ ହାଟ ପାଇଁ କୌଣସି ବ୍ୟବସ୍ଥା ହେବା ନଥିବାରୁ ଚାଷୀ ଓ ବ୍ୟବସାୟୀ ରାସ୍ତା ଉପରେ ବସୁଛନ୍ତି। ଅନ୍ୟ ଜିଲା ଭଳି ଚାଷୀଙ୍କ ପାଇଁ ଏକ ବହୁ ତଳ ବିଶିଷ୍ଟ ଦୈନିକ ହାଟ ନିର୍ମାଣ ଆବଶ୍ୟକ ।ଉତ୍ତରଦାୟୀତ୍ୱ ଅଭାବରୁ ଆମିଷ ବଜାର ଖତ ଖାଉଛି। ବିଦ୍ୟୁତ ଚାଳିତ ଶବ ଦାହ କେନ୍ଦ୍ରର ସାମଗ୍ରୀ ଚୋରି ଗଲାଣି। ପିଅନପଡା ବଡ ବନ୍ଧ ର ଲୁହା ବ୍ୟାରିକେଡ ଆଉ ନାହିଁ। ବନ୍ଧ ତିନୋଟିର ପୁନଃ ଉଦ୍ଧାର ଆବଶ୍ୟକ ।ପାହାଡିଆ ଅଞ୍ଚଳ ହୋଇ ଥିବାରୁ ସହରର ଭୂଗର୍ଭସ୍ଥ ଜଳସ୍ତର ବୃଦ୍ଧି ପାଇଁ ବେଳହୁଁ ସାବଧାନ ହେବା ଆବଶ୍ୟକ ।ଫୁଲବାଣୀ ସହରର ଜୀବନଧାରା ତିନୋଟି ପୁଷ୍କରଣୀର ପୁନଃ ଉଦ୍ଧାର କରି ହୁଡାକୁ ପାର୍କିଂ ପ୍ଲେସ ଓ ଫୁଡ କୋଟ କରିବା ସହ ନୌ ବିହାର ପାଇଁ ପଦକ୍ଷେପ ନେବା ଆବଶ୍ୟକ। ପିଆନପଡା ବଡ ବନ୍ଧରୁ ମୁଠାଏ ମାଟି ନ ଉଠାଇ ୮୮ଲକ୍ଷ ଟଙ୍କାର ଅପବ୍ୟୟ କରି ଲୁଟ କରାଯାଇଥିବାରୁ ଭିଜିଲାନରେ କେସ ନାଗରିକ କମିଟି ପକ୍ଷରୁ ଦାୟର କରାଯାଇଛି। ଜିଲା ସଦର ମହକୁମାର ସୌନ୍ଦର୍ଯ୍ୟ କରଣ ପାଇଂ ପଦକ୍ଷେପ ନେବା ଆବଶ୍ୟକ।ମହାପୁରୁଷ ମାନଙ୍କର ପ୍ରତିମୂର୍ତ୍ତି ଗୋଟେ ସ୍ଥାନରେ ନିର୍ମାଣ ହେବା ଆବଶ୍ୟକ। ସବୁଜିମା ଭରା ସହରର ଗଛ ଗୁଡିକ ମରି ଯାଉଥିବାରୁ ଏବେଠୁ ପଦକ୍ଷେପ ନେବା ଆବଶ୍ୟକ ।ଜନ ସଂଖ୍ୟା ତୁଳନାରେ ଭଲ ଉଦ୍ୟାନଟିଏ ନାହିଁ ।ଦୂର ଦୃଷ୍ଟି ଅଭାବରୁ ଶିଶୁ ଉଦ୍ୟାନ ଟିକୁ ଭାଙ୍ଗି ପକାଇ ଦିଆଯାଇଛି। ସହରର ରାସ୍ତାକଡ ସରକାରୀ ଅଫିସ ଥିବାରୁ ତାର ପାଚେରୀ ପଛକୁ ଘୁଞ୍ଚାଇ ଯୁବକମାନଙ୍କୁ ଆତ୍ମ ନିର୍ଭରଶୀଳ କରିବାକୁ ଭେଣ୍ଡିଂ ଯୋନ ନିର୍ମାଣ ଆବଶ୍ୟକ। ଏକ ଅତ୍ୟାଧୁନିକ ଅଡିଟୋରିୟମ ନିର୍ମାଣ ପାଇଁ ଦୀର୍ଘ ବର୍ଷ ଧରି ଦାବୀ ହେଉଛି ।ବରିଷ୍ଠ ନାଗରିକଙ୍କ ନିମନ୍ତେ ଚିତ୍ତ ବିନୋଦନ କେନ୍ଦ୍ରଟିଏ ନିର୍ମାଣ ସହ ଜିଲ୍ଲା ପାଠାଗାର କାର୍ଯ୍ୟକ୍ଷମ କରିବା ଆବଶ୍ୟକ। କ୍ରିଡାକୁ ଗୁରୁତ୍ୱ ଦିଆଯାଉଥିବାବେଳେ ବିଭିନ୍ନ କ୍ରୀଡାବିତଙ୍କ ପାଇଁ ସାହିରେ ଖେଳ ପଡିଆଟିଏ ପାଇଁ ବ୍ୟବସ୍ଥା ନାହିଁ। ନାରାୟଣୀ ମନ୍ଦିର ନିକଟ ବ୍ରାହ୍ମଣୀ ଦେବୀ ପାହାଡ ଉପରକୁ ଫତେଗଡ ଭଳି ଏକ ଟୁରିଷ୍ଟ ସ୍ଥାନ କରିବା ଆବଶ୍ୟକ। ଏହି ଭଳି ନାହିଁ ନାହିଁର ସହର ଫୁଲବାଣୀର ଜନ ସାଧାରଣ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ଥିଲାବେଳେ କେଉଁ ଆଧାରରେ ୪ନମ୍ବର କାଟେଗୋରୀରେ ଆସୁଥିବା ଫଲବାଣୀ ସହରରେ ରାଜ୍ୟର ଏକ ନମ୍ବର ହୋଲଡିଂ ଟିକସ ଲାଗୁ କରିବାକୁ ପ୍ରୟାଶ କରା ଯାଉଛି, ବୈଠକରେ ଏହାର ତୀବ୍ର ପ୍ରତିବାଦ କରାଯାଇଛି । ଏହି ଅବସରରେ ଆଇନଜ୍ଞ ବିଜୟ ମହାନ୍ତି, ରବିନ୍ଦ୍ର ନାଥ ମିଶ୍ର, ବିରଜା ନାହାକ, ବିଜୟ କୃଷ୍ଣ ପଟ୍ଟନାୟକଙ୍କ ସହ ପ୍ରେସ କ୍ଲବ ସଭାପତି ସୁନିଲ ପଟ୍ଟନାୟକ,ପଦ୍ମ ଚରଣ ସ୍ୱାଇଂ, ପ୍ରମୋଦ ସାହୁ, ଲକ୍ଷ୍ମୀଧର ମହାପାତ୍ର, ଭିକାରୀ ପାଣିଗ୍ରାହୀ, ପ୍ରଣବ ମଣ୍ଡଳ, ଇମାନୁଏଲ ରଥ, ମଞ୍ଜୁଳା ପାଣିଗ୍ରାହୀ, ମୋହନ ପ୍ରଧାନ, ଟି ରାଜଗେପାଳ ପାତ୍ର, ପଞ୍ଚାନନ ବେହେରା, ଶ୍ୟାମ ସୁନ୍ଦର ପଣ୍ଡା, କୁନ୍ଦନ ସିଂହ,ବିକାଶ ମହାନ୍ତି ପ୍ରମୁଖ ବହୁ ବୁଦ୍ଧିଜୀବୀ ବୈଠକରେ ସହରର ବିକାଶ ପାଇଁ ମତ ଦେବା ସହ ଅଗଣତାନ୍ତ୍ରିକ ଭାବେ ହୋଲଡିଂ ଟିକସ ବୃଦ୍ଧି ପ୍ରତ୍ୟାହାର କରି ଏହା ଏକ ଅନୁସୂଚୀତ ଅଞ୍ଚଳ ହୋଇ ଥିବାରୁ ସଠିକ ଟିକସଲାଗୁ କରିବାକୁ ମତ ଦେଇଥିଲେ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ୨୭ ପ୍ରତିଶତ ସଂରକ୍ଷଣ ଦାବି କଲା ଗୋପାଳ ଯାଦବ ସଙ୍ଘ



କଳିଙ୍ଗନଗର : (ମହାଭାରତ ) ସମ୍ବିଧିନିକ ବିଦ୍ଧି ବ୍ୟବସ୍ଥା ଆଧାରରେ ଓବିଶି ମାନଙ୍କ ପାଇଁ ୨୭ପ୍ରତିଶତ ସ୍ଥାନ ସଂରକ୍ଷଣ ର ବ୍ୟବସ୍ଥା ସହ ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି କ୍ଷେତ୍ରରେ ପକ୍ଷପାତିତା ନୀତି ଅଲମ୍ଭନ କରାଯିବା ଘଟଣା ରେ ତୀବ୍ର ପ୍ରତିବାଦ କରାଯାଇଛି ।ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଯାଦବ ସମାଜ କୁ ଉପଯୁକ୍ତ ସମ୍ମାନ ନ ଦେଲେ ପଞ୍ଚାୟତ ନିର୍ବାଚନ ରେ ଉଚିତ ଜବାବ ଦେବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିବା ଦେଖିବାକୁ ମିଳିଛି ।ଖବର ମୁତାବକ ଅଲ ଓଡିଶା ଗୋପାଳ ଯାଦବ ମହାସଂଘ ପକ୍ଷରୁ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ କେନ୍ଦୁଚିପି କଜେଲେଇ ମନ୍ଦିର ପ୍ରାଙ୍ଗଣ ରେ ଏକ ବନ୍ଧୁ ମିଳନ ଓ ସାଧାରଣ ସଭା ସଙ୍ଘର ସରୋଜ ବାରିକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭା ରେ ଅଲ ଓଡିଶା ଗୋପାଳ ଯାଦବ ମହାସଂଘ ସଭାପତି ନାରାୟଣ ବେହେରା, ରାଜ୍ୟ ସବଟ୍ରେଜର ସୁମିତ୍ରା ବେହେରା, ଯାଜପୁର ଜିଲ୍ଲା ସମ୍ପାଦକ ସୁଦାମ ଚରଣ ନାୟକ, ଜିଲ୍ଲାର ମହିଳା ସଭାନେତ୍ରୀ ଶଶୀ ରେଖା ଦାସ, ସମ୍ପାଦିକା ମୀନାରାଣୀ ବାରିକ , ପ୍ରତିମା ଦାସ ଙ୍କ ସହ ଜିଲ୍ଲାର କୋଣେ ଅନୁକୋଣେ ଗୋପାଳ ଯାଦବ କର୍ମକର୍ତ୍ତା ଯୋଗଦେଇଥିଲେ ।ଉକ୍ତ ସଭା ରେ ସମାଜର ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଗୋପାଳ ସମାଜର ଗୋବର୍ଦ୍ଧନ ପ୍ରଧାନ, କାର୍ତ୍ତିକ ଗରଡିଆ, ହରେକୃଷ୍ଣ ବାରିକ, ଏବଂ ମାନବଧିକାର କର୍ମୀ ବିଶ୍ୱନାଥ ପାତ୍ର ଙ୍କ ସହ ଅନ୍ୟ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ସଭାରେ ଗୋପାଳ ଯାଦବ ସମାଜ ପକ୍ଷରୁ ସଙ୍ଘ ର ରାଜ୍ୟ ସଭାପତି ଯୋଗ ଦେଇ ରାଜ୍ୟରେ ଗୋପାଳ ସମାଜ କୁ ସରକାର ଅଣ ଦେଖା କରି ସଂରକ୍ଷଣ ଠାରୁ ଶିକ୍ଷା ନିଯୁକ୍ତି କ୍ଷେତ୍ରରେ ପକ୍ଷପାତିତା ନୀତି ଅଲମ୍ଭନ କରାଯାଉଛି । ବିକାଶର ପରିପ୍ୟୀରେ ଗୋପାଳ ସମାଜକୁ ଭାଗ ଭାଗ କରିବାର ଯୋଜନା କୁ ତୀବ୍ର ବିରୋଧ କରିବାକୁ ଆହ୍ୱାନ ଦେଇଥିଲେ ।ଏବଂ ଗୋପାଳ ସମାଜ କୁ ସରକାର ଅଣ ଦେଖା କଲେ ଚଳିତ ପଞ୍ଚାୟତ ନିର୍ବାଚନ ରେ ସାରା ରାଜ୍ୟରେ ଏହାର ପ୍ରତି ଜବାବ ଦେବାକୁ ଆହ୍ୱାନ ଦିଆଯାଇଛି ।ଏହି ସଭାରେ ସୁକିନ୍ଦା, ଦାନଗଦି, କୁଆଖିଆ, କୋରେଇ, ଧର୍ମଶାଳା ବ୍ଲକ ସହ ସାରା ଜିଲ୍ଲାର ଗୋପାଳ ଯାଦବ ପରିବାର ଗୁଡିକ ଯୋଗଦେଇଥିବା ଦେଖିବାକୁ ମିଳିଛି ।

## ପଞ୍ଚମ ଶ୍ରେଣୀ ଛାତ୍ର ଙ୍କ ମୃତ୍ୟୁ ଘଟଣା ସତ୍ୟ ଉନ୍ମୋଚନ ପାଇଁ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ

ନୟାଗଡ଼, ( ମହାଭାରତ ) : ନୟାଗଡ଼ ଗଣିଆରେ ୫ମ ଶ୍ରେଣୀ ଛାତ୍ର ଭୋଳନାଥ ମଳିକ ଙ୍କ ମୃତ୍ୟୁ ଘଟଣାରେ ସତ୍ୟ ଉନ୍ମୋଚନ ପାଇଁ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ । ଭୀମ ଆର୍ମି ଓ ଆମ୍ବେଦକର ଜନତା ପାର୍ଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ସମୟରେ ପୋଲିସ ସହ ଆନ୍ଦୋଳନ କାରୀଙ୍କ ମଧ୍ୟରେ ଠେଲା ପେଲା ଧସ୍ତାଧସ୍ତି ହୋଇଛି । ଭୋଳନାଥଙ୍କ ମୃତ୍ୟୁକୁ ୨୦ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ପକ୍ଷରୁ ପ୍ରକୃତ ଘଟଣାର କାରଣ କୁହାଯାଉ ନଥିବାରୁ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ମୃତ ଛାତ୍ରଙ୍କ ପରିବାର ଲୋକ ଗଣିଆ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି । ନ୍ୟାୟ ଦାବିରେ ବେଲପଡା ସ୍କୁଲକୁ ୧୯ ଦିନ ହେଲା ତାଲା ପକାଇ ରଖିଛନ୍ତି ମୃତ ଛାତ୍ର ଭୋଳନାଥଙ୍କ ପରିବାର ଲୋକ । ସୂଚନା ଅନୁଯାୟୀ ଗତ ୪ ତାରିଖ ଦିନ ନିଖୋଜ ଛାତ୍ର ଭୋଳନାଥଙ୍କ ମୃତ ଦେହ ଉଦ୍ଧାର ହୋଇଥିଲାୟ ଏହି ଘଟଣାକୁ ନେଇ ଗଣିଆରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲାୟ ଗଣିଆ ଥାନା ବେଲପଡ଼ା ପ୍ରାଥମିକ ବିଦ୍ୟାଳୟରୁ ଗତ ୩ ତାରିଖ ଦିନ ଭୋଳନାଥ ମଳିକ ନାମକ ୫ ଶ୍ରେଣୀର ଛାତ୍ର ନିଖୋଜ ହେବା ନେଇ ଅଭିଯୋଗ ହୋଇଥିଲା । ନିଖୋଜ ହୋଇଥିବା ଛାତ୍ର ଜଣକ ବିଜୟନଗର ଗ୍ରାମର ବିଜୟ ମଳିକଙ୍କ ପୁଅ ଭୋଳାନାଥ ମଳିକୟ ଭୋଳାନାଥ ମଳିକ ବେଲପଡ଼ା ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀରେ ପାଠ ପଢୁଥିବା ବେଳେ ମଧ୍ୟାହ୍ନ ଭୋଜନ



ଖାଇ ସାରିବା ପରେ ଶୌଚ ହେବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ମନୀଷା ସେନାପତିଙ୍କୁ କହି ଯାଇଥିଲେ । ୪ଟାରେ ବିଦ୍ୟାଳୟ ଛୁଟି ହେବା ଅପରାହ୍ନ ପର୍ଯ୍ୟନ୍ତ ଭୋଳାନାଥ ବିଦ୍ୟାଳୟକୁ ନ ଅସିବାରୁ ସାଙ୍ଗ ପିଲାଙ୍କ ସାଙ୍ଗରେ ଭୋଳାନାଥ ଙ୍କ ସ୍କୁଲ ବ୍ୟାଗ ଫେରିବାରୁ ପ୍ରଧାନଶିକ୍ଷୟିତ୍ରୀ ତାଙ୍କ ଘରକୁ ଦେଇଥିଲେ । ଭୋଳନାଥ ଘରକୁ ଫେରି ନଥିବାରୁ ପରିବାର ଲୋକ ବିଭିନ୍ନ ଜାଗାରେ ଖୋଜାଖୋଜି କରିବା ସହିତ ସ୍କୁଲ ଠାରୁ କିଛି ଦୂରରେ ଥିବା ପାଖରୀକୁ ଝାଡ଼ା ଯାଇଥିବା ନେଇ ସନ୍ଦେହ କରି ଦମକଳ ବାହିନୀକୁ ଖବର ଦେଇଥିଲେ । ଖବର ପାଇ ଦମକଳ ବାହିନୀ କର୍ମଚାରୀ ମାନେ ସେହି ପୋଖରୀ କୁ ଖୋଜାଖୋଜି କରିବା ପରେ କିଛି ବି ସନ୍ଧାନ ମିଳିନଥିଲା । ତା ପର ଦିନ ଗାଁ ନିକଟସ୍ଥ ଏକ କୂଅ ରୁ ଛାତ୍ର ଭୋଳନାଥଙ୍କ ମୃତ ଦେହ ଉଦ୍ଧାର ହୋଇଥିଲା । ପରିବାର ଲୋକ ଏହାକୁ ହତ୍ୟା ଅଭିଯୋଗ କରିଥିଲେ । ଏହି ଘଟଣାରେ ସ୍କୁଲର ଦୁଇ ଜଣ ଶିକ୍ଷୟତ୍ରୀଙ୍କୁ ନିଲମ୍ବନ କରାଯାଇଥିବା ବେଳେ ତାଙ୍କ ର ଗିରଫ ପାଇଁ ଦାବି କରିଛନ୍ତି ।

## ସାଇବର କବଚ ୨୦୨୬ ଅଭିଯାନ ମ୍ୟୁଲ୍ ଆକାଉଣ୍ଟ ରାକେଟ ଠାବ

# ୪ ଗିରଫ - ୬ ମୋବାଇଲ ଫୋନ୍ ସହ ୨ଟି କାର ଜବତ

ଆସିକା-(ମହାଭାରତ) ପୁଲିସ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ସାଇବର କବଚ -୨୦୨୬ ସ୍ୱତନ୍ତ୍ର ଅଭିଯାନୟ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ ରୁ ଅପରାଧି ମାନଙ୍କ ଦ୍ୱାରା ବେଆଇନ ଭାବେ ଟଙ୍କା ସ୍ଥାନାନ୍ତର କରାଯାଉଛି । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶରେ ଗଞ୍ଜାମ ପୁଲିସ ଆରମ୍ଭ କରିଛି ସ୍ୱତନ୍ତ୍ର ଅଭିଯାନୟ ଆସିକା ପୋଲିସ ଏହି ଅଭିଯାନ ମାଧ୍ୟମରେ ସୋମବାର ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାପରେ ସକ୍ଷମ ହୋଇଛି । ପ୍ରାଥମିକ ପର୍ଯ୍ୟାୟରେ ଆସିକା ରେ ଥିବା ଏକ୍ସସି ବ୍ୟାଙ୍କ, ବ୍ୟାଙ୍କ ଅଫ ଇଣ୍ଡିଆ, ଇଣ୍ଡିଆନ ଓଭରସିସ ବ୍ୟାଙ୍କ,ଷ୍ଟେଟ ବ୍ୟାଙ୍କରେ ମନି ମ୍ୟୁଲ୍ ଆକାଉଣ୍ଟ ରାକେଟ ଠାବ କରିବା ସହ ହିତାଧିକାରୀଙ୍କ ଆକାଉଣ୍ଟରୁ ଅପରାଧିଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିବା ମନି ମ୍ୟୁଲ୍ ଆକାଉଣ୍ଟକୁ ଜବତ କରିଛି ଆସିକା ପୋଲିସ । ସଂପୃକ୍ତ ଘଟଣାରେ ସଂପୃକ୍ତ୪ ଜଣଙ୍କୁ ପୁଲିସ ଗିରଫ କରିବା ସହ ୬ଟି ମୋବାଇଲ, ୨ଟି କାର,୪୦ଟି ଏଟିଏମ କାର୍ଡ,ବିଭିନ୍ନ ବ୍ୟାଙ୍କର ୩୨ଟି ବ୍ୟାଙ୍କ ଆକାଉ□ ପ୍ରାୟ ୪୦ଟି ଚେକବୁକ ଗୋଟିଏ ସାଇବର ଠକେଇ ଡ଼ାଇରୀ ସହିତ ନଗଦ ୫୦ହଜାର ଟଙ୍କା ଜବତ କରିବାରେ ସକ୍ଷମ ହୋଇଥିବା ବେଳେ ଘଟଣାର ଗିରଫ ମାନେ ହେଲେ ଘଟଣାର ମାଷ୍ଟର ମାଇଣ୍ଡ ସୁମନ୍ତ ରାଉତ (୨୯) ପିତା ମଙ୍ଗୁଲୁ ରାଉତ ବାବନପୁର ନୂଆଗାଁ ଥାନା ଆସିକା ବର୍ତ୍ତମାନ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଧୀନ ଆଙ୍କୁଲି ସତ୍ୟଭାମା ନାଗର ୫ମ ଲାଇନରେ ରହୁଥିଲା ଅନ୍ୟମାନେ ହେଲେ ଧରାକୋଟ ଥାନା ଅଧୀନ କେ. ରାମଚନ୍ଦ୍ର ପୁର ଗ୍ରାମର ଏମ . କାଳୁ ଚରଣ ରେଡ୍ଡୀ(୩୦)ପିତା ସ୍ୱର୍ଗତ ଏମ ସୁବାଷ ରେଡ୍ଡୀ, ଛତ୍ରପୁର ଥାନା ଅଧୀନ ପାଲିଆ ଗ୍ରାମର ବାଲିଆ



ନାୟକ(୨୬)ପିତା ସ୍ୱର୍ଗତ ଦେବେନ୍ଦ୍ର ନାୟକ, ଆସିକା ଥାନା ଅଧୀନ ବାବନପୁର ନୂଆଗାଁ ଗ୍ରାମର ସାଗର ପ୍ରସାଦ ଜେନା(୩୦)ପିତା ଲକ୍ଷ୍ମଣ ଜେନା ଏମାନଙ୍କ ବିରୁଦ୍ଧରେ ଆସିକା ଥାନା କେସ ନଂ -୬୯/ ୨୬ ରେ ଏକ ମାମଲା ରୁଜୁ କରି ଗିରଫ ୪ ଯୁବକଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ ଜେନା ପ୍ରେସ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି ଆସିକା ଥାନା ଅଧୀନରେ ଥିବା ବିଭିନ୍ନ ଗ୍ରାହକ ସେବା କେନ୍ଦ୍ର, ଘରୋଇ ବ୍ୟାଙ୍କ, ସାହାଯ୍ୟରେ ହିତାଧିକାରୀଙ୍କୁ ସାଇବର ଠକ ଦଲାଲ ମାନେ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ମନି ମ୍ୟୁଲ୍ ଆକାଉଣ୍ଟ ଖୋଲିଥାନ୍ତି । ପରବର୍ତ୍ତୀ ସମୟରେ ଦଲାଲ ମାନେ ହିତାଧିକାରୀଙ୍କ ବିନା ଅଗୋଚରରେ ଲକ୍ଷ ଲକ୍ଷ ଟଙ୍କାର କାରବାର କରି ସାଇବର ଠକ ମାନେ ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉ□ ରୁ ନିଜ ଆକାଉ□କୁ ଅର୍ଥ ସ୍ଥାନାନ୍ତର କରିଥାନ୍ତି । ପ୍ରାଥମିକ ପର୍ଯ୍ୟାୟରେ ଆସିକା ପୁଲିସ ମନି ମ୍ୟୁଲ୍ ଆକାଉଣ୍ଟକୁ ଜବତ କରିବାରେ ସକ୍ଷମ ହୋଇଛି । ଆସିକା ଅଞ୍ଚଳରେ ଥିବା ବିଭିନ୍ନ ବ୍ୟାଙ୍କରେ ମନି ମ୍ୟୁଲ୍ ଆକାଉଣ୍ଟ ରହିଥିବା ପୁଲିସକୁ ସୂଚନା ମିଳିଛି । ଥାନା ଆଇଆଇସି କୁଳମଣି ସେଠିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ସଂପୃକ୍ତ ଟିମ୍ ଗଞ୍ଜାମ ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଚଢାଉ ଜାରୀ ରଖିଛି । ଆଗାମୀ ଦିନରେ ବହୁ ମନି ମ୍ୟୁଲ୍ ଆକାଉ□ ଜବତ କରିବା ସହ ବହୁ ସାଇବର ଠକ ବ୍ୟାଙ୍କ କର୍ମଚାରୀ, ଗ୍ରାହକ ସେବା କେନ୍ଦ୍ର, ମିନି ବ୍ୟାଙ୍କ ଓ ଏଥିରେ ସମ୍ପୃକ୍ତ ଥିବା ଦଲାଲଙ୍କୁ ଗିରଫ କରାଯିବ ବୋଲି ଆଇଆଇସି କୁଳମଣୀ ସେଠି କହିଛନ୍ତି । ଚଢ଼ାଉରେ ଆଇଆଇସିଙ୍କ ସମେତ ଥାନା ଅତିରିକ୍ତ ଆଇ ଆଇ ସି ସୌମ୍ୟ ରଞ୍ଜନ ଜେନା, ଏସଆଇ ଆଲିସ୍ମିତା ଜେନା, ହିମାଂଶୁ ଶେଖର ପାତ୍ର,ଏ ଏସ ଆଇ ସୁଭାଶିଷ ସ୍ୱାଇଁ,ବସନ୍ତ ବେହେରା, ଜୋନ ସବର,ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## କପ୍ତିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନଶୁଣାଣୀ

# ୧୧୦ ଅଭିଯୋଗର ଶୁଣାଣୀ କଲେ ଜିଲ୍ଲାପାଳ



ଉଦଳା (ମହାଭାରତ )- ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କପ୍ତିପଦା ଉପଖଣ୍ଡ ଉଦଳାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ଜନଶୁଣାଣୀ ଶିବିରରେ ଜିଲ୍ଲାପାଳ, ମୟୂରଭଞ୍ଜ ହେମକାନ୍ତ ସୟ ଏବଂ ଆରକ୍ଷୀ ଅଧିକ୍ଷକ ମୟୂରଭଞ୍ଜ, ବରୁଣ ଗୁ□ଣ୍ଟୁପାଲି ଯୋଗ ଦେଇ ୧୧୦ ଗୋଟି ଜନ ଅଭିଯୋଗର ଶୁଣାଣୀ କରିଛନ୍ତି । ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମୟୂରଭଞ୍ଜ ଧର୍ମାନନ୍ଦ ବେହେରା, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ମିନକେତନ ମହାନ୍ତି ଯୋଗ ଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣୀ କାର୍ଯ୍ୟରେ ସହଯୋଗ କରିଥିଲେ । ସମସ୍ତ ଅଭିଯୋଗ ମଧ୍ୟରେ ୮୯ ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୨୧ ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ସେଥିମଧ୍ୟରୁ ୨୧ ଗୋଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୭ ଜଣଙ୍କୁ ଏକ ଲକ୍ଷ ପଚିଶ ହଜାର, ରେଡ଼କ୍ରସ ପାଣ୍ଠିରୁ ୪ଜଣଙ୍କୁ ୫୫ ହଜାର ମୋଟ ଏକ ଲକ୍ଷ ଅଶୀ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଆଜିର ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରେ ଉଦଳା ବ୍ଲକ ଚନ୍ଦ୍ରପୁର ଗ୍ରାମର ସରକାରୀ ଜମିରେ ଘର କରି ରହିବା, ଶିମିଳିପାଳ ଜେନାବିଲ୍ ଏବଂ କବାଟଘାଇରୁ ବିସ୍ଥାପିତ କରି ଆମ୍ବଡିହା କଲୋନୀରେ ରଖାଯାଇଥିବା ବିସ୍ଥାପିତ ମାନଙ୍କୁ ଆର୍ଥିକ ରାଶି ପ୍ରଦାନ, ଦୁଗୁଧା ପଞ୍ଚାୟତ ବଡବିଲା ଗ୍ରାମକୁ ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଅର୍ନ୍ତଭୁକ୍ତ କରି ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ, ରାଡୋ ପଞ୍ଚାୟତ ହିଲ୍ଲକ ୨୮ ର ମନରେଗା ଯୋଜନାରେ ଠକେଇ, ବହୁବନ୍ଧ ପଞ୍ଚାୟତ ନାବରା କଲୋନୀର ମିଶନ ଶକ୍ତି ବାଦାମ ଚାଷୀଙ୍କୁ ଚାଷ ନିମନ୍ତେ ବିହନ, ପାଣି ଏବଂ ଜମି ଯୋଗାଣ, ଜାମପାଣି ବନ୍ଧକୁ ମିନି ଡ୍ୟାମ୍ରେ ପରିଣତ କରିବା, କପ୍ତିପଦା ବିଜ୍ଞାପିତ ଅଞ୍ଚଳ ପରିଷଦରୁ ପରାସବଣୀ ଗ୍ରାମକୁ ବାଦ୍ ଦେବା, ଦେଓ୍ୱାନବାହାଲୀ ଗ୍ରାମ ପଞ୍ଚାୟତ ଆଦିଘୁଟୁ ଗୁଲିଆ ନାଳସାହି, ରମ୍ଭାଦର ଲାଗସାହିରେ ନୂତନ ନଳକୂପ ଖନନ, ଜଡିଦା ପଞ୍ଚାୟତର ଉତ୍ତିମୂଳକ କାର୍ଯ୍ୟରେ ଦୁର୍ନୀତି, ପଦ୍ମପୋଖରୀ ପଞ୍ଚାୟତ ଧନାସାହି, ମହାକୁଡସାହି ଏବଂ ବେହେରାସାହି ନିମନ୍ତେ ଏକ ନୂତନ ଅଙ୍ଗନବାଡି କେନ୍ଦ୍ର ସ୍ଥାପନ, ଶୋଲଗଡିଆ ଗ୍ରାମର ସରକାରୀ ଜଙ୍ଗଲ ଜମିରେ ଥିବା ଆମ୍ବ ବଗିଚା ଜବରଦଖଲ ଉଚ୍ଛେଦ, ଖୁଣ୍ଟା ବ୍ଲକ ନାଲୁହା ଏମଆଇ ବାମ-୨ ର କାଦପାଳଶା କେନାଲ ହିରାପୁର ସ୍କୁଲ ଠାରେ ଏକ ପୋଲ, ଗାଡ଼ୱାଲ ଏବଂ କେନାଲ ସଫେଇ, ଗୋପବନ୍ଧୁନଗର ବ୍ଲକ ଶୀଳଘାଟି ପଞ୍ଚାୟତ କେନ୍ଦୁଆମୁଣ୍ଡି ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ପାତର ଅନ୍ତର ଆଦି ଅଭିଯୋଗ ଗୁଡିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ମୟୂରଭଞ୍ଜ ନିର୍ଦ୍ଦେଶ ଦେଇଥିଲେ ।

## ଦୁର୍ଘଟଣା ପରେ ଖୋଲିବକି ରାସ୍ତା ଉପରେ ବ୍ୟାନର ହୋର୍ଡିଙ୍ଗ

ଅସ୍ତରଙ୍ଗ( ମହାଭାରତ ): ପ୍ରତ୍ୟେକ ନୂତନ ବର୍ଷ ଆରମ୍ଭ ରୁ ଅନେକ ରାଜନୈତିକ ଅନୁଷ୍ଠାନ, ବିଭିନ୍ନ ପ୍ରତିନିଧି ମାନେ ସ୍ଥାନୀୟ ଲୋକ ଙ୍କୁ ରାସ୍ତା ରେ ବ୍ୟାନର ହୋର୍ଡ଼ିଂ ମାଧ୍ୟମ ରେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରନ୍ତି, ଏହି ଶୁଭେଚ୍ଛା ବାର୍ତ୍ତା ଶାସକ ଦଳ ହେଉ ଅବା ବିରୋଧୀ ଦଳ ତାହା ସ୍ୱାଗତ ଯୋଗ୍ୟ, ମାତ୍ର ଏହାର ଏକ ନିର୍ଦ୍ଧିଷ୍ଟ ସମୟ ସୀମା ଥାଏ, କାରଣ ଦୀର୍ଘ ମାସ ଏହି ବୋର୍ଡ ହୋର୍ଡିଙ୍ଗ ରହିବା ଦ୍ୱାରା ସାଧାରଣ ରେ ଟ୍ରାଫିକ ସମସ୍ୟା, ଦୁର୍ଘଟଣା ର ଆଶଙ୍କା ଲାଗିରହିଥାଏ, ଇଂରାଜୀ ନୂତନ ବର୍ଷ ଜାନୁଆରୀ ୧ ତାରିଖ ପୂର୍ବରୁ ଏହିଭଳି ମୁଖ୍ୟ ରାସ୍ତା ଉପରେ ବିରାଟ ବିରାଟ ଗେଟ କରି ନିଜ ନିଜ ହୋର୍ଡିଙ୍ଗ ନେତାମାନେ ପ୍ରଚାର ପ୍ରସାର କରିବାରେ ଯେତିକି ଆନନ୍ଦ ନିଅନ୍ତି କିନ୍ତୁ ପରୋକ୍ଷ ରେ ଦୀର୍ଘ ସମୟ ଏହାକୁ ରଖିବା ଦ୍ୱାରା ସାଧାରଣ ରେ କେଉଁ ପ୍ରକାର ଅସୁବିଧା ହୁଏ ତାହା ସେମାନଙ୍କୁ ଜଣା ଥାଏ କି ନାହିଁ ତାହା ସନ୍ଦେହ ଘେର ରେ, ଅସ୍ତରଙ୍ଗ କଲେଜ ଛକ ମୁଖ୍ୟ ରାସ୍ତା ରେ ଆଜକୁ ଦୁଇ ମାସ ପୂର୍ଣ୍ଣ ହେବ ମାତ୍ର ହୋର୍ଡ଼ିଂ ବ୍ୟାନର ଗେଟ ଖୋଲାଯାଉନାହିଁ, ନିକଟରେ ଏକ ରଡ଼ ସିମେ□ ଦୋକାନ, ସେଠି ମାଲବାହି ଗାଡି ଲାଗୁଛି, ପ୍ରତ୍ୟେକ ମୁହୂର୍ତ୍ତ ରେ ଅସ୍ତରଙ୍ଗ ର ସମସ୍ତ ପ୍ରଶାସନ ଅଧିକାରୀ ଯାତାୟାତ କରୁଛନ୍ତି, ସେହି ଛକ ଦେଇ ଅନେକ ସରକାରୀ ବେସରକାରୀ କଲେଜ, ବିଦ୍ୟାଳୟ ଛାତ୍ର ଛାତ୍ରୀ ଯାତାୟାତ କରୁଛନ୍ତି ମାତ୍ର ଆଜି ପର୍ଯ୍ୟନ୍ତ ସେହି ବିରାଟ ବ୍ୟାନର ହୋର୍ଡ଼ିଂ ଉପରେ କେମିତି ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଙ୍କ ଦୃଷ୍ଟି ପଡୁନି ତାହା ସନ୍ଦେହ ଘେର ରେ, ଭବିଷ୍ୟତ ରେ ଯେତେବେଳେ ସେହି ହୋର୍ଡ଼ିଂ କାରଣ ରୁ କୌଣସି ଦୁର୍ଘଟଣା ଘଟେ ସେତେବେଳେ ହୁଏତ ଏହି ରାଜନୈତିକ ହୋର୍ଡିଙ୍ଗ କୁ ନେଇ ପରସ୍ପର ଦୋଷାରୋପ ହେଇପାରେ, କିନ୍ତୁ କିଛି ବୁଦ୍ଧିଜୀବୀ କହୁଛନ୍ତି ରାଜନୈତିକ ଚାପ ରେ ହୁଏତ ଏହି ହୋର୍ଡିଙ୍ଗ ଗେଟ ଖୋଲିବାକୁ ସ୍ଥାନୀୟ ପ୍ରଶାସନ ଭୁଲିଯାଇଛି, ଏଠି ଆମ ଖବର ଲେଖିବାର କାହାକୁ ଦୋଷାରୋପ କି କୌଣସି ବ୍ୟକ୍ତିଗତ କାରଣ ନାହିଁ କେବଳ ସାମାଜିକ ଦୃଷ୍ଟି କୋଣରୁ ଏହି ହୋର୍ଡିଙ୍ଗ ଦୀର୍ଘ ଦିନ ରାସ୍ତା ଉପରେ ରହିବା ଆଗାମୀ ଭବିଷ୍ୟତ ପାଇଁ କେତେ ସୁରକ୍ଷିତ ତାହା ସମସ୍ତ ଙ୍କ ଦୃଷ୍ଟିଆକର୍ଷଣ ର ଉଦ୍ଦେଶ୍ୟ, ବୁଦ୍ଧିଜୀବୀ ମହଲ ରେ ତୁରନ୍ତ ଏହି ଗେଟ ହୋର୍ଡ଼ିଂ ବ୍ୟାନର ଖୋଲିବାକୁ ଦାବୀ କରାଯାଇଛି ।



## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ଗଜପତି ଜିଲ୍ଲା ନୂଆଗଡ ବ୍ଲକ ସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ସୁନିଲ ଅଗ୍ରୱାଲ, ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଯତୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର ଅଭିଯୋଗ ଶୁଣାଣୀ ରେ ଯୋଗଦାନ କରି ନୂଆଗଡ ପଞ୍ଚାୟତ ସମିତିର ସମୁଦାୟ ମୋଟ-୬୮ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୧୮ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା - ୫୦ ଗୋଟି ଅଭିଯୋଗ ଆସିଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ସୁଭଦ୍ରା ଶକ୍ତି ମେଳା ଷଷ୍ଠ ଦିନରେ: ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ

ଗଜପତି(ମହାଭାରତ): ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ୍ ଠାରେ ଚାଲୁଥିବା ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଷଷ୍ଠ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଜିର ସନ୍ଧ୍ୟାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମିନୀଦ୍ର ହୋନନାଗା,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋସାଣୀ ଗୌର ଚନ୍ଦ୍ର ପଟ୍ଟନାୟକ, ଜିଏମଡିଆଇସି । ସୁନାରାମ ସିଂ, ଡିପିଏମ, ଓଏଲଏମ ଶ୍ରୀ ଟିମନ୍ ବାରା ପ୍ରମୁଖ ମଞ୍ଚାସୀନ ରହି ମେଳାର ଉଦ୍ଦେଶ୍ୟ ଓ ମହିଳା ସଶକ୍ତିକରଣ ବିଷୟରେ ମତ ପ୍ରକାଶ କରିଥିଲେ । ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଲୋକନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ ପ୍ରଦର୍ଶନୀ ଆୟୋଜିତ ହୋଇ ଦର୍ଶକମାନଙ୍କୁ ମନୋମୁଗ୍ଧ କରାଯାଇଥିଲା । ପରେ କଣ୍ଠ ଶିଳ୍ପୀ



ବର୍ଣ୍ଣାଳି ହୋତା ଓ ଗୃପ ସଙ୍ଗୀତ ପରିବେଷଣ କରିଥିଲେ । ସେହିପରି ମହିଳା ଶକ୍ତିକୁ ମଜବୁତ କରୁଛି ମେଳା ,ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନେ ନିଜେ ଉତ୍ପାଦିତ ହସ୍ତତନ୍ତ, ହସ୍ତଶିଳ୍ପ, ଖାଦ୍ୟ ପଦାର୍ଥ ଓ ଗୃହସଜ୍ଜା ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରି କିପରି କରିପାରିବେ ସେଥି ସକାଶେ ମହିଳା ମାନଙ୍କୁ ନେଇ ସୁଭଦ୍ରା ଶକ୍ତି କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଉତ୍ପାଦିତ ଜିନିଷକୁ ବ୍ରାଣ୍ଡିଂ ଓ ପ୍ୟାକେଜିଂ ବିଷୟରେ ପ୍ରଶିକ୍ଷଣ ଦିଆଯାଅଛ । ସେହିପରି ପ୍ରତିଦିନ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହେଉଛ । ମିଶନ ଶକ୍ତିର ଏହି ପଦକ୍ଷେପ ମାଧ୍ୟମରେ ମହିଳାମାନେ ଆଗକୁ ବଢିବା ସଙ୍ଗେ ସଙ୍ଗେ ଲକ୍ଷପତି ଦିଦି ହେବାର ସ୍ୱପ୍ନ ସାକାର କରିବାରେ ଏହି ମେଳା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି । ୭ ଦିନ ଧରି ଆୟୋଜିତ ହେଉଥିବା ସୁଭଦ୍ରା ଶକ୍ତି ମେଳା ଆସନ୍ତା କାଲି ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠି ହେବ ।

## ଦୁର୍ଘଟଣା ପରେ ତେଜସ୍‌ର ସମସ୍ତ ୩୦ ବିମାନର ଉଡ଼ାଣ ବନ୍ଦ କଲା ବାୟୁସେନା

ନୂଆଦିଲ୍ଲୀ: ଭାରତୀୟ ବାୟୁସେନାର ହାଲୁକା ଲଢୁଆ ବିମାନ ତେଜସ୍ ଅବତରଣ କରିବା ସମୟରେ ଦୁର୍ଘଟଣାର ଶିକାର ହେବା ପରେ ବିମାନକୁ ନେଇ ବଡ଼ଧରଣ ତଦନ୍ତ ଓ ବୈଷୟିକ ଯାଞ୍ଚ ଆରମ୍ଭ ହୋଇଯାଇଛି। ତଦନ୍ତ ଚାଲିଥିବା ପର୍ଯ୍ୟନ୍ତ ବାୟୁସେନା ତେଜସ୍‌ର ସମସ୍ତ ୩୦ ବିମାନର ଉଡ଼ାଣ ବନ୍ଦ କରିଛି। ଚଳିତ ମାସ ପ୍ରଥମ ସପ୍ତାହରେ ତେଜସ୍ ବିମାନ ଅବତରଣ କରିବା ସମୟରେ ରନୱେରୁ ବାହାରି ଯାଇଥିଲା। ପ୍ରାରମ୍ଭିକ ତଦନ୍ତରୁ ବ୍ରେକ୍ ଫେଲ୍ ହୋଇଥିବା ଅନୁମାନ କରାଯାଉଛି।

ନ୍ୟୁଜ ଏଜେନ୍ସି ଏଏନ୍‌ଆଇ ସୂଚନା ଅନୁଯାୟୀ, ଚଳିତ ମାସ ୭ ତାରିଖରେ ଏହି ଦୁର୍ଘଟଣା ଘଟିଥିଲା। ବର୍ତ୍ତମାନ ଏ ବିଷୟରେ ଜଣାପଡ଼ିଛି। ପ୍ରଶିକ୍ଷଣ ଉଡ଼ାଣ ପରେ ବିମାନ ଏୟାରବେସ୍ ?କୁ ଫେରୁଥିବା ସମୟରେ ଦୁର୍ଘଟଣା ଘଟିଥିଲା। ପାଇଲଟ ବିମାନକୁ ଅବତରଣ କରାଇବା ସମୟରେ ବ୍ରେକ୍ ଲଗାଉଥିବା ଥିବା ସମୟରେ ବ୍ରେକ୍ ଧରିନଥିଲା ଓ ଏହା ରନୱେ ବାହାରକୁ ଚାଲି ଯାଇଥିଲା। ଦୁର୍ଘଟଣା ପୂର୍ବରୁ ପାଇଲଟ ସୁରକ୍ଷିତ ଭାବେ ବିମାନରୁ ବାହାରକୁ ଚାଲି ଆସିଥିଲେ। ପାଇଲଟ ସୁରକ୍ଷିତ ଥିବାବେଳେ ବିମାନ କ୍ଷତିଗ୍ରସ୍ତ ହୋଇଛି। ତେବେ ଏହି ଦୁର୍ଘଟଣା କେଉଁ ଏୟାରବେସ୍ ?ରେ ହୋଇଥିଲା ତାହା ପ୍ରକାଶ କରାଯାଇନାହିଁ। ଏହି ଘଟଣା ପରେ ବାୟୁସେନା ପାଖାପାଖି ୩୦ଟି ଏକକ ସିଟ୍ ବିଶିଷ୍ଟ ତେଜସ୍ ବିମାନର ସମ୍ପୂର୍ଣ୍ଣ ଉଡ଼ାଣ ବନ୍ଦ କରିଦେଇଛି। ତଦନ୍ତ ଓ ସମ୍ପୂର୍ଣ୍ଣ ଯାଞ୍ଚ ଶେଷ ନ ହେବା ପର୍ଯ୍ୟନ୍ତ ବିମାନ ଉଡ଼ାଣ ଭରିବ ନାହିଁ। ତେଜସ୍ ଦୁର୍ଘଟଣା ସମ୍ପର୍କରେ ବାୟୁସେନା ପକ୍ଷରୁ କୌଣସି ବିଧିବଦ୍ଧ ବୟାନ ଆସିନାହିଁ। ତେଜସ୍ ବିମାନ ସମ୍ପର୍କିତ ଏହା ତୃତୀୟ ଦୁର୍ଘଟଣା। ପ୍ରଥମ ଦୁର୍ଘଟଣା ମାର୍ଚ୍ଚ ୨୦୨୪ରେ ହୋଇଥିଲା। ଜୈସାଲମେର୍ ନିକଟରେ ତେଜସ୍ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ତେବେ ପାଇଲଟ୍ ବର୍ତ୍ତି ଯାଇଥିଲେ। ଦ୍ୱିତୀୟ ଥର ପାଇଁ ନଭେମ୍ବର ୨୦୨୫ରେ ଦୁବାଇ ଏୟାର ସୋ'ରେ ଏରିଏଲ ଡିସ୍ପ୍ଲେ ପରେ ତେଜସ୍ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁବାଇର ଅଲ ମକତୁମ ବିମାନବନ୍ଦରଠାରେ ଏୟାର ସୋ' ବେଳେ ବିମାନ ତଳକୁ ଖସିବା ପରେ ଏଥିରେ ନିଆଁ ଲାଗି ଯାଇଥିଲା। ଏହି ଦୁର୍ଘଟଣାରେ ପାଇଲଟ୍ ୱିଙ୍ଗ କମାଣ୍ଡର ନମଂଶ ଶ୍ୟାଲଙ୍କ ମୃତ୍ୟୁ ହୋଇଥିଲା। ନମଂଶଙ୍କ ଘର ହିମାଚଳ ପ୍ରଦେଶର କାଙ୍ଗଡ଼ା ଜିଲ୍ଲାରେ। ତେଜସ୍ ଏମ୍‌କେ୧ଏ କାର୍ଯ୍ୟକ୍ରମରେ ବିଳମ୍ବ ହେବା ସହିତ, ବାୟୁସେନା ୧୮୦ଟି ଏମ୍‌କେ୧ଏ ଲଢୁଆ ବିମାନ ପାଇଁ ଅର୍ଡର ଦେବା ସତ୍ତ୍ୱେ ଡେଲିଭରି ସମୟସୀମା ପ୍ରାୟ ଦୁଇ ବର୍ଷ ବିଳମ୍ବରେ ଚାଲିଥିବା ବେଳେ ଏହି ସଦ୍ୟତମ ଦୁର୍ଘଟଣା ଘଟିଛି। ଏମ୍‌କେ୧ଏ ହେଉଛି ଭାରତୀୟ ବାୟୁସେନା ସହିତ ବର୍ତ୍ତମାନ ସେବାରେ ଥିବା ତେଜସ୍ ଜେଟ୍‌ର ଏକ ଅପଗ୍ରେଡେଡ୍ ମଡେଲ।

## ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗ ଜନତାଙ୍କୁ ଚିଠି ଲେଖିଲେ ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ: ଚଳିତ ବର୍ଷ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜନସାଧାରଣଙ୍କୁ ସମ୍ବୋଧିତ କରି ଏକ ଚିଠି ଲେଖିଛନ୍ତି। ଏହାକୁ ନିର୍ବାଚନ ପ୍ରଚାରର ଆରମ୍ଭ ମଧ୍ୟ ବୋଲି ବିବେଚନା କରାଯାଉଛି। ପ୍ରଧାନମନ୍ତ୍ରୀ ମୋଦୀ ବଙ୍ଗଳା ଓ ହିନ୍ଦୀରେ ଚିଠି ଲେଖିଛନ୍ତି। ଚିଠିରେ ପ୍ରଧାନମନ୍ତ୍ରୀ ମୋଦୀ ଏବର ବିଜେପି ସରକାର ସ୍ଲୋଗାନକୁ ପ୍ରାଥମିକତା ଦେଇଛନ୍ତି। ସେ ଅବୈଧ ପ୍ରବାସ ଓ ମହିଳା ବିରୋଧୀ ହିଂସା ଉପରେ ମଧ୍ୟ ଚିନ୍ତା ପ୍ରକାଶ କରିଛନ୍ତି। ପଶ୍ଚିମବଙ୍ଗର ଜନସାଧାରଣଙ୍କୁ ଚିଠିରେ ପ୍ରଧାନମନ୍ତ୍ରୀ ମୋଦୀ ରାଜ୍ୟକୁ ସମୃଦ୍ଧ ଓ ସୁରକ୍ଷିତ କରିବା ପାଇଁ ବିକାଶ ତଥା ଅଭିବୃଦ୍ଧିର ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଚିଠିରେ ସୋନାର ବାଙ୍ଗ୍‌ଲା ସ୍ୱପ୍ନକୁ ସାକାର କରିବା ଓ ମହିଳାଙ୍କ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି। ସେ ଲେଖିଛନ୍ତି ଯେ 'ସୋନାର ବାଙ୍ ?ଲା ସ୍ୱପ୍ନ ଦେଖୁଥିବା ପ୍ରତ୍ୟେକ ବ୍ୟକ୍ତି ଦୁଃଖିତ। ଚିଠିରେ ପ୍ରଧାନମନ୍ତ୍ରୀ ଅନେକ ଯୋଜନାର ମଧ୍ୟ ଉଲ୍ଲେଖ କରିଛନ୍ତି। ରାଜ୍ୟର ଲୋକମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଲେଖିଛନ୍ତି ଯେ, ସେମାନେ ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଉଜ୍ଜ୍ୱଳା ଯୋଜନା ଭଳି କେନ୍ଦ୍ର ସରକାରଙ୍କ ଯୋଜନାରୁ ଉପକୃତ ହେଉଛନ୍ତି। ଏହି ଯୋଜନାଗୁଡ଼ିକ ଆପଣଙ୍କ ଜୀବନକୁ ସହଜ କରିଛି। ଆପଣଙ୍କ ପରି ଲକ୍ଷ ଲକ୍ଷ ପରିବାର ଏହି ଯୋଜନାରୁ ଉପକୃତ ହେଉଛନ୍ତି ବୋଲି ସେ କହିଛନ୍ତି।

## କାର୍ ଦୁର୍ଘଟଣାରେ ଚାଲିଗଲା ୪ ସାଙ୍ଗଙ୍କ ଜୀବନ

ରାଜସ୍ଥାନ: ରାଜସ୍ଥାନର କୋଟା ଜିଲ୍ଲାରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ୪ ଜଣ ସାଙ୍ଗ ଆଖି ବୁଜି ଦେଇଛନ୍ତି । ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ୍ ୱେରେ ଚେଚଟ୍ ଟୋଲ୍ ପ୍ଲାଜା ନିକଟରେ ଏ କ ଦ୍ରୁତଗାମୀ କାର ଆଗରେ ଯାଉଥିବା ଟ୍ କ




ପଛରେ ପିଟି ହୋଇଯାଇଥିଲା । ଦୁର୍ଘଟଣା ଏତେ ଭୀଷଣ ଥିଲା ଯେ କାର୍‌ଟି ସମ୍ପୂର୍ଣ୍ଣ ରୂପେ ଭାଙ୍ଗିରୁଜି ଯାଇଛି । ଦୁର୍ଘଟଣାରେ ୪ ଜଣ ଯୁବକଙ୍କ ମୃତ୍ୟୁ ହୋଇଛି । ମିଳିଥିବା ସୂଚନା ମୁତାବକ, କାରରେ ଥିବା ସମସ୍ତ ଯୁବକ କାନପୁରର ବାସିନ୍ଦା ଥିଲେ । ସେମାନେ ମଧ୍ୟପ୍ରଦେଶ ଉଜ୍ଜୈନର ପ୍ରସିଦ୍ଧ ଜ୍ୟୋତିର୍ଲିଙ୍ଗ ଶ୍ରୀମହାକାଳେଶ୍ୱର ମନ୍ଦିର ଦର୍ଶନ କରି ଫେରୁଥିଲେ । ୪ ଜଣ ସାଙ୍ଗ ଏକାଠି ମନ୍ଦିର ଦର୍ଶନ କରିବାକୁ ବାହାରିଥିଲେ ବୋଲି କୁହାଯାଉଛି । ପରିବାର ଲୋକଙ୍କ କହିବା ହେଲା, ସମସ୍ତ ଯୁବକ ପରସ୍ପରର ଘନିଷ୍ଠ ବନ୍ଧୁ ଥିଲେ । ସେମାନେ ଦର୍ଶନ ପାଇଁ ଉତ୍ସାହର ସହିତ ସେଠାକୁ ଯାଇଥିଲେ ଏବଂ ଘରକୁ ଫେରିବା ବାଟରେ ହିଁ ଏଭଳି ଏକ ଦୁଃଖଦାୟକ ଦୁର୍ଘଟଣା ଘଟିଥିଲା । ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ କାରଟି ଦ୍ରୁତ ଗତିରେ ଯାଉଥିଲା ଏବଂ ପଛପଟୁ ଏକ ଟ୍ରକକୁ ଧକ୍କା ଦେଇଥିଲା। ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ କରିଥିଲା । କାରରେ ଫସି ରହିଥିବା ଯୁବକମାନଙ୍କୁ ବାହାର କରିବା କଷ୍ଟକର ଥିଲା । ବହୁ ଚେଷ୍ଟା ପରେ ୪ ଜଣଙ୍କୁ ବାହାର କରାଯାଇ ତୁରନ୍ତ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା, ହେଲେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ବର୍ତ୍ତମାନ ପୋଲିସ ଟ୍ରକ୍ ଏବଂ ଏହାର ଡ୍ରାଇଭରକୁ ହେପାଜତକୁ ନେଇ ପଚରାଉଚରା କରୁଛି ।

# ସେନ୍‌ସେକ୍ସ ୪୮୦ ପଏଣ୍ଟ୍ ବଢ଼ିଲା, ନିଫ୍ଟି ବଢ଼ିଲା ୧୪୧ ପଏଣ୍ଟ୍

ମୁମ୍ବାଇ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇଥିବା ଶୁଳ୍କକୁ ସେଠକାର ସୁପ୍ରିମକୋର୍ଟ ଅସିଦ୍ଧ ଘୋଷଣା କରିବା ପରେ ନିବେଶକମାନେ ବେଶ୍ ଖୁସି ହୋଇଯାଇଛନ୍ତି। ସେଥିପାଇଁ ସୋମବାର ଷ୍ଟକ୍ ବଜାରରେ ସେୟାର କ୍ରୟ ତ୍ୱରାନ୍ୱିତ ହୋଇଥିଲା। ତାହାର ପ୍ରଭାବରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୪୮୦ ପଏଣ୍ଟ ବୃଦ୍ଧି ପାଇ ୮୩,୨୯୪ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୧୪୧ ପଏଣ୍ଟ ବଢ଼ି ୨୫,୭୧୩ ପଏଣ୍ଟ୍‌ରେ ବନ୍ଦ ହୋଇଛି। ଆଜିର କାରବାରରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ସେୟାର ମୂଲ୍ୟ ବଢ଼ିଥିଲା। ଔଷଧ, ତୈଳ ଓ ଗ୍ୟାସ୍, ଭିତ୍ତିଭୂମି, ଏଫ୍‌ଏମ୍‌ସିଜି ଓ ଅଟୋମୋବାଇଲ୍ କ୍ଷେତ୍ରର



କମ୍ପାନିଗୁଡ଼ିକ ମଧ୍ୟ ଭଲ ପ୍ରଦର୍ଶନ କରିଥିଲେ। ଆର୍ଥିକ ସେବା କ୍ଷେତ୍ରର କମ୍ପାନିଗୁଡ଼ିକର ସେୟାର ମୂଲ୍ୟ ମଧ୍ୟ ବଢ଼ିଥିଲା। ତେବେ ସୂଚନା ପ୍ରଯୁକ୍ତି ସୂଚୀରେ ହ୍ରାସ ଘଟିଥିଲା। କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ବିପ୍ଳବ ଓ ବିଶ୍ୱ ବଜାରରେ ଅନିଶ୍ଚିତତା ଲାଗି ରହିଥିବାରୁ ସୂଚନା ପ୍ରଯୁକ୍ତି କମ୍ପାନିଗୁଡ଼ିକର ସେୟାର ମୂଲ୍ୟ ଗତ କିଛି ଦିନ ହେଲାଣି ଲଗାତାର ଭାବେ ହ୍ରାସ ପାଉଛି। ଖଣିଜ ପଦାର୍ଥ କମ୍ପାନିଗୁଡ଼ିକର ସେୟାର ମୂଲ୍ୟ ମଧ୍ୟ କମ୍ ହୋଇଛି। ନିଫ୍ଟିରେ ଆଦାନୀ ପୋର୍ଟସ୍, କୋଟକ୍ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ଲାଇଫ୍, ଡକ୍ଟର ରେଡ୍ଡିସ୍ ଓ ଅଲ୍‌ଟ୍ରାଟେକ୍ ସିମେଣ୍ଟ୍‌ର ସେୟାର ମୂଲ୍ୟରେ ବୃଦ୍ଧି ଘଟିଛି। ତେବେ ହିଣ୍ଡାଲ୍‌କୋ, ୱିପ୍ରୋ, ଇନ୍‌ଫୋସିସ୍, ଟେକ୍ ମହିନ୍ଦ୍ରା ଓ ସିପ୍‌ଲା ସେୟାର ମୂଲ୍ୟ କମ୍ ହୋଇଛି। ବିଶେଷଜ୍ଞ ମାନଙ୍କ ମତରେ ଆଗାମୀ ଦିନରେ ଆମେରିକାରେ ଘଟୁଥିବା ଘଟଣା ଉପରେ ବଜାରର ପ୍ରଦର୍ଶନ ନିର୍ଭର କରିବ। ଆମେରିକା ସୁପ୍ରିମକୋର୍ଟ ଶୁଳ୍କକୁ ଅସିଦ୍ଧ କରିବା ପରେ ଟ୍ରମ୍ପ ଦୁଇଟି ପର୍ଯ୍ୟାୟରେ ୧୫ ପ୍ରତିଶତର ନୂଆ ଟିକସ ଲଗାଇଛନ୍ତି। କୌଣସି ଦେଶ ବାଣିଜ୍ୟ ରାଜିନାମା ବାତିଲ କରି ନଥିବା ଦାବି କରୁଛନ୍ତି। ତେଣୁ ଶୁଳ୍କକୁ ନେଇ ଆଗାମୀ ଦିନରେ ସ୍ଥିତି କଣ ରହିବ ତାହା କେହି ଆକଳନ କରିପାରୁନାହାନ୍ତି।

## କ୍ଷୀର ପିଇ ଚାରି ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ : ଆନ୍ଧ୍ରପ୍ରଦେଶର ପୂର୍ବ ଗୋଦାବରୀ ଜିଲାର ରାଜମୁଣ୍ଡ୍ରି ଅଞ୍ଚଳରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ଗତ ୪୮ ଘଣ୍ଟା ମଧ୍ୟରେ କିଡନି ସମ୍ବନ୍ଧୀୟ ରୋଗରେ ଚାରି ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ବାର ଜଣଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ସମସ୍ତ ଆକ୍ରାନ୍ତ ବ୍ୟକ୍ତିଙ୍କ ବୟସ ୬୫ ବର୍ଷରୁ ଅଧିକ ବୋଲି ଜଣାପଡ଼ିଛି । ଏହି ମାମଲାର ତଦନ୍ତରୁ ଏକ ଆଶ୍ଚର୍ଯ୍ୟଜନକ ଖୁଲାସା ହୋଇଛି। ତଦନ୍ତରୁ ଜଣାପଡ଼ିଛି ଯେ ପୀଡିତମାନେ ଭେଜାଲ କ୍ଷୀର ପିଇଥିଲେ । ଭେଜାଲ କ୍ଷୀର ଖାଇବା ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଗଲା ଏବଂ ଚାରି ଜଣଙ୍କର ମୃତ୍ୟୁ ହେଲା। ଅନେକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତଦନ୍ତକାରୀ ଅଧିକାରୀମାନେ କୋରୁକୋଣ୍ଡା ମଣ୍ଡଳର ନରସପୁରମ ଗାଁର ଜଣେ କ୍ଷୀର ବିକ୍ରେତାଙ୍କୁ ଅଟକ ରଖିଛନ୍ତି। ତଦନ୍ତ ସମୟରେ ତାଙ୍କର ବେଆଇନ ଡାଏରୀ ୟୁନିଟ୍ ମଧ୍ୟ ଜବତ କରାଯାଇଛି। ଅଧିକାରୀମାନେ କହିଛନ୍ତି ଯେ ସେହି ନିର୍ଦ୍ଦିଷ୍ଟ ବିକ୍ରେତାଙ୍କଠାରୁ କ୍ଷୀର ପାଇଥିବା ୧୦୫ପରିବାର ମଧ୍ୟରୁ ୭୫ପରିବାରରୁ ନମୁନା ସଂଗ୍ରହ କରାଯାଇଛି। ସନ୍ଦିଗ୍ଧ ରୋଗର କାରଣ ନିର୍ଣ୍ଣୟ କରିବା ପାଇଁ ପରୀକ୍ଷା ଚାଲିଛି । ପରିସ୍ଥିତି ଉପରେ ନଜର ରଖିବା ଏବଂ ଚିକିତ୍ସା ଏବଂ ଉଦ୍ଧାର କାର୍ଯ୍ୟ ତଦାରଖ କରିବା ପାଇଁ ବିଜୟୱାଡାରୁ ସ୍ୱତନ୍ତ୍ର ଦଳ ରାଜମୁଣ୍ଡ୍ରିରେ ପହଞ୍ଚିଛନ୍ତି।

## ମେକ୍ସିକୋର ଦୁର୍ଦ୍ଧାନ୍ତ ଡ୍ରଗ୍ସ ମାଫିଆ ନିହତ ପରେ ଦେଶବ୍ୟାପୀ ହିଂସା, ବିଭିନ୍ନ ସ୍ଥାନରେ ପୋଡ଼ାଜଳା



ମେକ୍ସିକୋ : ମେକ୍ସିକୋର ଦୁର୍ଦ୍ଧାନ୍ତ ଡ୍ରଗ୍ସ ମାଫିଆ ତଥା ସିଜେଏନଜେ କାର୍ଟେଲର ମୁଖ୍ୟ ଏଲ୍ ମେଞ୍ଚୋ, ୨୨ ଫେବୃଆରୀ ୨୦୨୬ରେ ମେକ୍ସିକୋ ସେନାର ଏକ ସ୍ୱତନ୍ତ୍ର ଅପରେସନରେ ନିହତ ହୋଇଛି । ଏହି ହତ୍ୟାକାଣ୍ଡ ପରେ ଦେଶବ୍ୟାପୀ ହିଂସା ସୃଷ୍ଟି ହୋଇଥିଲା । ସନ୍ଦିଗ୍ଧ ଗ୍ୟାଙ୍ଗ ସଦସ୍ୟମାନେ ସୁରକ୍ଷା ବାହିନୀ ସହିତ ସଂଘର୍ଷ କରିବା ସମୟରେ ବସ୍ ଏବଂ ବ୍ୟବସାୟକୁ ପୋଡ଼ି ଦେଇଥିଲେ। ୨୦ଟି ମେକ୍ସିକୋ ରାଜ୍ୟରେ ୨୫୦ଟି ସ୍ଥାନରୁ ଅଧିକ ଅବରୋଧ ହଟାଯାଇଛି । ବିଶ୍ୱର ସବୁଠାରୁ ଅଧିକ ଖୋଜାଯାଉଥିବା ଏହି ଅପରାଧୀ ନାମରେ ୧୫ ମିଲିୟନ୍ ଡଲାରର ପୁରସ୍କାର ରାଶି ରହିଥିଲା । ଏହି ଘଟଣା ପରେ ମେକ୍ସିକୋର ବିଭିନ୍ନ ସହରରେ ବ୍ୟାପକ ହିଂସାକାଣ୍ଡ ଏବଂ ଗାଡ଼ି ପୋଡ଼ାଜଳା ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ହିଂସା ଘଟଣାରେ ଭାରତୀୟ ଦୂତାବାସ ପକ୍ଷରୁ ଜାଲିସ୍କୋ ଏବଂ ଅନ୍ୟାନ୍ୟ ପ୍ରଭାବିତ ମେକ୍ସିକୋ ରାଜ୍ୟଗୁଡ଼ିକରେ ଥିବା ଭାରତୀୟ ନାଗରିକମାନଙ୍କୁ ସଚେତନ ରହିବା ସହ ଆଶ୍ରୟ ସ୍ଥାନରେ ସୁରକ୍ଷିତ ରହିବାଲାଗି କୁହାଯାଇଛି ।

## ଆତଙ୍କବାଦୀଙ୍କ 'ଆଧାର' ଅସ୍ତ୍ର

ନୂଆଦିଲ୍ଲୀ,୨୩।୨: ଗତବର୍ଷ ନଭେମ୍ବର ୧୦ରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ଆତଙ୍କବାଦୀ କାରବୋମା ବିସ୍ଫୋରଣ ଘଟାଇବାରୁ ଅନ୍ୟୁନ ୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ଘଟଣା ସାରା ଦେଶକୁ ସ୍ତମ୍ଭୀଭୂତ କରିଥିଲା। ଘଟଣାକୁ ୩ ମାସ ପରେ ଦିଲ୍ଲୀ ପୋଲିସ ଜାତୀୟ ରାଜଧାନୀରେ ଏକ ବଡ଼ ଧରଣର ଆତଙ୍କବାଦୀ ଷଡ଼ଯନ୍ତ୍ର ଯୋଜନାର ପର୍ଦ୍ଦାଫାଶ କରିବା ସହ ୮ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଏବଂ ବାଂଲାଦେଶର ଉଗ୍ରପନ୍ଥୀ ସଂଗଠନ ତରଫରୁ ସେମାନେ ଦିଲ୍ଲୀରେ ଆତଙ୍କବାଦୀ ଷଡ଼ଯନ୍ତ୍ର ଚଳାଇଥିଲେ ବୋଲି ପୋଲିସ କହିଛି। ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା ସହ ସେମାନଙ୍କର ଲିଙ୍କ୍ ରହିଥିବା ଅଭିଯୋଗ ହୋଇଛି। ସେମାନଙ୍କ ମଧ୍ୟରେ କେତେଜଣ ବାଂଲାଦେଶୀ ରହିଛନ୍ତି।

## ଲାଲକିଲ୍ଲା ଏବଂ ଦିଲ୍ଲୀ ସଚିବାଳୟକୁ ବୋମାରେ ଉଡ଼ାଇବାକୁ ଧମକ, ଖଲିସ୍ତାନୀ ଗ୍ରୁପ ନାମରେ ଆସିଲା ଧମକପୂର୍ଣ୍ଣ ଇମେଲ






ନୂଆଦିଲ୍ଲୀ : ଲାଲ କିଲ୍ଲା ଏବଂ ଦିଲ୍ଲୀ ସଚିବାଳୟକୁ ବୋମାରେ ଉଡ଼ାଇବାକୁ ଧମକ ମିଳିଛି । ଦିଲ୍ଲୀ ପୋଲିସ ଏହାକୁ ନେଇ ଯାଞ୍ଚ ଆରମ୍ଭ କରିଛି । ଲାଲକିଲ୍ଲା ଏବଂ ଦିଲ୍ଲୀ ସଚିବାଳୟ ପରିସର ଭିତରେ ସନ୍ଧାନ କରାଯାଉଛି । ଖଲିସ୍ତାନୀ ଗ୍ରୁପ ନାମରେ ଧମକପୂର୍ଣ୍ଣ ମେଲ୍ ଆସିଛି । ଧମକ ମିଳିବା ପରେ ସୁରକ୍ଷା ଏଜେନ୍ସୀ ଯାଞ୍ଚ ଆରମ୍ଭ କରିଛି । ଦିଲ୍ଲୀ ପୋଲିସ ବୋମା ନିଷ୍କ୍ରିୟକାରୀ ଦଳ, ଡଗ୍ ସ୍କ୍ୱାଡ୍ ଏବଂ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଏଯାଏଁ କୌଣସି ସନ୍ଦିଗ୍ଧ ଜିନିଷ ମିଳିନାହିଁ । ସେହିପରି ଆଜି ସକାଳେ ଦିଲ୍ଲୀର ଦୁଇଟି ପ୍ରତିଷ୍ଠିତ ସ୍କୁଲକୁ ବୋମାରେ ଉଡ଼ାଇଦେବା ପାଇଁ ଇମେଲ୍ ଜରିଆରେ ଧମକ ମିଳିଛି । ଏହି ଖବର ପ୍ରସାରିତ ହେବା ପରେ ସୁରକ୍ଷା ସଂସ୍ଥା ଏବଂ ଅଭିଭାବକମାନଙ୍କ ମଧ୍ୟରେ ଭୟ ଓ ଚାଞ୍ଚଲ୍ୟ ଖେଳିଯାଇଛି । ଧୌଲାକୁଆଁ ସ୍ଥିତ ଆର୍ମି ପବ୍ଲିକ୍ ସ୍କୁଲ (ଇଟଝ) ଏବଂ ଲୋଧି ରୋଡ୍ ସ୍ଥିତ ଏୟାର ଫୋର୍ସ ବାଲ୍ ଭାରତୀ ସ୍କୁଲକୁ ଇମେଲରେ ଧମକ ମିଳିଛି । ସୂଚନା ପାଇବା ମାତ୍ରେ ଦିଲ୍ଲୀ ପୋଲିସ ବୋମା ନିଷ୍କ୍ରିୟକାରୀ ଦଳ (ଈଡଝ), ଡଗ୍ ସ୍କ୍ୱାଡ୍ ଏବଂ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ସୁରକ୍ଷା ଦୃଷ୍ଟିକୋଣରୁ ସ୍କୁଲ କର୍ତ୍ତୃପକ୍ଷ ତୁରନ୍ତ ପିଲାମାନଙ୍କୁ ପରିସରରୁ ବାହାର କରି ସୁରକ୍ଷିତ ସ୍ଥାନକୁ ପଠାଇ ଦେଇଛନ୍ତି ।

## ଭୟଙ୍କର ସଡ଼କ ଦୁର୍ଘଟଣା: ତ୍ରିଶୂଳୀ ନଦୀକୁ ଖସି ପଡ଼ିଲା ବସ୍, ୧୮ ଯାତ୍ରୀ ମୃତ

କାଠମାଣ୍ଡୁ: ନେପାଳରେ ଭୟଙ୍କର ସଡ଼କ ଦୁର୍ଘଟଣା । ରାଜଧାନୀଠାରୁ ପ୍ରାୟ ୯୦ କିଲୋମିଟର ଦୂରରେ ଏକ ବଡ଼ ଧରଣର ବସ୍ ଦୁର୍ଘଟଣା ଘଟିଛି । ନେପାଳର ଧାଡିଂ ଜିଲ୍ଲାର ଗଜୁରୀ ନିକଟରେ ସୋମବାର ସକାଳେ ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ତ୍ରିଶୂଳୀ ନଦୀକୁ ଖସି ପଡ଼ିଛି । ଏହି ଦୁର୍ଘଟଣାରେ ୧୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୬ ଜଣ ଯାତ୍ରୀ ଆହତ ହୋଇଛନ୍ତି । ନେପାଳ ସଶସ୍ତ୍ର ପୋଲିସ ବାହିନୀର ମୁଖପାତ୍ର ବିଷ୍ଣୁ ପ୍ରସାଦ ଭଟ୍ଟାଙ୍କ ସୂଚନା ଅନୁସାରେ, ଦୁର୍ଘଟଣାସ୍ଥଳରୁ ୧୭ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି । ବସ୍ରୁ ୨୮ ଜଣ ଆହତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି । ଆହତ ଯାତ୍ରୀମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯିବା ସହିତ ଉଦ୍ଧାର କାର୍ଯ୍ୟରେ ନେପାଳ ସେନା, ସଶସ୍ତ୍ର ପୋଲିସ ବାହିନୀ ଏବଂ ନେପାଳ ପୋଲିସ କର୍ମଚାରୀମାନେ ନିୟୋଜିତ ଅଛନ୍ତି । ସୂଚନା ମୁତାବକ, ଦୁର୍ଘଟଣାରେ ମୃତକଙ୍କ ମଧ୍ୟରେ ନ୍ୟୁଜିଲାଣ୍ଡର ଜଣେ ପୁରୁଷ ଯାତ୍ରୀ ଥିବା ଜଣାପଡ଼ିଛି ।

# କର୍ଣ୍ଣାଟକ କ୍ଷମତା କନ୍ଦଳ: ମନ୍ତ୍ରିମଣ୍ଡଳରେ ସାମିଲ ପାଇଁ ହାଇକମାଣ୍ଡଙ୍କୁ ଚିଠି ଲେଖିଲେ ୩୦ରୁ ଅଧିକ ବିଧାୟକ

ବେଙ୍ଗାଲୁରୁ: କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ କନ୍ଦଳ ଜାରି ରହିଥିବାବେଳେ ଏବେ ପୁଣି ୩୦ରୁ ଅଧିକ ପ୍ରଥମ ଥର କଂଗ୍ରେସ ବିଧାୟକ ସେମାନଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିବାପାଇଁ ପାର୍ଟି ହାଇକମାଣ୍ଡଙ୍କୁ ଚିଠି ଲେଖିଛନ୍ତି। ୩୦ରୁ ଅଧିକ ବିଧାୟକଙ୍କ ଦସ୍ତଖତ ଥିବା ଚିଠି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ପାଖକୁ ଲେଖାଯାଇଛି ଏବଂ ଏହାର କପି ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା, ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର, ଏଆଇସିସି ସାଧାରଣ ସମ୍ପାଦକ କେସି



ବେଣୁଗୋପାଳ ଏବଂ ଏଆଇସିସି ଜେନେରାଲ ସେକ୍ରେଟାରି ଇନଚାର୍ଜ ରଣଦୀପ ସିଂହ ସୁର୍ଜେୱାଲାଙ୍କୁ ପଠାଯାଇଛି।

କର୍ଣ୍ଣାଟକ ସରକାରରେ ଏକ ପ୍ରସ୍ତାବିତ ମନ୍ତ୍ରିମଣ୍ଡଳ ଅଦଳବଦଳ ସମୟରେ ପ୍ରଥମ ଥର ବିଧାନସଭାକୁ ନିର୍ବାଚିତ ବିଧାୟକମାନଙ୍କୁ ସାମିଲ କରିବାପାଇଁ ଚିଠିରେ ଅନୁରୋଧ କରାଯାଇଛି। ଚିଠିରେ କୁହାଯାଇଛି ଯେ କର୍ଣ୍ଣାଟକର ଲୋକମାନେ କଂଗ୍ରେସ ଦଳରୁ ୩୮ ଜଣ ସଦସ୍ୟଙ୍କୁ ପ୍ରଥମ ଥର ପାଇଁ ବିଧାନସଭାକୁ ନିର୍ବାଚିତ କରିଛନ୍ତି। ଏହା ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ ସେମାନେ ବିଧାନସଭାରେ ନୂଆ ଯୁବ ଚେହେରା ଦେଖିବାକୁ ଚାହାନ୍ତି। କିନ୍ତୁ ମନ୍ତ୍ରିମଣ୍ଡଳରେ ଜଣେ ବି ନୂଆ ନିର୍ବାଚିତ ସଦସ୍ୟଙ୍କୁ ସାମିଲ କରାଯାଇନି। ତେଣୁ କର୍ଣ୍ଣାଟକରେ ୩୪ ସଦସ୍ୟ ବିଶିଷ୍ଟ ମନ୍ତ୍ରିମଣ୍ଡଳରେ ପ୍ରଥମ ଥର ବିଧାୟକଙ୍କୁ ସୁଯୋଗ ଦେବାପାଇଁ ଅନୁରୋଧ କରାଯାଇଛି। ଏଏସ୍ ପୋନ୍ନାନା, ଅଶୋକ ରାୟ, ଶ୍ରୀନିବାସ ଏନ୍‌ଟି , ପି ରବିକୁମାର, ଏ ସି ଶ୍ରୀନିବାସ, ଏଚଏ ଇକୁବଲ ହୁସେନ, ବି ଦେବେନ୍ଦ୍ର, ନର ଭାରତ ରେଡ୍ଡି, ବିଶ୍ୱାସ ବି ବୈଦ୍ୟ, ବସବରାଜ ଭି ଶିବଗଙ୍ଗା ଚିଠିରେ ଦସ୍ତଖତ କରିଛନ୍ତି।

## ଭାରତୀୟ ନାଗରିକଙ୍କୁ ତୁରନ୍ତ ଇରାନ ଛାଡ଼ିବାକୁ ଚେତାବନୀ

ନୂଆଦିଲ୍ଲୀ/ତେହରାନ : ଇରାନରେ ବଢୁଥିବା ଉତ୍ତେଜନା ଏବଂ ସମ୍ପ୍ରତି ବିରୋଧ ପ୍ରଦର୍ଶନ ମଧ୍ୟରେ ତେହରାନର ଭାରତୀୟ ଦୂତାବାସ ସମସ୍ତ ଭାରତୀୟ ନାଗରିକଙ୍କୁ ତୁରନ୍ତ ଦେଶ ଛାଡ଼ିବାକୁ କଡ଼ା ପରାମର୍ଶ ଦେଇଛି। ସୋସିଆଲ ମିଡିଆ 'ଏକ୍ସ'ରେ ଜାରି କରାଯାଇଥିବା ଏକ ପରାମର୍ଶରେ, ଦୂତାବାସ କହିଛି ଛାତ୍ର, ତୀର୍ଥଯାତ୍ରୀ, ବ୍ୟବସାୟୀ ଏବଂ ପର୍ଯ୍ୟଟକଙ୍କ ସମେତ ସମସ୍ତ ଭାରତୀୟଙ୍କୁ ବାଣିଜ୍ୟିକ ବିମାନ ସମେତ ସମସ୍ତ ଉପଲବ୍ଧ ଉପାୟରେ ଇରାନ ଛାଡ଼ିବା ଉଚିତ। ଦୂତାବାସ ଲେଖିଛି, 'ଇରାନର ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି, ଭାରତୀୟ ନାଗରିକ (ଛାତ୍ର, ତୀର୍ଥଯାତ୍ରୀ, ବ୍ୟବସାୟୀ ଏବଂ ପର୍ଯ୍ୟଟକ)ଙ୍କୁ ବାଣିଜ୍ୟିକ ବିମାନ ସମେତ ସମସ୍ତ ଉପଲବ୍ଧ ଉପାୟରେ ଇରାନ ଛାଡ଼ିବାକୁ ପରାମର୍ଶ ଦିଆଯାଇଛି।

# କ୍ୟାପିଟାଲ୍ କପ୍ ୨୦୨୬: କ୍ରିକେଟ୍ ସହିତ ସାଇବର୍ ଓ ସାମାଜିକ ସଚେତନତାର ସମନ୍ୱୟ









ଭୁବନେଶ୍ୱର, ୨୩।୨ (ମହାଭାରତ): ବହୁ ପ୍ରତୀକ୍ଷିତ କ୍ୟାପିଟାଲ୍ କପ୍ ୨୦୨୬ ଉତ୍ସାହ ଓ ଉଦ୍ଦୀପନାର ସହିତ ସଫଳତାରେ ଆୟୋଜିତ ହୋଇଥିଲା। ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କେବଳ ଖେଳ ମାତ୍ର ନୁହେଁ, ବରଂ ସାଇବର୍ ସୁରକ୍ଷା, ଡିଜିଟାଲ୍ ଦାୟିତ୍ୱବୋଧ ଓ ସାମାଜିକ ସଚେତନତା ପ୍ରଚାରର ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ ପରିଣତ ହୋଇଥିଲା।

ଏହି ଅବସରକୁ ଗରିମାମୟ କରିଥିଲେ ସୁରେଶ ଦେବଦତ୍ତ ସିଂହ, କମିଶନର୍ ଅଫ୍ ଟ୍ୱିନ୍ ସିଟି, ଭୁବନେଶ୍ୱର ଓ କଟକ, ସୁଶାନ୍ତ କୁମାର ନାଥ, ଡାଇରେକ୍ଟର୍ ଜେନେରାଲ୍ ଅଫ୍ ଓଡ଼ିଶା ପ୍ରିଜନ୍, ଏବଂ ବିରେନ୍ ସାହୁ ଡିଆଇଜି ପ୍ରିଜନ୍। ତାଙ୍କର ଉପସ୍ଥିତି ଯୁବ ସମାଜ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଖେଳର ଭୂମିକାକୁ ଉଦ୍ଧାର କରିଥିଲା।

ଏହା ସହିତ ଅନୁଷ୍ଠାନକୁ ଶୋଭା ଦେଇଥିଲେ ଜ୍ଞାନରଞ୍ଜନ ମହାନ୍ତି (ଓଡ଼ିଶା ଷ୍ଟେଟ୍ ବାର୍ କାଉନସିଲ୍ ସଦସ୍ୟ ଓ ଏଓଏଲଏ ଅଧ୍ୟକ୍ଷ), ସୁରେଶ୍ କୁମାର ରାଉତରାୟ (ପୂର୍ବତନ କ୍ରୀଡ଼ା ମନ୍ତ୍ରୀ, ଓଡ଼ିଶା), ସର୍ବେଶ୍ୱର ସାହୁ (ସୁପରିଣ୍ଟେଣ୍ଡେଣ୍ଟ, ସ୍ପେଶାଲ୍ ଜେଲ୍, ଭୁବନେଶ୍ୱର), ଏବଂ ରବିନ୍ଦ୍ର କୁମାର ମହାରଣା (ଜେନେରାଲ୍ ମ୍ୟାନେଜର୍, ମିଲ୍କି ମୁ)। ଗଦାଧର ଦାସ (ଇଣ୍ଡିଆନ୍ ଏକ୍ସପ୍ରେସ୍), ଶିବ ପ୍ରସାଦ ବେହେରା (କର୍ପୋରେଟର୍, ୱାର୍ଡ ୫୪), ଚନ୍ଦ୍ରଶେଖର ମଲ୍ଲିଆ (କର୍ପୋରେଟର୍, ୱାର୍ଡ ୬୦), ବିରଞ୍ଚି ମହାସୁପକର (ବିଜେଡି ଯୁବ ଅଧ୍ୟକ୍ଷ), ଏବଂ ଦେବବ୍ରତ ନାୟକ (ସିଟୁ), ସ୍ଥାପକ – ଦେବ ଯୁଗଙ୍କ ଉପସ୍ଥିତି ଉଲ୍ଲେଖନୀୟ ଥିଲା। ଅନୁଷ୍ଠାନର ଏକ ବିଶେଷ ଆକର୍ଷଣ ଥିଲେ ଇଣ୍ଡିଆନ୍ ଆଇଡଲ୍ ପ୍ୟାନେଲ୍ ଜଜ୍ ଅଭିଜିତ୍ ମିଶ୍ର, ଯିଏ ଖେଳାଳିମାନଙ୍କୁ ଉତ୍ସାହିତ କରି ଅନୁଷ୍ଠାନର ମାନକୁ ଆହୁରି ବଢ଼ାଇଥିଲେ।

ଏହି ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ପାଇଁ ଆୟୋଜକମାନେ ନାରାୟଣ ମହାରଣା (ଟ୍ରଷ୍ଟ ଅଧ୍ୟକ୍ଷ), ଜିତେନ୍ଦ୍ର ସାହୁ (ଉପାଧ୍ୟକ୍ଷ), ଚିନ୍ମୟ ମହାନ୍ତି (ସୁପ୍ରିମ୍ କୋର୍ଟ ଅଧିବକ୍ତା), ରଞ୍ଜୀତ୍ ମହାରଣା (ୱର୍କିଙ୍ଗ ସେକ୍ରେଟାରୀ, ଅଲ୍ ଓଡ଼ିଶା ଲୟର୍ ଆସୋସିଏସନ୍), ଏବଂ ବିଷ୍ଣୁ କୁମାର ପ୍ରଧାନ ସମସ୍ତ ଅତିଥି, ଖେଳାଳି ଓ ସମର୍ଥକମାନଙ୍କୁ କୃତଜ୍ଞତା ଜଣାଇଥିଲେ।ଆୟୋଜକମାନଙ୍କ କହିବା ଅନୁସାରେ, କ୍ୟାପିଟାଲ୍ କପ୍ ୨୦୨୬ ଖେଳ ସହିତ ସାମାଜିକ ସଚେତନତାକୁ ଯୋଡ଼ିବାର ଏକ ପ୍ରୟାସ, ଯାହା ଯୁବ ପିଢ଼ୀ ମଧ୍ୟରେ ସାଇବର୍ ସୁରକ୍ଷା ଓ ଦାୟିତ୍ୱଶୀଳ ଡିଜିଟାଲ୍ ବ୍ୟବହାର ପ୍ରଚାରରେ ମୂଲ୍ୟବାନ ଭୂମିକା ନେବ।ଏହି ଟୁର୍ଣ୍ଣାମେଣ୍ଟ ଏକତା, ଶିଷ୍ଟାଚାର ଓ ସଚେତନତାର ଉଦ୍ଦୀପକ ଉଦାହରଣ ସୃଷ୍ଟି କରିଛି, ଯାହା ଖେଳକୁ ସାମାଜିକ ପରିବର୍ତ୍ତନର ଶକ୍ତିଶାଳୀ ମାଧ୍ୟମ ଭାବେ ପ୍ରମାଣିତ କରିଛି।

## ମିଲର-ୱାଶିଂଟନଙ୍କ ମଧ୍ୟରେ ଝଗଡା

ନୂଆଦିଲ୍ଲୀ, ୨୩/୦୨; ଚଳିତ ଟି-୨୦ ବିଶ୍ୱକପର ସୁପର ୮ ମ୍ୟାଚ୍‌ରେ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକାର ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିଥିଲା । ଏହି ମ୍ୟାଚ୍ ସମୟରେ ହାଇଭୋଲ୍‌ଟେଜ ଡ୍ରାମା ଦେଖିବାକୁ ମିଳିଥିଲା । ଭାରତୀୟ ଅଫ୍-ସ୍ପିନ୍ ଅଲରାଉଣ୍ଡର ୱାଶିଂଟନ୍ ସୁନ୍ଦର ଏବଂ ଡେଭିଡ୍ ମିଲରଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା । ୱାସିଂଟନ ସୁନ୍ଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକାର ଇନିଂସର ୧୪ତମ ଓଭର ବୋଲିଂ କରିଥିଲେ । ଏହି ଓଭର ପରେ, ଡ୍ରିଙ୍କସ୍ ବ୍ରେକ୍ ହୋଇଥାଏ । ଏତିକି ବେଳେ ମିଲର ଏବଂ ସୁନ୍ଦରଙ୍କ ମଧ୍ୟରେ ତୁ ତୁ ମୈଁ ମୈଁ ହୋଇଥିବା ଦେଖିବାକୁ ମିଳିଥିଲା । ଦୁହେଁ ଏକଦମ ରାଗ ମୁଡରେ ଥିଲେ । କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା ।




ସୂର୍ଯ୍ୟ ଏବଂ ଅମ୍ପାୟାରଙ୍କ ହସ୍ତକ୍ଷେପ- ଡେଭିଡ୍ ମିଲର ରାଗି ଯାଇଥିଲେ । ୱାଶିଂଟନ୍ ସୁନ୍ଦର ତାଙ୍କ ମନ୍ତବ୍ୟର ଜବାବ ଦେଉଥିଲେ । ଏହି ସମୟରେ, ଅମ୍ପାୟାର ଏବଂ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପରିସ୍ଥିତିକୁ ଶାନ୍ତ କରିବା ପାଇଁ ହସ୍ତକ୍ଷେପ କରିଥିଲେ । ଉପ-ଅଧିନାୟକ ଅକ୍ଷର ପଟେଲଙ୍କୁ ବାଦ ଦିଆଯିବା ପରେ ୱାଶିଂଟନ୍ ସୁନ୍ଦରଙ୍କୁ ଏହି ମ୍ୟାଚ୍‌ରେ ସୁଯୋଗ ଦିଆଯାଇଥିଲା । ସେ ବଲ୍ ସହ ସେପରି କିଛି ଚମତ୍କାର କରିପାରିନଥିଲେ । ୨ଟି ଓଭର ବୋଲିଂ କରି ୧୭ ରନ୍ ଦେଇଥିଲେ । ବ୍ୟାଟିଂରେ ବି ନିରାଶ କରିଥିଲେ ।

ମ୍ୟାଚ୍ ସମୟରେ ସୁନ୍ଦରଙ୍କ ରାଗ ସ୍ପଷ୍ଟ ଭାବେ ଦେଖାଯାଉଥିଲା । ସେ ବାରମ୍ବାର ଅମ୍ପାୟାରଙ୍କ ନିକଟରେ ଅଭିଯୋଗ କରିଥିଲେ ଯେ, ଦକ୍ଷିଣ ଆଫ୍ରିକାର ବ୍ୟାଟର ଡେଭିଡ୍ ମିଲର ନନ୍-ଷ୍ଟ୍ରାଇକର ଏଣ୍ଡରେ କ୍ରିଜ୍ ପାଖରେ ଠିଆ ହୋଇଛନ୍ତି । ଏହି ଘଟଣା ୧୪ତମ ଓଭରର ଶେଷରେ ଘଟିଥିଲା, ଯେତେବେଳେ ଟ୍ରିଷ୍ଟାନ୍ ଷ୍ଟବ୍ସ ଷ୍ଟ୍ରାଇକରେ ଥିଲେ ଏବଂ ମିଲର ନନ୍-ଷ୍ଟ୍ରାଇକର ଏଣ୍ଡରେ ଥିଲେ । ସୁନ୍ଦର ବୋଲିଂ ବନ୍ଦ କରି ମିଲରଙ୍କ ସ୍ଥିତିକୁ ଇଙ୍ଗିତ କରିଥିଲେ । ଓଭର ପରେ, ମିଲର ଭାରତୀୟ ଖେଳାଳିଙ୍କ ଆଡ଼କୁ ଚାଲିକି ଯାଇଥିଲେ ଏବଂ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା ।

ଭାରତକୁ ୧୮୮ ରନର ଟାର୍ଗେଟ ମିଳିଥିଲା- ମ୍ୟାଚ୍ ବିଷୟରେ କହିବାକୁ ଗଲେ, ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ୧୮୭ ରନ୍ କରିଥିଲା । ଭାରତୀୟ ଦଳ ବଲ୍ ସହିତ ଏକ ଚମତ୍କାର ଆରମ୍ଭ କରିଥିଲା । ପ୍ରଥମ ୪ ଓଭର ମଧ୍ୟରେ, ଦକ୍ଷିଣ ଆଫ୍ରିକାର ଶୀର୍ଷ ତିନି ବ୍ୟାଟର ୨୦ ରନ୍ କରି ଆଉଟ୍ ହୋଇଥିଲେ । ସେଠାରୁ, ଡେଭିଡ୍ ମିଲର୍ ଏବଂ ଡେୱାଲ୍ଡ ବ୍ରେଭିସ୍ ଇନିଂସକୁ ସ୍ଥିର କରିଥିଲେ । ସେମାନେ ଦଳକୁ ୧୦୦ ଅତିକ୍ରମ କରାଇଥିଲେ । ଏହି ଯୋଡ଼ି ୫୦ ବଲ୍ ରେ ୯୭ ରନ୍ ର ଭାଗୀଦାରୀ କରି ଦକ୍ଷିଣ ଆଫ୍ରିକାକୁ ସଙ୍କଟରୁ ଉଦ୍ଧାର କରିଥିଲେ ।

ମିଲର ୬୩ ରନ କରିଥିଲେ- ଡିୱାଲ୍ଡ ବ୍ରେଭିସ୍ ଅର୍ଦ୍ଧଶତକରୁ ବଞ୍ଚିତ ହୋଇ ୪୫ ରନ୍ କରି ଆଉଟ୍ ହୋଇଥିଲେ । ଡେଭିଡ୍ ମିଲର୍ ମାତ୍ର ୨୬ ବଲ୍‌ରେ ନିଜର ୫୦ ରନ୍ ପୂରଣ କରିଥିଲେ । ୩୫ ବଲ୍‌ରେ ୬୩ ରନ୍ କରିବା ପରେ ମିଲର୍ ବରୁଣ ଚକ୍ରବର୍ତ୍ତୀଙ୍କ ଶିକାର ହୋଇଥିଲେ । ସେ ୭ ଚୌକା ଏବଂ ୩ ଛକା ମାରିଥିଲେ । ଭାରତ ପାଇଁ ଜସପ୍ରିତ ବୁମରାହ ୪ ଓଭରରେ ୧୫ ରନ୍ ଦେଇ ୩ ୱିକେଟ୍ ନେଇଥିଲେ । ମିଲର୍‌ଙ୍କ ୱିକେଟ୍ ପଡ଼ିବା ପରେ ଭାରତ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲା । ତଥାପି, ଶେଷ ଓଭରରେ ଟ୍ରିଷ୍ଟାନ୍ ଷ୍ଟବ୍ସ ୨୦ ରନ୍ କରି ଦକ୍ଷିଣ ଆଫ୍ରିକାକୁ ୧୮୭ ରନ୍ ରେ ପହଞ୍ଚାଇଥିଲେ ।

## ମେକ୍ସିକୋରେ ବିଶ୍ୱକପ୍ ଫୁଟବଲ୍ ଆୟୋଜନକୁ ନେଇ ଆଶଙ୍କା

ଗ୍ୱାଡାଲାଜାରା, ୨୩।୦୨: ମେକ୍ସିକୋର କୁଖ୍ୟାତ ଡ୍ରଗ୍ ମାଫିଆ ତଥା ଜେଲିସ୍କ ନ୍ୟୁ ଜେନେରେସନ କାର୍ଟେଲ୍ (ସିଜେଏନଜି) ମୁଖ୍ୟ ଏଲ୍ ମେଞ୍ଚର ହତ୍ୟା ପରେ ସମଗ୍ର ଦେଶରେ ବ୍ୟାପକ ହିଂସା ଦେଖାଦେଇଛି। ଏହି ସଂଗଠନର ଅଜ୍ଞାତ ବନ୍ଧୁକଧାରୀମାନେ ରାଜରାସ୍ତା ଓ ବିଭିନ୍ନ ସର୍ବସାଧାରଣ ସ୍ଥାନରେ ନିଆଁ ଲଗାଇବା ସହ ଆତଙ୍କରାଜ ଆରମ୍ଭ କରିଦେଇଛନ୍ତି। ଏହି ହିଂସା ପରେ ଦେଶରେ ଆୟୋଜିତ ସମସ୍ତ ଫୁଟବଲ୍ ମ୍ୟାଚ୍‌କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ଏସବୁ ମଧ୍ୟରେ ରହିଛି କେତେକ ପ୍ରଥମ ଶ୍ରେଣୀ ଓ କ୍ଲବ ସ୍ତରୀୟ ମ୍ୟାଚ୍ । ଏହା ସହିତ ଆସନ୍ତା ବୁଧବାର ମେକ୍ସିକୋ ଓ ଆଇସ୍‌ଲାଣ୍ଡ ମଧ୍ୟରେ ହେବାକୁ ଥିବା ମ୍ୟାଚ୍ ବି ବାତିଲ ହେବାର ଆଶଙ୍କା ଦେଖାଦେଇଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆସନ୍ତା ଜୁନ ମାସରେ ମେକ୍ସିକୋରେ କେତୋଟି ବିଶ୍ୱକପ୍ ଫୁଟବଲ୍ ମ୍ୟାଚ୍ ଆୟୋଜନ ହେବାକୁ ଥିବାବେଳେ ଏହି ହିଂସା ତାହାର ଆୟୋଜନକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଜେଲିସ୍କ ରାଜ୍ୟର ରାଜଧାନୀ ଗ୍ୱାଡାଲାଜାରାରେ ସର୍ବାଧିକ ହିଂସା ଦେଖାଦେଇଛି। ଏହି ସହରରେ ହିଁ ୪ଟି ବିଶ୍ୱକପ୍ ମ୍ୟାଚ୍ ଖେଳାଯିବ। ଏସବୁ ମ୍ୟାଚ୍ ଦକ୍ଷିଣ କୋରିଆ, ମେକ୍ସିକୋ, ସ୍ପେନ୍, ଉରୁଗୁଏ ଓ କଲମ୍ବିଆ ମଧ୍ୟରେ ଖେଳାଯିବ। କିନ୍ତୁ ଏହି ହିଂସା ଫିଫାର ଚିନ୍ତା ବଢାଇଦେଇଛି।

## ଭାରତ ପାଇଁ ସେମିଫାଇନାଲ ରାସ୍ତା ମୁସ୍କିଲ

### ଗୋଟିଏ ପରାଜୟରେ ବଦଳିଲା ସମୀକରଣ

ନୂଆଦିଲ୍ଲୀ, ୨୩।୦୨: ବିଶ୍ୱର ଏକ ନମ୍ବର ଦଳ ପୁଣି ଡିଫେଣ୍ଡିଂ ଚାମ୍ପିଅନ । ଚର୍ଚ୍ଚା ଯେମିତି, ରଣନୀତି ମଧ୍ୟ ସେମିତି । ଦଳର ସବୁ ଖେଳାଳି ମାର୍କାମରା, ହାର୍ଡ ହିଟର । କାହାକୁ ଭୟ ନାହିଁ, ତେଣୁ ଆତ୍ମବିଶ୍ୱାସ ଆକାଶଛୁଆଁ । ଗ୍ରୁପ୍ ପର୍ଯ୍ୟାୟରେ ଅପରାଜେୟ ମାତ୍ର ସୁପର-୮ର ପ୍ରଥମ ମ୍ୟାଚ୍‌ରେ ସବୁ କିଛି ଫସର ଫାଟିଲା, ଅସଲ ଲଇରେ ଆରମ୍ଭରୁ ଦଳ ଝୁଣ୍ଟି ପଡିଲା । ବିଶ୍ୱରେ ସବୁଠୁ ଶକ୍ତିଶାଳୀ ଓ ଦୁର୍ଦ୍ଧର୍ଷ ବ୍ୟାଟିଂ ଲାଇନ ତାସ ଘର ଭଳି ଭୁଶୁଡି ପଡିଲା । ଚକିତ ଲାଗୁଥାଏ ସବୁ, ଆଗ ପଛ ହୋଇ ଜଣେ ପରେ ଜଣେ ପାଭିଲିୟନ ଫେରୁଥାନ୍ତି । ଶେଷରେ ଦକ୍ଷିଣ ଆଫ୍ରିକାର ଶକ୍ତ ପ୍ରହାରରେ ଭାରତ ଦୋହଲି ଗଲା, ୭୬ ରନ୍‌ରେ ସୁପର-୮ ରାଉଣ୍ଡ ମ୍ୟାଚ୍‌ରେ ପରାଜିତ ହେଲା । ବଳକା ୨ ମ୍ୟାଚ୍ ଜିତିଲେ ବି ଭାରତ ପାଇଁ ସେମି ଫାଇନାଲ ରାସ୍ତା କଷ୍ଟକର ହୋଇପଡିଛି । ଗୋଟିଏ ପରାଜୟରେ ବଦଳିଲା ସମୀକରଣ ।

ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ ୨୦୨୬ର ରୋମାଞ୍ଚ ଏବେ ଧୀରେ ଧୀରେ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି । ପ୍ରଥମ ପର୍ଯ୍ୟାୟ ପରେ ସୁପର-୮ ରାଉଣ୍ଡ ଜାରି ରହିଛି । ଏଠି ସମୀକରଣ ଦ୍ରୁତ ଗତିରେ ବଦଳୁଛି । ୨୦ଟିମରୁ ଆରମ୍ଭ ହୋଇଥିବା ଟୁର୍ଣ୍ଣାମେଣ୍ଟ ୮ରେ ପହଞ୍ଚିଛି । ଗୋଟିଏ ଗୋଟିଏ ମ୍ୟାଚ୍‌ରେ ଚିତ୍ର ବଦଳୁଛି । ଗତକାଲି ଭାରତ ଏବଂ ଦ.ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ସୁପର-୮ ମ୍ୟାଚ୍‌ରେ ଭାରତ ୭୬ ରନରେ ପରାସ୍ତ ହୋଇଛି । ଏବେ ପରିସ୍ଥିତି ଏମିତି ହୋଇଛି ଯେ, ଟି-ଟ୍ୱେଣ୍ଟି ବିଶ୍ୱକପର ଶେଷ ୧୨ଟି ମ୍ୟାଚ୍‌ରେ ଅପରାଜିତ ଥିବା ଟିମ୍ ଇଣ୍ଡିଆ ପାଇଁ ଗୋଟିଏ ପରାଜୟ ସେମିଫାଇନାଲ ଦ୍ୱାର ବନ୍ଦ କରିଦେଇପାରେ । ତୃତୀୟ ଥର ଟି-ଟ୍ୱେଣ୍ଟି ବିଶ୍ୱକପ ଜିତିବା ସ୍ୱପ୍ନ ଭାଙ୍ଗି ଯାଇପାରେ । ତେବେ ଆସନ୍ତୁ ଜାଣିବା ଏହି ରିପୋର୍ଟରେ ଭାରତ କିପରି ସେମିଫାଇନାଲରେ ସ୍ଥାନ ପକ୍କା କରିବ ।




ସୁପର -୮ରେ ୨ଟି ଗ୍ରୁପରେ ୪ଟି ଲେଖାଏଁ ଟିମ୍ ରହିଛନ୍ତି । ନିଜ ଗ୍ରୁପରେ ବାକି ଦଳ ବିପକ୍ଷରେ ୩ଟି ଲେଖାଏଁ ମ୍ୟାଚ୍ ଖେଳିବେ । ଜିତିଲେ ୨ ପଏଣ୍ଟ, ନୋ ରେଜଲ୍ଟରେ ୧ ପଏଣ୍ଟ ଏବଂ ପରାସ୍ତ ହେଲେ କିଛି ପଏଣ୍ଟ ମିଳିବ ନାହିଁ । ଯଦି ପଏଣ୍ଟ ସମାନ ରୁହେ ତେବେ ନେଟ୍ ରନ୍ ରେଟ୍ ଦ୍ୱାରା ନିଷ୍ପତ୍ତି ହେବ । ସରଳ ଭାଷାରେ କହିବାକୁ ଗଲେ ନେଟ୍ ରନ୍ ରେଟ୍ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ । ସୁପର-୮ରେ ଗ୍ରୁପ ଏରେ ବର୍ତ୍ତମାନ ସ୍ଥିତି ଦ.ଆଫ୍ରିକା ପ୍ରଥମ ସ୍ଥାନରେ ରହିଛି । ପ୍ରଥମ ମ୍ୟାଚ୍ ଜିତି ୨ ପଏଣ୍ଟ ହାସଲ କରିଛି । ଦଳର ନେଟ୍ ରନ୍ ରେଟ୍ +୩.୮୦୦ରେ ପହଞ୍ଚିଛି । ଟିମ୍ ଇଣ୍ଡିଆକୁ ୭୬ ରନ୍‌ରେ ପରାସ୍ତ କରିଛି । ସୁପର-୮ ପ୍ରଥମ ମ୍ୟାଚ୍‌ରେ ହାରିବାପରେ ଭାରତ ପଏଣ୍ଟ ଖାଲା ଖୋଲିନାହିଁ । ନେଟ୍ ରନ୍ ରେଟ୍ -୩.୮୦୦ ରହିଛି । ଯାହା ଖରାପ ସ୍ଥିତି । ଜିମ୍ବାୱେ ଏବଂ ୱେଷ୍ଟଇଣ୍ଡିଜ ମ୍ୟାଚ୍ ଖେଳିନାହାନ୍ତି । ସେମାନଙ୍କ ପଏଣ୍ଟ ଏବଂ ରନ ରେଟ୍ ଶୂନ୍ୟ ରହିଛି ।

ଭାରତ ପାଇଁ କଣ ମୁସ୍କିଲ- ଏହି ଗ୍ରୁପରୁ ଦୁଇଟି ଟିମ୍ ସେମିଫାଇନାଲ ପାଇଁ ଉତୀର୍ଣ୍ଣ ହେବେ । ଯଦି ଭାରତ ତାର ପରବର୍ତ୍ତୀ ୨ଟି ମ୍ୟାଚ୍ ଜିମ୍ବାୱେ ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷରେ ବଡ଼ ବିଜୟ ହାସଲ କରିବାକୁ ପଡିବ । ଏହା ସହିତ ବାକି ଟିମର ନେଟ୍ ରନ୍ ରେଟ୍ ଭଲ ନ ହେଉ । ଯଦି ଅନ୍ୟ ୩ ଦଳ ୨ଟି ଲେଖାଏଁ ବିଜୟ ହାସଲ କରନ୍ତି ତେବେ ରନ୍ ରେଟରେ ନିଷ୍ପତ୍ତି ହେବ । ଏମିତିରେ ଭାରତର ଏହି ଖରାପ ରନ୍ ରେଟ୍ ତାକୁ କ୍ଷତି ପହଞ୍ଚାଇପାରେ । ପ୍ରଥମ ସେମି ମାର୍ଚ୍ଚ ୪ ଏବଂ ଦ୍ୱିତୀୟ ସେମି ୫ ତାରିଖରେ ଖେଳାଯିବ । ମାର୍ଚ୍ଚ ୮ରେ ଟି-ଟ୍ୱେଣ୍ଟି ବିଶ୍ୱକପର ସେମି ଫାଇନାଲ ଖେଳାଯିବ ।

## ବୁମରା ରଚିଲେ ଇତିହାସ

ନୂଆଦିଲ୍ଲୀ, ୨୩।୨ : ଟି-୨୦ ବିଶ୍ୱକପରେ ରେକର୍ଡ କଲେ ବୁମରା। ଭାରତ ପକ୍ଷରୁ ସର୍ବାଧିକ ୱିକେଟ୍ ନେବାର ରେକର୍ଡ କରିଛନ୍ତି । ଟି-୨୦ ବିଶ୍ୱକପରେ ଅଶ୍ୱିନୀ ଏବଂ ଅର୍ଶଦୀପ ୩୨ ଲେଖାଏଁ ୱିକେଟ ଅକ୍ତିଆର କରି ଆଗରେ ରହିଥିଲେ। ଏବେ ଏହି ରେକର୍ଡକୁ ନିଜ ନାମରେ କରିଛନ୍ତି ବୁମରା ।ଦକ୍ଷିଣଆଫ୍ରିକା ବିପକ୍ଷ ସୁପର-୮ ମୁକାବିଲାରେ ବୁମରା ୩ ୱିକେଟ୍ ଅକ୍ତିଆ କରିଥିବାବେଳେ ସର୍ବାଧିକ ୩୩ ୱିକେଟ୍ ହୋଇଛି । ଅଭିଜ୍ଞ ରବିଚନ୍ଦ୍ରନ ଅଶ୍ୱିନୀ ଭାରତ ପାଇଁ ଟି-୨୦ ବିଶ୍ୱକପରେ ୩୨ ୱିଟେ୍ ଅକ୍ତିଆର କରିଥିବାବେଳେ ବହୁତ କମ ଦିନରେ ଅର୍ଶଦୀପ ତାଙ୍କ ରେକର୍ଡର ସମକକ୍ଷ ହୋଇଥିଲେ । ଏବେ ବୁମରା ଏହାକୁ ପଛରେ ପକାଇଛନ୍ତି ।ତେବେ ଏହି ତାଲିକାର ଚତୁର୍ଥ ସ୍ଥାନରେ ରହିଛନ୍ତି ହାର୍ଦ୍ଦିକ ପାଣ୍ଡ୍ୟା । ସେ ୨୯ ୱିକେଟ ଅକ୍ତିଆର କରିଛନ୍ତି । ଜଣେ ଦକ୍ଷ ଅଲରାଉଣ୍ଡର ଭାବେ ସେ ଦମଦାର ପ୍ରଦର୍ଶନ କରୁଥିବାବେଳେ ଆଜିର ମ୍ୟାଚ୍‌ରେ ସେ ଗୋଟିଏ ବି ୱିକେଟ ନେଇପାରିନାହାନ୍ତି ।

## ଚେନ୍ନାଇ ଗ୍ରାଉଣ୍ଡରେ ହୋଇପାରେ ପରିବର୍ତ୍ତନ

ନୂଆଦିଲ୍ଲୀ, ୨୩।୨: ଟି-୨୦ ବିଶ୍ୱକପର ସୁପର ୮ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ଟିମ ଇଣ୍ଡିଆ ପରାଜୟ ବରଣ କରିଛି। ରବିବାର ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ଭାରତକୁ ୭୬ ରନରେ ପରାସ୍ତ କରିଛି। ଏବେ, ସେମିଫାଇନାଲରେ ପହଞ୍ଚିବା ପାଇଁ ଭାରତକୁ ଏହାର ବାକି ଦୁଇଟି ମ୍ୟାଚ୍ ଜିତିବାକୁ ପଡିବ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ପରାଜୟ ପରେ, ଟିମ ଇଣ୍ଡିଆର ପ୍ଲେଇଂ ଇଲେଭେନରେ କିଛି ପରିବର୍ତ୍ତନ ହୋଇପାରେ।

ଭାରତର ପରବର୍ତ୍ତୀ ମ୍ୟାଚ୍ ଜିମ୍ବାୱେ ବିପକ୍ଷରେ ହେବ। ଏହି ମ୍ୟାଚ୍ ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯିବ। ଜିମ୍ବାୱେ ଏକ ଛୋଟ ଦଳ ହୋଇଥିଲେ ମଧ୍ୟ ସେମାନେ ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ ଏବଂ ଶ୍ରୀଲଙ୍କା ଭଳି ପ୍ରମୁଖ ଦଳକୁ ପରାସ୍ତ କରି ସୁପର ୮ରେ ପହଞ୍ଚିଛନ୍ତି। ତେଣୁ, ଭାରତୀୟ ଦଳ ଜିମ୍ବାୱେକୁ ହାଲୁକା ଭାବରେ ନେବାକୁ ଚାହିଁବ ନାହିଁ।



ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମର ପିଚ୍ ସ୍ପିନରଙ୍କ ପାଇଁ ଅନୁକୂଳ ବୋଲି ବିବେଚନା କରାଯାଏ। ଏଠାରେ ସ୍ପିନରମାନେ ପ୍ରାଧାନ୍ୟ ବିସ୍ତାର କରନ୍ତି। ତେଣୁ, ଟିମ ଇଣ୍ଡିଆ ତିନି ଜଣ ସ୍ପିନରଙ୍କୁ ଫିଲ୍ଡ କରିପାରେ। ଏହା ବ୍ୟତୀତ, ଅକ୍ଷର ପଟେଲ ମଧ୍ୟ ଦଳକୁ ଫେରିବା ଆଶା କରାଯାଉଛି। ତାଙ୍କ ସ୍ଥାନରେ ୱାଶିଂଟନ ସୁନ୍ଦରଙ୍କୁ ବିଚାର କରାଯାଉଥିଲା, କିନ୍ତୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପରାଜୟ ପରେ, ଅକ୍ଷରଙ୍କ ପ୍ରତ୍ୟାବର୍ତ୍ତନ ଏବେ ନିଶ୍ଚିତ ବୋଲି ବିବେଚନା କରାଯାଉଛି।

୨୦୨୬ ଟି୨୦ ବିଶ୍ୱକପ ଅଭିଷେକ ଶର୍ମାଙ୍କ ପାଇଁ ଏକ ଦୁଃସ୍ୱପ୍ନ ହୋଇଛି। ସେ ଏପର୍ଯ୍ୟନ୍ତ ଆଶାନୁରୂପ ପ୍ରଦର୍ଶନ କରିନାହାଁନ୍ତି। ସଞ୍ଜୁ ସାମସନଙ୍କ ସ୍ଥାନରେ ଅଭିଷେକଙ୍କୁ ନେବା ପାଇଁ ଏବେ ଡାକରା ଆସୁଛି। ତଥାପି, ଦଳ ପରିଚାଳନା ଅଭିଷେକଙ୍କ ଉପରେ ବିଶ୍ୱାସ କରିପାରେ। ଏପରି ପରିସ୍ଥିତିରେ ସାମସନଙ୍କୁ ଅଧିକ ସମୟ ଅପେକ୍ଷା କରିବାକୁ ପଡିବ। ବର୍ତ୍ତମାନ ଦୁଇଟି ପରିବର୍ତ୍ତନ ହେବାର ସମ୍ଭାବନା ଅଛି। ଅକ୍ଷର ପଟେଲ ଏବଂ କୁଲଦୀପ ଯାଦବଙ୍କ ପ୍ରତ୍ୟାବର୍ତ୍ତନ ନିଶ୍ଚିତ ବୋଲି ବିବେଚନା କରାଯାଉଛି।

ଜିମ୍ବାୱେ ବିପକ୍ଷରେ ଭାରତର ସମ୍ଭାବ୍ୟ ପ୍ଲେଇଂ ଇଲେଭେନ: ଅଭିଷେକ ଶର୍ମା, ଇଶାନ କିଷାନ, ତିଲକ ବର୍ମା, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶିବମ ଦୁବେ, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, କୁଲଦୀପ ଯାଦବ/ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ଅର୍ଶଦୀପ ସିଂହ ଏବଂ ଜସପ୍ରିତ ବୁମ୍‌ରା।

## ଖରାପ ଫର୍ମ ପ୍ରଦର୍ଶନ ହୋଇପାରେ ମହଙ୍ଗା

ନୂଆଦିଲ୍ଲୀ, ୨୩।୨: ଭାରତୀୟ ଦଳ ଟି-୨୦ ବିଶ୍ୱକପ ୨୦୨୬ ସୁପର ୮ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପରାଜୟ ବରଣ କରିଥିଲା। ଦକ୍ଷିଣ ଆଫ୍ରିକା ଭାରତକୁ ୭୬ ରନରେ ପରାସ୍ତ କରି ସେମିଫାଇନାଲ ପୂର୍ବରୁ ଟିମ ଇଣ୍ଡିଆକୁ ଚେତାବନୀ ଦେଇଛି। ତିନି ଜଣ ଭାରତୀୟ ଖେଳାଳିଙ୍କ ଖରାପ ଫର୍ମ ଟିମ ଇଣ୍ଡିଆର ଟେନସନ ବଢ଼ାଇ ଦେଇଛି। ଟିମ ଇଣ୍ଡିଆକୁ ଏହାର ପ୍ଲେଇଂ ଇଲେଭେନରେ ତିନୋଟି ପରିବର୍ତ୍ତନ କରିବାକୁ ପଡିବ। ଅଭିଷେକ ଶର୍ମାଙ୍କୁ ବାଦ୍ ଦିଆଯାଇ ସଞ୍ଜୁ ସାମସନଙ୍କୁ ସୁଯୋଗ ଦିଆଯିବା ଉଚିତ। ସେହିପରି ୱାଶିଂଟନ ସୁନ୍ଦରଙ୍କୁ ଅକ୍ଷର ପଟେଲଙ୍କ ସ୍ଥାନରେ ସ୍ଥାନ ଦିଆଯିବା ଉଚିତ। ରିଙ୍କୁ ସିଂହଙ୍କ ସ୍ଥାନରେ କୁଲଦୀପ ଯାଦବଙ୍କୁ ମଧ୍ୟ ସୁଯୋଗ ଦିଆଯିବା ଉଚିତ। କୁଲଦୀପ ଜଣେ ଉଇକେଟ୍ ନେଉଥିବା ବୋଲର ଏବଂ ଟିମ ଇଣ୍ଡିଆ ପାଇଁ ଚମତ୍କାର ପ୍ରଦର୍ଶନ କରିପାରିବେ। ଭାରତର ପରବର୍ତ୍ତୀ ମ୍ୟାଚ୍ ଫେବୃଆରୀ ୨୬ରେ ଚେନ୍ନାଇରେ ଜିମ୍ବାୱେ ବିପକ୍ଷରେ। ସେମିଫାଇନାଲ ଦୌଡ଼ରେ ରହିବା ପାଇଁ, ଟିମ ଇଣ୍ଡିଆକୁ ଯେକୌଣସି ମୂଲ୍ୟରେ ଏହି ମ୍ୟାଚ୍ ଜିତିବାକୁ ପଡିବ।

## ଟିମ୍ ଇଣ୍ଡିଆର ଲଜ୍ଜାଜନକ ରେକର୍ଡ

ନୂଆଦିଲ୍ଲୀ, ୨୩।୨: ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟିମ୍ ଇଣ୍ଡିଆ ୭୬ ରନରେ ଶୋଚନୀୟ ପରାଜୟ ବରଣ କରିଛି । ଦକ୍ଷିଣ ଆଫ୍ରିକାର ୧୮୭ ରନର ଜବାବରେ ଭାରତୀୟ ଦଳ ମାତ୍ର ୧୧୧ ରନରେ ପତନ ଘଟିଛି । ଏହି ପରାଜୟ ମଧ୍ୟରେ, ଟିମ୍ ଇଣ୍ଡିଆ ଆଉ ଏକ ଲଜ୍ଜାଜନକ ରେକର୍ଡ ସ୍ଥାପନ କରିଛି । ଏହି ଟି-୨୦ ବିଶ୍ୱକପରେ ଭାରତୀୟ ଖେଳାଳିମାନେ ୦ ରନରେ ସର୍ବାଧିକ ଆଉଟ୍ ହେବାର ରେକର୍ଡ ରଖିଛନ୍ତି ।

ବିଶ୍ୱର ନମ୍ବର ୧ ଟି-୨୦ ଦଳର ଖେଳାଳିମାନେ ମୋଟ ୧୧ଥର ଶୂନ୍ୟରେ ଆଉଟ ହୋଇଛନ୍ତି । ଅଭିଷେକ ଶର୍ମା ସର୍ବାଧିକ ଥର (ତିନିଥର) ଶୂନ୍ୟରେ ଆଉଟ ହୋଇଛନ୍ତି । ଅକ୍ଷର ପଟେଲ ଦୁଇଥର ଶୂନ୍ୟରେ ଆଉଟ ହୋଇଛନ୍ତି। ଶିବମ୍ ଦୁବେ, ଇଶାନ କିଷନ, ହାର୍ଦ୍ଦିକ ପାଣ୍ଡ୍ୟା, ବରୁଣ ଚକ୍ରବର୍ତ୍ତୀ ଏବଂ ରିଙ୍କୁ ସିଂହ ପ୍ରତ୍ୟେକ ଥରେ ଶୂନ୍ୟରେ ଆଉଟ ହୋଇଛନ୍ତି। ଜସପ୍ରିତ ବୁମରାହ ମଧ୍ୟ ଥରେ ଶୂନ୍ୟରେ ଆଉଟ ହୋଇଛନ୍ତି । ଏହି କ୍ଷେତ୍ରରେ ଟିମ୍ ଇଣ୍ଡିଆ ଇଟାଲୀ ଏବଂ ଓମାନ ଭଳି ଦଳକୁ ପଛରେ ପକାଇ ଦେଇଛି । ଇଟାଲୀର ଖେଳାଳିମାନେ ଆଠ ଥର ଶୂନ୍ୟରେ ଆଉଟ ହୋଇଥିଲେ, ଯେତେବେଳେ ଓମାନର ଖେଳାଳିମାନେ ସାତ ଥର ଶୂନ୍ୟରେ ଆଉଟ ହୋଇଥିଲେ। ପାକିସ୍ତାନର ମୋଟ ଛଅ ଥର ଡକ୍ ଅଛି ।ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟିମ୍ ଇଣ୍ଡିଆ ସମ୍ପୂର୍ଣ୍ଣ ବିଫଳ ହୋଇଥିଲା। ଏହି ମ୍ୟାଚ୍‌ରେ ଏହାର ତିନି ଜଣ ବ୍ୟାଟ୍ସମ୍ୟାନ୍ ଖାତା ଖୋଲିପାରି ନଥିଲେ। ଇଶାନ୍ କିଶାନ୍, ରିଙ୍କୁ ସିଂହ ଏବଂ ଜସପ୍ରିତ ବୁମରାହ ଶୂନ୍ୟରେ ଆଉଟ୍ ହୋଇଥିଲେ। ଅହମ୍ମଦାବାଦରେ ଭାରତ ମାତ୍ର ୧୧୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା, ଯାହା ଫଳରେ ସେମାନଙ୍କର ନେଟ୍ ରନ୍ ରେଟ୍ ହ୍ରାସ ପାଇଥିବାରୁ ସେମିଫାଇନାଲ୍‌ରେ ପହଞ୍ଚିବା କଷ୍ଟକର ହୋଇଯାଇଥିଲା।ଏବେ, ଭାରତୀୟ ଦଳକୁ ପରବର୍ତ୍ତୀ ଦୁଇଟି ମ୍ୟାଚ୍‌କୁ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନରେ ଜିତିବାକୁ ପଡ଼ିବ । ଭାରତ ପରବର୍ତ୍ତୀ ମ୍ୟାଚ୍‌ରେ ଜିମ୍ବାୱେ ଏବଂ ଫାଇନାଲ୍‌ରେ ୱେଷ୍ଟଇଣ୍ଡିଜ୍ ସହିତ ଖେଳିବ। ତଥାପି, ଯଦି ଦକ୍ଷିଣ ଆଫ୍ରିକା ଏହାର ତିନୋଟି ମ୍ୟାଚ୍ ଜିତିଯାଏ, ତେବେ ନେଟ୍ ରନ୍ ରେଟ୍ ସମସ୍ୟାର ସମାଧାନ ହୋଇଯିବ। ଯଦି ଦକ୍ଷିଣ ଆଫ୍ରିକା ୱେଷ୍ଟଇଣ୍ଡିଜ୍ ଏବଂ ଜିମ୍ବାୱେ ଉଭୟକୁ ପରାସ୍ତ କରେ ଏବଂ ଟିମ୍ ଇଣ୍ଡିଆ ତା'ପରେ ଉଭୟ ମ୍ୟାଚ୍ ଜିତିଯାଏ, ତେବେ ୱେଷ୍ଟଇଣ୍ଡିଜ୍ ଏବଂ ଜିମ୍ବାୱେ ଉଭୟ ସୁପର ୮ରୁ ବାଦ ପଡ଼ିଯିବ ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _
Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ